READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୩୬ ୧୯ - ୨୫ ସେପ୍ଟେମ୍ବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-36 19th - 25th SEPTEMBER, 2022 BHUBANESWAR ₹ 5/- (8 Pages)


### ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଚେତାବନୀ

## ସାରା ବିଶ୍ୱରେ କ୍ଷୁଧାର ସୁନାମି



**ନୂଆଦିଲ୍ଲୀ :** ବାରମ୍ବାର ପ୍ରାକୃତିକ ଦୁର୍ବିପାକର ଶିକାର ହେଉଥିବା କିଛି ଦେଶରେ ଅବସ୍ଥା ସଂକଟାପନ୍ନ ହୋଇଛି। ଗତ ଦଶନ୍ଧିରେ ଏହି ଦେଶଗୁଡ଼ିକରେ ଭୋକିଲା ଲୋକଙ୍କ ସଂଖ୍ୟା ଏତେ ମାତ୍ରାରେ ଦେଖାଦେଇଛି ଯେ ଲୋକେ ଭୋକ ଉପାସରେ ଜୀବନ ହାରୁଛନ୍ତି। ଅକ୍ସଫାମର ଏକ ଗବେଷଣା ରିପୋର୍ଟରେ ଏହି ସୂଚନା ମିଳିଛି। କେବଳ ସେତିକି ନୁହେଁ, ବିକାଶୀଳ ଦେଶଗୁଡ଼କ ଏହି ଦେଶକୁ ଦେଉଥିବା ସହଯୋଗରେ ମଧ୍ୟ କାଟ କରିଛନ୍ତି। ଫଳରେ ଗତ ୬ ବର୍ଷରେ ଏହି ଦେଶଗୁଡ଼ିକରେ ଭୋକର ସ୍ଥିତି ଗମ୍ଭୀର ହୋଇଛି ବୋଲି ଅକ୍ସଫାମ ରିପୋର୍ଟେର ଦର୍ଶାଇଛି। ଆଉ ଏହିସବୁର କାରଣ ପଛରେ ରହିଛି ପାଣିପାଗଜନିତ ସମସ୍ୟା। ଯାହା ପ୍ରଦୂଷିତ ରାଷ୍ଟ୍ରଗୁଡିକ ଦ୍ୱାରା ହେଉଛି। ଶିଳ୍ପସମ୍ବଳିତ ବିକଶିତ ରାଷ୍ଟ୍ରଗୁଡିକ ଅଧିକ ପ୍ରଦୂଷଣ କରୁଛନ୍ତି। ହେଲେ ଏହାର ପରିଣାମ ଭୋଗୁଛନ୍ତି କମ୍ ପ୍ରଦୂଷିତ ଗରିବ ରାଷ୍ଟ୍ର। ଏ ନେଇ ଅକ୍ସଫାମ ପକ୍ଷରୁ ହୋଇଥିବା ଗବେଷଣା 'ହଙ୍ଗର ଇନ୍ ଏ ହିଟିଂ ଓ୍ୱାର୍ଲ୍ଡ' ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ପ୍ରାକୃତିକ ବିପର୍ଯ୍ୟୟ ଓ ବିକାଶଶୀଳ ଦେଶଗୁଡିକର ସହାୟତା କାଟ ଯୋଗୁ ଗତ ୬ ବର୍ଷରେ ୧୦ଟି ଦେଶରେ ୧୨୩ ପ୍ରତିଶତ ଖଦ୍ୟାଭାବ(ଭୋକିଲାଙ୍କ ସଂଖ୍ୟା) ଦେଖାଦେଇଛି। ଏହି ଦେଶଗୁଡ଼ିକ ମଧ୍ୟରେ ସୋମାଲିଆ, ହାଇତି, ଜିବୁତି, କେନିଆ, ନାଇଜେରିଆ, ଆଫଗାନିସ୍ତାନ, ଗ୍ୱାଟେମାଲା, ମାଡାଗାସ୍କା, ବୁର୍କିନା ଫାସୋ ଏବଂ ଜିମ୍ବାୱେ ରହିଛି। ଏହି ଦେଶଗୁଡ଼ିକ ଗତ ଦୁଇ ଦଶନ୍ଧିରେ ପ୍ରକୃତିର ଅତି ଭୟଙ୍କର ରୂପ ଦେଖିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅର୍ଥାତ୍ ଓ୍ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ଦ୍ୱାରା ସଂକଳିତ ଏକ ହିସାବ ଅନୁସାରେ, ଏହି ଦେଶଗୁଡ଼ିକରେ ୪୮ ମିଲିୟନ ଲୋକେ ଭୟଙ୍କର ଭୋକର ଶିକାର ହୋଇଛନ୍ତି। ଯାହା ୨୦୧୬ରେ ୨୧ ମିଲିୟନ ଥିଲା ଓ ୧୮ ମିଲିୟନ ଭୋକରେ ପ୍ରାଣ ହରାଇବା ସ୍ଥିତିରେ ଥିଲେ। ପାଣିପାଗରେ ପରିବର୍ତ୍ତନ ସମସ୍ୟା ଯୋଗୁ ଜୀବନ ଓ ଜୀବୀକା ବଞ୍ଚାଇବାରେ ସମସ୍ୟାକୁ ନେଇ ତୀବ୍ର ଭୋକର ଅର୍ଥ ନିର୍ଦ୍ଧାରଣ କରାଯାଇଛି। ଏହି ଦେଶଗୁଡ଼ି ପୂର୍ବରୁ ହିଁ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଆସୁଛନ୍ତି ବୋଲି ଅକ୍ସଫାମ ଆମେରିକାର ବରିଷ୍ଠ ମାନବିକତା ନୀତି ➤ ପୃ-୬

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କଲେ ୫-ଟି ସଚିବ, ଉତ୍ତର ରଖିଲେ ନବୀନ

## କାମ କଲେ ଥକ୍କା ଲାଗେନି



**ଭୁବନେଶ୍ୱର :** ଲୋକଙ୍କ ପାଇଁ କାମ କଲେ କଷ୍ଟ ଲାଗେନି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ ପାଣ୍ଡିଆନଙ୍କ ପ୍ରଶ୍ନରେ ଇଏ ଥିଲା ନବୀନଙ୍କ ଉତ୍ତର। ମୁମ୍ବାଇରେ ନିବେଶକଙ୍କ ସହିତ ଗୋଟିଏ ପରେ ଗୋଟିଏ ବୈଠକ କରି ଓଡିଶାରେ ପୁଞ୍ଜି ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ ନବୀନ। କୁହାଯାଉଛି ଗୋଟିଏ ଦିନରେ ଛୋଟ ବଡକୁ ମିଶାଇ ୧୮ଟି ବୈଠକ ମୁଖ୍ୟମନ୍ତ୍ରୀ କରିଥିଲେ। କିନ୍ତୁ ଏସବୁ ଭିତରେ ଏକ ରୋଚକ ଭିଡିଓ ସାମ୍ନାକୁ ଆସିଛି। କ୍ୟାମେରା ଫ୍ରେମରେ ଅଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ। ଏଥିରେ ରହିଛି ପାଣ୍ଡିଆନଙ୍କ ପ୍ରଶ୍ନ ଓ ନବୀନଙ୍କ ଉତ୍ତର। ପାଣ୍ଡିଆନ ପଚାରିଛନ୍ତି ଗୋଟିଏ ଦିନରେ ଆପଣ ୧୮ଟି ବୈଠକ କରୁଛନ୍ତି, ଆପଣ କ୍ଳାନ୍ତ ଅନୁଭବ କରୁ ନାହାନ୍ତି କି? ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଲୋକଙ୍କ ପାଇଁ କାମ କରିବା ସମୟରେ ମୋତେ କଷ୍ଟ ଅନୁଭବ ହୋଇନଥାଏ। ➤ ପୃ-୬

## ଧରାପଡିଲା ଚୀନ୍‌ର ଆତଙ୍କବାଦୀ ପ୍ରୀତି

### ଜାତିସଂଘରେ ପ୍ରସ୍ତାବକୁ ଅଟକାଇଲା




**ମିଳିତ ଜାତିସଂଘ:** ପୁଣିଥରେ ଚୀନ୍‌ର ଅସଲ ଚେହେରା ସାମ୍ନାକୁ ଆସିଛି। ମୁମ୍ବାଇ ୨୬/୧୧ ହମଲାରେ ସାମିଲ ଥିବା ଆତଙ୍କବାଦୀ ସାଜିଦ ମୀରକୁ କଳାତାଲିକାଭୁକ୍ତ କରିବାକୁ ଜାତିସଂଘରେ ଆସିଥିବା ପ୍ରସ୍ତାବକୁ ଚୀନ୍ ଅଟକାଇ ଦେଇଛି। ମୀରକୁ କଳାତାଲିକା ଭୁକ୍ତ କରି ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରିବାକୁ ଆମେରିକା ଓ ଭାରତ ସମେତ ଏକାଧିକ ରାଷ୍ଟ୍ର ପ୍ରସ୍ତାବ ଆଗତ କରିଥିଲେ। ହେଲେ ଚୀନ୍ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହୋଇଥିବାରୁ ଭିଟୋ ପ୍ରୟୋଗ କରି ଏହା ଉପରେ ରୋକ ଲଗାଇ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଜାତିସଂଘ ସୁରକ୍ଷା ପରିଷଦର ଅଲ କାଏଦା କଟକଣା କମିଟି ୧୨୬୭ ଅଧୀନରେ ଆମେରିକା ଓ ଭାରତ ସମର୍ଥନରେ ମୀରକୁ କଳା ତାଲିକାଭୁକ୍ତ କରିବାକୁ ପ୍ରସ୍ତାବ ଆସିଥିଲା। ଏହି ପ୍ରସ୍ତାବ ଦ୍ୱାରା ମୀରକୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରାଯିବା ସହ ତା'ର ସମ୍ପତ୍ତିକୁ ଜବତ ଓ ଯାତ୍ରା ଉପରେ ବ୍ୟାନ ଲଗାଯାଇଥାଆନ୍ତା। ହେଲେ ଚୀନ୍ ଏହି ପ୍ରସ୍ତାବକୁ ବିରୋଧ କରିଛି। ➤ ପୃ-୬

## 'ଆଧାର ସଂଯୋଗୀକରଣ ସାଧାରଣସେବା ପ୍ରଦାନକୁ ତ୍ୱରାନ୍ୱିତ କରିବ'



**ଭୁବନେଶ୍ୱର :** ଉତ୍ତମ ପ୍ରଶାସନ ଦିଗରେ ଅନ୍ୟଏକ ପଦକ୍ଷେପ ସ୍ୱରୂପ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଧାର ବ୍ୟବହାର ସଂପ୍ରସାରଣ ସମ୍ବନ୍ଧିତ କର୍ମଶାଳା ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ଏବଂ ଭାରତର ଏକକ ପରିଚୟ କର୍ତ୍ତୁପକ୍ଷକଙ୍କ ମିଳିତ ସହଯୋଗିତାରେ ରାଜ୍ୟ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଏହି ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାକୁ ଉଦ୍ଘାଟନ କରି ଶ୍ରୀ ମହାପାତ୍ର କହିଥିଲେ ଯେ ଆଧାର ନମ୍ବର ବ୍ୟବହାରର ସରଳୀକରଣ ନାଗରିକମାନଙ୍କ ଜୀବନ ଧାରାକୁ ସହଜ କରିବା ସହିତ ବିଭିନ୍ନ ପ୍ରକାର ସାଧାରଣ ସେବା ପ୍ରଦାନକୁ ଅଧିକ ତ୍ୱରାନ୍ୱିତ କରିବ। ଏହାର ବ୍ୟବହାର ଦ୍ୱାରା ବହୁ ସଂଖ୍ୟକ ଲୋକଙ୍କୁ ଏକ ସମୟରେ ସଠିକ୍ ଓ ସମୟାନୁବନ୍ଧିତ ସେବା ଯୋଗାଯାଇ ପାରିବ। ସକ୍ରିୟ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ସେବା ପ୍ରଦାନ ସହ ଆଧାର ସଂଯୋଗୀକରଣ ସମ୍ବନ୍ଧୀୟ ପ୍ରଶ୍ନର ସମାଧାନ କରିବା ପାଇଁ କର୍ମଶାଳାରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଆଧାରରେ ସନ୍ନିବଶିତ ତଥ୍ୟ ଏବଂ ବାଇଓମେଟ୍ରିକ୍ ଛାପ ଆଦିକୁ ନିୟମିତ ସମୟ ବ୍ୟବଧାନରେ ଅପଡେଟ୍ କରିବା ପାଇଁ ମଧ୍ୟ ଆଧାର କର୍ତ୍ତୁପକ୍ଷଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ଏହାଦ୍ୱାରା ତଥ୍ୟଭିତ୍ତି ସଦ୍ୟତନ ରହିବ ଏବଂ ଆଧାର ନମ୍ବର ମାଧ୍ୟମରେ ନାଗରିକ ଚିହ୍ନଟକରଣ ସଠିକ୍ ହେବ। ବିଶେଷତଃ ଛୋଟ ପିଲାମାନଙ୍କ ନାମରେ ହୋଇଥିବା ବାଇମେଟ୍ରିକ୍ର ନିୟମିତ ସମୟାନ୍ତରରେ ସଦ୍ୟତନ ଦେବାର ଆବଶ୍ୟକତା ଅଧିକ। ନବଜାତ ଶିଶୁ ଏବଂ ଆଧାର କେନ୍ଦ୍ରକୁ ଆସି ପାରିନଥିବା ଦିବ୍ୟାଙ୍ଗ ବା ନିଃସହାୟ ବୃଦ୍ଧ ବ୍ୟକ୍ତିମାନଙ୍କ ଆଧାର ପଞ୍ଜୀକରଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ। ଗ୍ରାମ, ଓ୍ୱାର୍ଡ୍, ଗ୍ରାମ ପଞ୍ଚାୟତ ଆଦି ସ୍ତରରେ କାର୍ଯ୍ୟ କରୁଥିବା 'ମୋ ସେବା କେନ୍ଦ୍ର' ଗୁଡିକରେ ଆଧାର ପଞ୍ଜୀକରଣ ଏବଂ ସଂଶୋଧନ ➤ ପୃ-୬

## ଭାରତରେ ପହଞ୍ଚିଲେ ୮ ଚିତା



**ଭୋପାଳ :** ଦୀର୍ଘ ୭୦ ବର୍ଷ ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିଛି। ଭାରତରୁ ବିଲୁପ୍ତ ହୋଇ ସାରିଥିବା ଚିତା ବାଘ ପୁଣି ଦେଶର ଜଙ୍ଗଲରେ ଦୌଡ଼ିବେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ନାମିବ୍ୟାରୁ ସ୍ୱତନ୍ତ୍ର ବିମାନରେ ଆସୁଥିବା ୮ଟି ଚିତା ବାଘ ମଧ୍ୟପ୍ରଦେଶର ଗ୍ୱାଲିୟରରେ ଲ୍ୟାଣ୍ଡ କରିଥିଲା। ଶନିବାର ସକାଳ ପ୍ରାୟ ୮ଟା ବେଳେ ସ୍ୱତନ୍ତ୍ର ବିମାନ ଗ୍ୱାଲିୟରରେ ଥିବା ବାୟୁସେନା ବେସ୍‌ରେ ପହଞ୍ଚିଥିଲା। ଏଠାରୁ ବାୟୁସେନାର ଅତ୍ୟାଧୁନିକ ଚିନୁକ ହେଲିକପ୍ଟର ଯୋଗେ ସମସ୍ତ ଚିତା ବାଘଙ୍କୁ ମଧ୍ୟପ୍ରଦେଶର ➤ ପୃ-୬

### ବକ୍ରବାଣୀ



ଭୋଅଟ୍ ଆଇଲେ ଯାତେରା ହୁଏ
କିଏ କେତେ ମିଛ ଗପ ଶୁଣାଏ
ମନେ ପଡ଼ିଯାଏ ବେକାରୀ କଥା
ମିଛ ଗପ ଶୁଣି ଘୁରାଏ ମଥା
ମୁମ୍ୱେଇ ଦ୍ୱିଲ୍ଲୀରେ ବୈଠକ ବସେ
ମିଛରେ ପ୍ରୋଜେକ୍ଟ ଓଡିଶା ଆସେ
କୁହନ୍ତି ଚାକିରୀ ପୁଳାଏ ଦବୁ
ଭୋଅଟ ସଇଲେ ଭୁଲନ୍ତି ସବୁ
ବେକାରୀ ଯାଆନ୍ତି ଦାଦନ ଖଟି
ଟଙ୍କା କେଇଟାରେ ଖଟନ୍ତି ବେଠି

——— ଟୁଟୁ

### ମୋଦି-ପୁଟିନ ଦ୍ୱିପାକ୍ଷିକ ଆଲୋଚନା

## 'ଏବେ ଯୁଦ୍ଧର ସମୟ ନୁହେଁ'



**ନୂଆଦିଲ୍ଲୀ :** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଉଜବେକିସ୍ତାନ ସମରକନ୍ଦରେ ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଭାରତ-ରୁଷ୍ ମଧ୍ୟରେ ସଂପର୍କ କେତେ ସୁଦୃଢ଼ ତାହା ସାରା ଦୁନିଆ ଜାଣିଛି। ଆଗାମୀ ଦିନରେ ଦୁଇ ରାଷ୍ଟ୍ରର ସଂପର୍କ ଅଧିକ ଘନିଷ୍ଠ ହେବ। ପୁଟିନଙ୍କୁ ମୋଦି କହିଥିଲେ ଯେ, ଆପଣଙ୍କର-ମୋର ରାଜନୈତିକ ଜୀବନ ପ୍ରାୟ ଏକା ସମୟରେ ଆରମ୍ଭ ହୋଇଥିଲା। ସେହିନରି ୟୁକ୍ରେନ ଯୁଦ୍ଧ ବିଷୟରେ ମଧ୍ୟ ଆଲୋଚନା ହୋଇଛି । ଯୁଦ୍ଧ କାଳରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ରୁଷ ସହଯୋଗ କରିଥିବାରୁ ମୋଦି ଧନ୍ୟବାଦ ଦେଇଥିଲେ। ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଦୁଇ ନେତାଙ୍କ ମଧ୍ୟରେ ମୁହାଁମୁହିଁ ସାକ୍ଷାତ ହୋଇଛି। ୟୁକ୍ରେନ ଯୁଦ୍ଧ ଶୀଘ୍ର ଶେଷ ହେଉ ବୋଲି ରୁଷ୍ ରାଷ୍ଟ୍ରପତି କହିଛନ୍ତି। ସେ କହିଛନ୍ତି ଯେ, ଆମେ ଚାହୁଁଛୁ ଏସବୁ ସରୁ। ➤ ପୃ-୬

### ରେରା ନିୟମାବଳୀ-୨୦୧୭ରେ ସଂଶୋଧନ

## ଏଣିକି ହୋଇପାରିବ ଆପାର୍ଟମେଣ୍ଟ କିଣାବିକା




**ଭୁବନେଶ୍ୱର :** ଅଗଷ୍ଟ ୫ ତାରିଖରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ରାଜ୍ୟରେ ଆପାର୍ଟମେଣ୍ଟ ଖରିଦ-ବିକ୍ରିରେ ରୋକ ଲାଗିଯାଇଥିଲା। ରାଜ୍ୟ ସରକାର ଏବେ ରେରା ନିୟମାବଳୀ-୨୦୧୭ରେ ସଂଶୋଧନ ଆଣି ବିଜ୍ଞପ୍ତି ପ୍ରକାଶ କରିଥିବାରୁ ପୁଣି ଥରେ ଫ୍ଲାଟ କିଣାବିକା ହୋଇପାରିବ। ତେବେ ପ୍ରମୋଟରମାନେ ଓରେରା (ଓଡ଼ିଶା ରିଏଲ ଇଷ୍ଟେଟ ଅଥରିଟି)ଙ୍କ ନିୟମ ପୂରଣ ନ କରି ଫ୍ଲାଟ ବା ଆପାର୍ଟମେଣ୍ଟ କିଣା-ବିକା କରିପାରିବେ ନାହିଁ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରେରା ନିୟମାବଳୀ-୨୦୧୭କୁ ଅଧିକ ସୁସଂଗତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ସେପ୍ଟେମ୍ବର ୧୨ ତାରିଖରେ ସଂଶୋଧିତ ନିୟାମାବଳୀ-୨୦୨୨ ଗେଜେଟ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଓଡ଼ିଶା ରିଅଲ ଇଷ୍ଟେଟ୍ (ନିୟମାବଳୀ ଏବଂ ବିକାଶ) ସଂଶୋଧିତ ନିୟମ-୨୦୨୨ରେ ଗ୍ରାହକଙ୍କ ପାଇଁ ବ୍ୟାପକ ସୁବିଧା କରାଯାଇଛି। ଯେପରି ରିଅଲ ଇଷ୍ଟେଟ୍ ସଂସ୍ଥା କ୍ରେତାଙ୍କୁ ଅତିରିକ୍ତ ଦେୟ ଚାର୍ଜ କରି ଠକି ପାରିବେନି ସେନେଇ ନିୟମରେ ସଂଶୋଧନ ଅଣାଯାଇଛି। ସେମାନେ ଘର ବା ପ୍ରକଳ୍ପ ତିଆରି ପରେ କୌଣସି ଡେଭଲପମେଣ୍ଟ ଚାର୍ଜ ନେଇପାରିବେ ନାହିଁ। ରିଅଲଇଷ୍ଟେଟ୍ ସଂସ୍ଥା ଘରର ନିର୍ମାଣ ଖର୍ଚ୍ଚ, ଟିକସକୁ ମିଶାଇ ଘରର ମୂଲ୍ୟ ଧାର୍ଯ୍ୟ କରିବେ। ➤ ପୃ-୬






### ମନ୍ଥର ଗତିରେ ଚାଲିଛି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ

## ଦୃଷ୍ଟି ଦେବେ କି ୫-ଟି' ସଚିବ ?



**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଦୀର୍ଘ ୨ବର୍ଷ ଧରି କୋଭିଡ କଟକଣା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦଥିବା ବେଳେ ଚଳିତବର୍ଷ ଜନସାଧାରଣଙ୍କ ନିମନ୍ତେ ଏହା ଖୋଲାଯାଇଥିଲା। ଜନସାଧାରଣମାନେ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ଥାନା ମାନଙ୍କରେ ସଠିକ୍ ନ୍ୟାୟ ନପାଇ ପାରୁଥିବାରୁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଜର ଗୁହାରି ଜଣାଇବାକୁ ଆସି ନ୍ୟାୟ ପାଇବାର ଆଶାରେ ରହିଥିଲେ, ହେଲେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଦିନକୁ ଦିନ ମନ୍ଥର ଗତିରେ ଚାଲୁଥିବାର ଦେଖାଯାଉଛି। ଏପରିକି ଜିଲ୍ଲାପାଳ ସମସ୍ତ ଶିବିରରେ ଉପସ୍ଥିତ ରହୁଥିବା ବେଳେ ବହୁ ବିଭାଗୀୟ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହୁନଥିବାର ଦେଖିବାକୁ ମିଳିଛି। ଯାହାଫଳରେ ଜନସାଧାରଣଙ୍କୁ ନ୍ୟାୟ ମିଳିପାରୁନାହିଁ। ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲାପାଳ ଜନସାଧାରଣଙ୍କ ଗୁହାରି ଶୁଣି ସେମାନଙ୍କ ଅଭିଯୋଗକୁ ଯେଉଁ ଅଧିକାରୀମାନଙ୍କ ନିକଟକୁ ପଠାଇ ଦେଉଛନ୍ତି ତାହାର ତଦନ୍ତ ମଧ୍ୟ ସଠିକ୍ ଭାବେ ହେଉନାହିଁ କି ଅଭିଯୋଗକାରୀଙ୍କୁ ତାହାର ଗୁହାରି ବାବଦରେ ଜଣାଇ ଦିଆଯାଉନାହିଁ। ଫଳରେ ଏପରି ଢଙ୍ଗରେ ଯେଉଁ ଅଭିଯୋଗ ପ୍ରକୋଷ୍ଠ ଚାଲୁଛି ସେଥିରେ ଜନସାଧାରଣଙ୍କୁ ବିଭିନ୍ନ ସ୍ଥାନକୁ ଦୌଡିବାକୁ ପଡୁଛି। ଅଭିଯୋଗ କାରିଙ୍କ ଗୁହାରି ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସୂଚନା ଅଧିକାର ଆଇନ ବଳରେ ସୂଚନା ମଗାଗଲେ ବି ଜିଲ୍ଲାପାଳଙ୍କ ଜନସୂଚନା ଅଧିକାରୀ ଏହାର ଉତର ପ୍ରଦାନ କରୁନାହାଁନ୍ତି। ତେଣୁ ଏପରି ଜନଶୁଣାଣି କାହିଁକି ଚାଲୁଛି ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ଅଭିଯୋଗକାରିଙ୍କୁ ନ୍ୟାୟ ମିଳିପାରୁନାହିଁ। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ଏସମ୍ପର୍କରେ ବହୁ ଅଭିଯୋଗକାରି ଲିଖିତ ଭାବେ ଜଣାଇଥିଲେ ବି ସରକାରି ବାବୁମାନଙ୍କ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରକାରି ବାବୁମାନେ ସେଠାରେ ବସି ଫୋନ ଧରି ଓ ବ୍ଲୁ ଟୁଥ୍ ଧରି ଗପସପ ହେଉଥିବା ବେଳେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଏପରି ଘଟଣା ନଆସୁଥିବାର ମନେହେଉଛି। ରଘୁନାଥପୁର ବ୍ଲକରେ ଜନଶୁଣାଣି ଶିବିରରେ ଦୀର୍ଘ ୨ମାସ ଧରି ଯେଉଁ ଅଭିଯୋଗ ପ୍ରଦାନ କରାଯାଇଥିଲା ସେ ନେଇ କିଛି ବ୍ୟକ୍ତି ଆସି ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶଙ୍କ ନିକଟରେ ଗୁହାରି ଜଣାଇଥିଲେ ବି ସେ ଏସମ୍ପର୍କରେ ନବୁଝି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର କିଛି କର୍ମଚାରୀଙ୍କ ନିକଟକୁ ପଠାଇବାର ବ୍ୟବସ୍ଥା କରିଥିଲେ। ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଥିଲା ଯେ ଅଭିଯୋଗକାରିଙ୍କୁ ଅଭିଯୋଗ ପ୍ରକୋଷ୍ଠ ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଥିବା ମହିଳା ଜଣକ ବିଭିନ୍ନ ମିଥ୍ୟା ଆଳ ଦେଖାଇ ଆରଟିଆଇରେ କାହିଁକି ମାଗିଛ କହି ଯୁକ୍ତିତର୍କ କରିଥିଲେ। ଏପରିକି ଅଭିଯୋଗକାରି ତାଙ୍କ ଠାରୁ ପାଇଥିବା ରସିଦ୍‌ଟି ମିଥ୍ୟା ବୋଲି ସେ ଆରୋପ ମଧ୍ୟ କରିଥିଲେ। ତେବେ ଏହା ଉପରେ ଜିଲ୍ଲାପାଳ ବିଚାର କରି ଅଭିଯୋଗ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସପ୍ତାହର ପ୍ରଥମାର୍ଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିପାରିନ୍ତି। ପ୍ରତିକାର : ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ଛାତି ବା କାଶ, ଶର୍ଦ୍ଦି ଭଳି ବେମାରୀ ହୋଇପାରେ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ନୂଆ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଧାର୍ମିକ ବା ଆଧ୍ୟାତ୍ମିକ କାର୍ଯରେ ଯୋଗ ଦେବେ। ପ୍ରତିକାର : ଓଁ ଦ୍ରାଂ ଦ୍ରିଂ ଦ୍ରଂ ଶୁକ୍ରାୟନମଃ।

**ମିଥୁନ** ଜ୍ୱରରେ ପୀଡିତ ହୋଇପାରନ୍ତି ଓ ଆତ୍ମବିଶ୍ୱାସରେ କମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ନୂଆ ବିପରୀତ ବନ୍ଧୁ ହୋଇପାରନ୍ତି। ପ୍ରତିକାର : ବୁଧବାର ଦିନ ଗାଈକୁ ସବୁଜ ଚାରା ବା ଘାସ ଖୁଆନ୍ତୁ।

**କର୍କଟ** ପାଚନ ତନ୍ତ୍ର ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ନୂଆ ଭାଗୀଦାରୀ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁଙ୍କ ବୃଦ୍ଧି ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ପୂଜା / ଆରାଧନା କରନ୍ତୁ।

**ସିଂହ** ପେଟ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ବ୍ୟବସାୟରେ କ୍ଷତିର ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। କାର୍ଯ୍ୟକ୍ଷେତ୍ରରେ ରାଜନୀତିରୁ ଦୂରେଇ ରହନ୍ତୁ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନ ବିଚଳିତ ରହିବ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସମ୍ମାନିତ ହେବେ। ସପ୍ତାହର ଶେଷରେ ଜୀବନ ସହ ଆନ୍ତରିକତା ବୃଦ୍ଧି ହେବ। ପ୍ରତିକାର : ବୁଧବାର ଦିନ ଛୋଟ ଝିଅପିଲାଙ୍କୁ ଉପହାର ଦିଅନ୍ତୁ।

**ତୁଳା** ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୁରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା' ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇଥବ। ଦମ୍ପତ୍ତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇଥବ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ସିଜେଆଇଙ୍କ କେସ୍ ତାଲିକାଭୁକ୍ତ ପ୍ରଣାଳୀକୁ ସୁପ୍ରିମ୍‌କୋର୍ଟ ବେଞ୍ଚଙ୍କ ସମାଲୋଚନା




**ନୂଆଦିଲ୍ଲୀ :** ପ୍ରଥମଥର ପାଇଁ ସୁପ୍ରିମକୋର୍ଟରେ ବିରଳ ଘଟଣା ଦେଖିବାକୁ ମିଳିଛି। ସୁପ୍ରିମକୋର୍ଟର ଦୁଇ ଜଣିଆ ବେଞ୍ଚ ସେମାନଙ୍କ ନିର୍ଦ୍ଦେଶରେ ପ୍ରଧାନ ବିଚାରପତି ଜଷ୍ଟିସ ୟୁୟୁ ଲଳିତ କରିଥିବା ମାମଲାର ତାଲିକାଭୁକ୍ତ ବା ଲିଷ୍ଟିଂ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଜଷ୍ଟିସ ସଞ୍ଜୟ କିଶନ କୌଲଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଗୋଟିଏ ନ୍ୟାୟିକ ନିର୍ଦ୍ଦେଶରେ କହିଛନ୍ତି ଯେ ନୂଆ ଲିଷ୍ଟିଂ ବ୍ୟବସ୍ଥା ଜଜ୍‌ମାନଙ୍କୁ ମାମଲାର ଶୁଣାଣି ପାଇଁ ଯଥେଷ୍ଟ ସମୟ ଦେଇପାରୁନି। ଅର୍ଥାତ ମାମଲାର ଶୁଣାଣି ପାଇଁ ସମୟର ଅଭାବ ରହୁଛି। ଜଷ୍ଟିସ କୌଲ ଓ ଜଷ୍ଟିସ ଅଭୟ ଏସ୍ ଓକାଙ୍କୁ ନେଇ ଗଠିତ ଦୁଇ ଜଣିଆ ବେଞ୍ଚ ମଙ୍ଗଳବାର ନାଗେଶ ଚୌଧୁରୀ ବନାମ ଷ୍ଟେଟ ଅଫ ଉତ୍ତର ପ୍ରଦେଶ ମାମଲାର ଶୁଣାଣିକୁ ସ୍ଥଗିତ ରଖିବା ପାଇଁ ଦେଇଥିବା ନିର୍ଦ୍ଦେଶରେ ଏପରି କଥା ଉଲ୍ଲେଖ କରିଛନ୍ତି। ଆଜି ଏହି ମାମଲାର ପୁଣି ଶୁଣାଣି ହେବ। ଏଥିରେ କୁହାଯାଇଛି ଯେ ବର୍ତ୍ତମାନ ଶୁଣାଣି ପାଇଁ ଧାର୍ଯ୍ୟ ମାମଲା ଭଳି ନୂଆ ଲିଷ୍ଟିଂ ବ୍ୟବସ୍ଥା ଦ୍ୱାରା ଧାର୍ଯ୍ୟ ମାମଲାର ଶୁଣାଣି ପାଇଁ ଉପଯୁକ୍ତ ସମୟ ମିଳୁନି। ମଧ୍ୟାହ୍ନ ସେସନ୍‌ରେ ଏକାଧିକ ମାମଲା ଶୁଣାଣି ପାଇଁ ରହୁଛି। ଦେଶର ୪୯ତମ ସିଜେଇ ଭାବେ ଜଷ୍ଟିସ ୟୁୟୁ ଲଳିତ ଶପଥ ନେବା ପରେ ମାମଲାର ଶୁଣାଣି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ପୂର୍ବ ସିଜେଆଇ ଜଷ୍ଟିସ ଏନଭି ରମନା ନିଜ ଆଡୁ ଏହି ଲିଷ୍ଟିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇପାରି ନଥିବା କହିଥିଲେ। ଏହାପରେ ଜଷ୍ଟିସ ୟୁୟୁ ଲଳିତ ନୂଆ ଲିଷ୍ଟିଂ ବ୍ୟବସ୍ଥା ଲାଗୁ କରିଥିଲେ। ସିଜେଆଇ ଜଷ୍ଟିସ ନୂଆ ଲିଷ୍ଟିଂ ବ୍ୟବସ୍ଥା କରି ସୁପ୍ରିମକୋର୍ଟର ୩୦ ଜଣ ବିଚାରପତିଙ୍କ ଶିଫ୍ଟ ଧାର୍ଯ୍ୟ କରିଥିଲେ। ସୋମବାର ଓ ଶୁକ୍ରବାର ସମସ୍ତ ବିଚାରପତି ୧୫ଟି ବେଞ୍ଚରେ ବିଭାଜିତ ହୋଇ ନୂଆ କରି ଦାଖଲ ହୋଇଥିବା ମାମଲାର ଶୁଣାଣି କରିବେ। ଏମାନଙ୍କ ମାମଲା ସଂଖ୍ୟା ଦୈନିକ ୬୦ରୁ ଅଧିକ। ମଙ୍ଗଳବାର, ବୁଧବାର ଓ ଗୁରୁବାର ସକାଳ ୧୦.୩୦ରୁ ୧ଟା ଯାଏ ବିଚାରପତିମାନେ ଆଇନଗତ ଦୃଷ୍ଟିରୁ ଗୁରୁତ୍ୱ ରଖୁଥିବା ପୁରୁଣା ମାମଲାର ଶୁଣାଣି କରିବେ। ୩ ଜଣିଆ ବେଞ୍ଚ ସହ ମିଶି ଏହାର ଶୁଣାଣି ହେବ। ମଧ୍ୟାହ୍ନ ସେସନ୍‌ରେ ୨ ଜଣିଆ ବେଞ୍ଚଙ୍କୁ ପ୍ରାୟ ୩୦ଟି ନୋଟିସ ମାମଲାର ଶୁଣାଣି କରିବାକୁ ହେବ। ଏଗୁଡ଼ିକ ପାଇଁ ୧୨୦ ମିନିଟ ସମୟ ଧାର୍ଯ୍ୟ କରାଯାଇଥିଲା। ଏହାର ଅର୍ଥ ପ୍ରତି କେସ୍ର ଶୁଣାଣି ପାଇଁ ବିଚାରପତିମାନେ ୪ ମିନିଟ୍ର ସମୟ ପାଉଥିଲେ। ତେବେ ସିଜେଆଇ ପରବର୍ତ୍ତୀ ଅବସ୍ଥାରେ ଏହାକୁ ୩୦ରୁ ୨୦କୁ ହ୍ରାସ କରିଛନ୍ତି। ଏହାକୁ ନେଇ ଗତ ସପ୍ତାହରୁ ବିଚାରପତିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ଗୋଟିଏ ଦୁଇ ଜଣିଆ ବେଞ୍ଚ ଶୁଣାଣି ପରେ ମାମଲାକୁ ସ୍ଥଗିତ ରଖିବାକୁ ମନା କରିଦେଇଥିଲା। ଏହି ସମୟରେ ବେଞ୍ଚ କହିଥିଲେ ଯେ ସେମାନେ କେସ୍ ଫାଇଲକୁ ବିଳମ୍ବିତ ସନ୍ଧ୍ୟା ଯାଏ ପଢ଼ିଛନ୍ତି ଓ ଆଇନଜୀବୀ ସେମାନଙ୍କୁ ଆଉ ଥରେ ସମୟ ନଷ୍ଟ କରି ଫାଇଲକୁ ପଢ଼ିବା ଦରକାର ବୋଲି କହିପାରିବେ ନାହିଁ। କିନ୍ତୁ ଆଉ ଏକ ମାମଲାର ଶୁଣାଣିକୁ ସ୍ଥଗିତ ରଖି ବେଞ୍ଚ କହିଥିଲେ ଯେ, କେସ୍ ଫାଇଲଗୁଡ଼ିକ ଆମକୁ ଶେଷ ମୁହୂର୍ତ୍ତରେ ପହଞ୍ଚିଛି। ଏହାକୁ ପଢ଼ିବା ପାଇଁ ଆମ ପାଖରେ ସମୟ ନାହିଁ। ବିଳମ୍ବରେ ମାମଲାର ତାଲିକା ପ୍ରକାଶ ପାଇଥିବାରୁ ରେଜିଷ୍ଟ୍ରାର ଠିକ୍ ସମୟରେ ଏହାକୁ ପଢ଼ିବା ପାଇଁ ବିଚାରପତିଙ୍କ ଘରେ ପହଞ୍ଚାଇ ପାରି ନଥିଲେ।

# ୨୦୨୩ ସୁଦ୍ଧା ଭାରତରେ ଦୌଡିବ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍



**ନୂଆଦିଲ୍ଲୀ :** ନିକଟ ଅତୀତରେ ଭାରତୀୟ ରେଲୱେ ତାର ଭାବମୂର୍ତ୍ତିକୁ ବହୁତ ବଦଳାଇ ଦେଇଛି। ବନ୍ଦେ ଭାରତ, ତେଜସ୍ ଏକ୍ସପ୍ରେସ ଭଳି ଟ୍ରେନ୍ ଏହାର ଏକ ଉଦାହରଣ। ଏହି ସମୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୨୦୨୩ ସୁଦ୍ଧା ହାଇଡ୍ରୋଜେନ୍ରେ ଚାଳିତ ଟ୍ରେନ୍ ମଧ୍ୟ ଭାରତରେ ଚାଲିବା ଆରମ୍ଭ କରିବ। ଏହା ଉପରେ ଅନେକ କାମ କରାଯାଇଛି। ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ସମ୍ବୋଧିତ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ରେଳ ଏହାର ଗତି ବଢାଇବା ଦିଗରେ ନିରନ୍ତର କାର୍ଯ୍ୟ କରୁଛି। ଏନେଇ ରେଳ ମନ୍ତ୍ରୀ କହିଛନ୍ତି, "ବନ୍ଦେ ଭାରତ ଏକ୍ସପ୍ରେସ ହେଉଛି ଭାରତର ସେମି ହାଇ ସ୍ପିଡ୍ ଏବଂ ଦ୍ରୁତତମ ଚାଲୁଥିବା ଟ୍ରେନ୍ ମଧ୍ୟରୁ ଗୋଟିଏ। ଏହା ବର୍ତ୍ତମାନ ଭାରତରେ ପ୍ରସ୍ତୁତ କରାଯାଉଛି । ଗତ ଦୁଇ ବର୍ଷ ଧରି କୌଣସି ବ୍ରେକ୍‌ଡାଉନ୍ ନଦେଇ ସୁରୁଖୁରୁରେ କାମ ଚାଲୁଛି। କହିବୁ ଯେ ନିକଟରେ ବନ୍ଦେ ଭାରତକୁ ରେଳ ସୁରକ୍ଷା କମିଶନରଙ୍କ ଠାରୁ ସବୁଜ ସଙ୍କେତ ମିଳିଛି। ଟ୍ରେନ୍ ଏବଂ ଟ୍ରାକ୍ ମ୍ୟାନେଜମେଣ୍ଟ ବିଷୟରେ ମନ୍ତ୍ରୀ କହିଛନ୍ତି, "ଆମର ଧ୍ୟାନ କେବଳ ଟ୍ରେନ୍ ତିଆରି ଉପରେ ନୁହେଁ। ସେମି ହାଇ ହାଇ କିମ୍ବା ହାଇ ସ୍ପିଡ୍ ଟ୍ରେନ୍ ଚଳାଇବା ପାଇଁ ଟ୍ରାକ ମ୍ୟାନେଜମେଣ୍ଟ ସିଷ୍ଟମ ଉପରେ ମଧ୍ୟ ଆମେ କଠିନ ପରିଶ୍ରମ କରୁଛୁ। ରେଳମନ୍ତ୍ରୀ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ବନ୍ଦେ ଭାରତର ଟ୍ରାଏଲ୍ ରନ୍ ସଫଳ ହେବା ପରେ ଖୁବ୍ ଶୀଘ୍ର ୭୨ ଟି ଟ୍ରେନ୍ର ପ୍ରଡକସନ୍ ଆରମ୍ଭ ହେବ। ସେ କହିଛନ୍ତି, "ତୃତୀୟ ବନ୍ଦେ ଭାରତ ଟ୍ରେନର ସର୍ବାଧିକ ବେଗ ପ୍ରତି ଘଣ୍ଟା ୧୮୦ କିଲୋମିଟର ହେବ। ଏହା ମାତ୍ର ୫୨ ସେକେଣ୍ଡରେ ୧୦୦ କିଲୋମିଟର ବେଗରେ ଗତି କରିଥାଏ। ବୁଲେଟ୍ ଟ୍ରେନ୍ ପାଇଁ ୫୫ ସେକେଣ୍ଡ ସମୟ ଲାଗିଥାଏ। ଏହି ଟ୍ରେନରେ ହାଇଡ୍ରୋଜେନ ଇନ୍ଧନ ଭାବରେ ବ୍ୟବହୃତ ହେବ। ଯାହା ଅନେକ ଡିଜେଲ ସଞ୍ଚୟ କରିବ। ଏହା ଏକ ହାଇବ୍ରିଡ୍ ଟ୍ରେନ୍ ସହ ଅକ୍ଷୟ ଶକ୍ତି ସଂରକ୍ଷଣରେ ବ୍ୟାଟେରୀ କିମ୍ବା ସୁପରକାପାସିଟର୍ ଲାଗିଥାଏ। ହାଇଡ୍ରୋଜେନ୍ ଇନ୍ଧନ ପାଇଁ ଏଗୁଡ଼ିକ ସଂପନ୍ନ। ଏହା ଦ୍ୱାରା ଟ୍ରେନର ଗତି ବଢାଇଥାଏ।

# ୨୦୨୩ରେ ଭାରତ ଆୟୋଜନ କରିବ ଜି-୨୦ ଶିଖର ସମ୍ମିଳନୀ




**ନୂଆଦିଲ୍ଲୀ :** ଆସନ୍ତାବର୍ଷ ସେପ୍ଟେମ୍ବର ୯-୧୦ରେ ଭାରତ ଜି-୨୦ ନେତାମାନଙ୍କର ଶିଖର ସମ୍ମିଳନୀ ଆୟୋଜନ କରିବ ଏବଂ ଚଳିତବର୍ଷ ଡିସେମ୍ବର ପହିଲାରୁ ଏହା ଉକ୍ତ ରଣନୈତିକ ବହୁପାକ୍ଷିକ ମଞ୍ଚର ଅଧକ୍ଷ ଦାୟିତ୍ୱ ବହନ କରିବ। ଭାରତ ସରକାର କରିଥିବା ଘୋଷଣା ଅନୁସାରେ ଡିସେମ୍ବର ୧, ୨୦୨୨ରୁ ନଭେମ୍ବର ୩୦, ୨୦୨୩ ପର୍ଯ୍ୟନ୍ତ ଭାରତ ହାତରେ ରହିବ ୧୯ଟି ବିକଶିତ ଓ ବିକାଶଶୀଳ ଦେଶ ଏବଂ ୟୁରୋପୀୟ ୟୁନିୟନକୁ ନେଇ ଗଠିତ ମଞ୍ଚ ଜି-୨୦ର ଅଧକ୍ଷ ପଦ। ତେଣୁ ଆସନ୍ତା ବର୍ଷ ହେବାକୁ ଯାଉଥିବା ଜି-୨୦ ସମ୍ମିଳନୀର ଆୟୋଜନ ଦାୟିତ୍ୱ ହେଉଛି ଭାରତର। ଏଥିରେ ସମସ୍ତ ସଭ୍ୟ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ବା ପ୍ରତିନିଧିମାନେ ତ ଯୋଗ ଦେବେ, ତା'ଛଡ଼ା ବାଂଲାଦେଶ, ଇଜିପ୍ଟ, ମରିସସ, ନେଦରଲାଣ୍ଡ, ନାଇଜେରିଆ, ଓମାନ, ସିଙ୍ଗାପୁର, ସ୍ପେନ ଓ ୟୁଏଇ (ସଂଯୁକ୍ତ ଆରବ ଅମିରାତ)କୁ ମଧ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବ। ଏଥିସହ ଆଇଏସ୍ଏ (ଅନ୍ତର୍ଜାତୀୟ ସୌର ସଂଘ), ସିଡିଆର୍ଆଇ (କୋଆଲିସନ ଫର ଡିଜାଷ୍ଟର ରେଜିଲିଏଣ୍ଟ ଇନ୍‌ଫ୍ରାଷ୍ଟ୍ରକଚର) ଓ ଏଡିବି (ଏସୀୟ ଉନ୍ନୟନ ବ୍ୟାଙ୍କ)କୁ ମଧ୍ୟ ଭାରତ ଅନ୍ତର୍ଜାତୀୟ ଅତିଥି ସଂଗଠନ ଭାବେ ନିମନ୍ତ୍ରଣ କରିବ। ପଡ଼ୋଶୀ ଦେଶ ଭିତରେ କେବଳ ବାଂଲାଦେଶ ହିଁ ଭାରତର ନିମନ୍ତ୍ରିତ ଅତିଥି ତାଲିକାରେ ରହିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

### ସୀମା ସୁରକ୍ଷା କରିବେ ବିଶ୍ୱର ପ୍ରଥମ ମହିଳା ଓଟ ସବାର ଦଳ

# ଭାରତ-ପାକିସ୍ତାନ ସୀମାରେ ହେବ ମୁତୟନ



**ନୂଆଦିଲ୍ଲୀ :** ସୀମା ସୁରକ୍ଷା ବଳ (ବିଏସଏଫ) ବିଶ୍ୱର ପ୍ରଥମ ମହିଳା ଓଟସବାର ଦଳ ଗଢିଛି। ଏହି ମହିଳା ଦଳକୁ ଦେଶର ପଶ୍ଚିମ ସୀମାରେ ମୁତୟନ ହେବେ। ୧ ଡିସେମ୍ବର ସୀମା ରକ୍ଷକ ବଳ ସ୍ଥାପନା ଦିବସରେ ଏ ନେଇ ସାର୍ବଜନିକ ଘୋଷଣା କରାଯିବ। ପରେ ଏହି ଦଳକୁ ରାଜସ୍ଥାନ ଓ ଗୁଜରାଟ ସଲଗ୍ନ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାରେ ମୁତୟନ କରାଯିବ। ବିଏସଏଫ ମହାନିର୍ଦ୍ଦେଶକ ପଙ୍କଜ କୁମାର ସିଂହଙ୍କ କହିବାର କଥା ହେଲା ଭାରତୀୟ ସେନାରେ ମହିଳାମାନେ ପୁରୁଷଙ୍କ ସହ ମିସି ସୀମା ସୁରକ୍ଷା କରନ୍ତି। ଏଣୁ ସେ ବିଶ୍ୱର ପ୍ରଥମ ମହିଳା ଓଟସବାର ଦଳ ଗଠନ କରିଛନ୍ତି। ପ୍ରଥମ ଥର ମହିଳାମାନଙ୍କୁ ସୀମା ସୁରକ୍ଷା ବଳରେ ସାମିଲ କରିବା ସହିତ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଇଛନ୍ତି। ମହିଳାଙ୍କୁ ଓଟରେ ବସାଇ ସେମାନଙ୍କୁ ନିୟନ୍ତ୍ରିତ କରିବାର କଳା ଶିଖାଇଛନ୍ତି, ଯାହାଦ୍ୱାରା ଆବଶ୍ୟକ ପଡିଲେ ମହିଳାମାନେ ମରୁ ବାଲିରେ ଓଟ ଦଉଡାଇ ସୀମା ସୁରକ୍ଷା କରିପାରିବେ। ଏହି ଦଳକୁ ଗଢିବା ପୂର୍ବରୁ ଓ ଏଥିରେ ଥିବା ମହିଳାମାନଙ୍କୁ ଓଟ ଉପରେ ଚଢାଇବା ପୂର୍ବରୁ ସେମାନଙ୍କୁ ପ୍ରଥମେ ମାନସିକ ରୂପେ ପ୍ରସ୍ତୁତ କରାଯାଇଥିଲା। ପରେ ବିକାନିରରେ ମାଷ୍ଟର ଟ୍ରେନର ସେମାନଙ୍କୁ କ୍ୟାମେଲ ରାଇଡିଂ ଟ୍ରେନିଂ ଦେଇ କୁଶଳ କରିଥିଲେ। ଭାରତର ବିଏସଏଫ ବିଶ୍ୱର ସର୍ବ ବୃହତ୍ତ ସୀମା ସୁରକ୍ଷା ବଳ। ୧ ଡିସେମ୍ବର ୧୯୬୫ ମସିହାରେ ବିଏସଏଫର ସ୍ଥାପନା ହୋଇଥିଲା। ୫୭ ବର୍ଷ ପରେ ସୀମା ସୁରକ୍ଷା ପାଇଁ ୧୮୮ଟି ବଟାଲିୟନ ଗଠିତ ହୋଇଥିବା ବେଳେ ଏହି ସବୁ ବଟାଲିୟନ ଏବେ ସୀମା ସୁରକ୍ଷା କରୁଛନ୍ତି।


### କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି

# ୧୨ ଜାତିକୁ ଜନଜାତି ମାନ୍ୟତା



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀମଣ୍ଡଳ ବୈଠକରେ ଅନୁସୂଚିତ ଜନଜାତି ନେଇ ବଡ଼ ନିଷ୍ପତ୍ତି ହୋଇଛି। ଏଥିରେ ଛତିଶଗଡ଼, ହୀମାଚଳ ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ଉତ୍ତରପ୍ରଦେଶର କେତେକ ଆଦିବାସୀ ସମୂଦାୟକୁ ଅନୁସୂଚିତ ଜନଜାତି ଶ୍ରେଣୀରେ ସାମିଲ ଲାଗି ପ୍ରସ୍ତାବକୁ ମଞ୍ଜୁରୀ ମିଳିଯାଇଛି। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଓ ଅନୁରାଗ ଠାକୁର ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଠାକୁର କହିଛନ୍ତି ଯେ ସିରମୋର ଜିଲ୍ଲାର ଟ୍ରାନ୍ସଗିରି କ୍ଷେତ୍ରର ହଟ୍ଟି ସମୂଦାୟ ଅନେକ ଦିନରୁ ସେମାନଙ୍କ ଲାଗି ଅନୁସୂଚିତ ଜନଜାତି ଦର୍ଜା ଦାବି କରିଆସୁଥିଲେ। ଉତ୍ତରାଖଣ୍ଡର ଜୌନସାର କ୍ଷେତ୍ରରେ ବସବାସ କରିଆସୁଥିବା ଏହି ଜାତିର ଲୋକଙ୍କୁ ପୂର୍ବରୁ ଏହି ସୁବିଧା ଉପଲବ୍ଧ ଥିଲା। ଏଣୁ ହଟ୍ଟି ସମୂଦାୟକୁ ଅନୁସୂଚିତ ଜନଜାତି ସମୂଦାୟ ଅନ୍ତର୍ଭୁକ୍ତ ହୋଇଛି। ସେହିପରି ଜନଜାତି ବ୍ୟାପାରମନ୍ତ୍ରୀ ଅର୍ଜୁନ ମୁଣ୍ଡା ବିଝିଆ ସମୂଦାୟକୁ ଓଡ଼ିଶା ଓ ଝାଡ଼ଖଣ୍ଡରେ ଅନୁସୂଚିତ ଜନଜାତି ଶ୍ରେଣୀରେ ରଖା ଯାଇଥିବା କହିଛନ୍ତି, ତେବେ ଛତିଶଗଡରେ ଏହାନଥିଲା। ହେଲେ ଏ ବାବଦେ ସମସ୍ତ ଔପଚାରିକତା ପୂରଣ କରାଯିବା ସହ ଗୃହୀତ କରିବା ଲାଗି ମନ୍ତ୍ରୀମଣ୍ଡଳରେ ଉପସ୍ଥାପିତ କରାଯାଇଥିଲା ଓ ତାହା ଗୃହୀତ ହୋଇ ଯାଇଥିବା କହିଛନ୍ତି। ସେହିପରି ତାମିଲନାଡୁର ପର୍ବତାଞ୍ଚଳରେ ବସବାସ କରୁଥିବା ନାରିକୁର୍ଭର ଓ କୁରୁଭିକିରଣଙ୍କୁ ବି ଏହି ସୂଚୀରେ ସାମିଲ କରିବା ଲାଗି ପ୍ରସ୍ତାବକୁ ମଞ୍ଜୁରୀ ମିଳିଯାଇଛି। ସେହିପରି କର୍ଣ୍ଣାଟକରେ ବିଟ୍ଟା-କୁରୁବା ସମୁଦାୟଙ୍କୁ କଡୁ କୁରୁବା ଭଳି ଆଦିବାସୀ ଦର୍ଜା ଦିଆଯାଇଛି। ମୁଣ୍ଡା କହିଛନ୍ତି ଯେ ୫ ରାଜ୍ୟଙ୍କ ବିଭିନ୍ନ ଆଦିବାସୀ ସମ୍ପର୍କିତ ପ୍ରସଙ୍ଗରେ ନିଷ୍ପତ୍ତି ହୋଇଛି, ଯାହା ଦୀର୍ଘ ବର୍ଷରୁ ବିଚାରାଧୀନ ଥିଲା। ସୂଚନା ଅନୁସାରେ ଉତ୍ତରପ୍ରଦେଶର ୧୩ ଜିଲ୍ଲାରେ ଗୋଣ୍ଡ ଜାତିର ଲୋକଙ୍କୁ ଅନୁସୂଚିତ ଜାତିରୁ ହଟାଇ ଅନୁସୂଚିତ ଜନଜାତି ଅନ୍ତର୍ଭୁକ୍ତ କରାଯାଇଛି।

# ଦେଶର ପ୍ରତି ଜିଲ୍ଲାରେ ନିର୍ମାଣ ହେବ ପଶୁଙ୍କ ପାଇଁ ଶ୍ମଶାନ




**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ସ୍ଥାନରେ ଲମ୍ପି ଭାଇରସର ପ୍ରକୋପ ବଢିବାରେ ଲାଗିଛି। ଭାଇରସ ଯୋଗୁଁ ରାଜସ୍ଥାନ ସହ ଅନ୍ୟ କିଛି ରାଜ୍ୟରେ ପଶୁଙ୍କ ମୃତ୍ୟୁର ଭୟାବହ ଚିତ୍ର ସାମନାକୁ ଆସୁଛି। ପଶୁଙ୍କ ମୃତ୍ୟୁ ମାମଲାକୁ ନଜରରେ ରଖି ଜାତୀୟ ପଶୁ ମଙ୍ଗଳ ବୋର୍ଡ ପକ୍ଷରୁ ସବୁ ରାଜ୍ୟ ସରକାରଙ୍କୁ ନୂଆ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ମାଧ୍ୟମରେ ମୃତ ପଶୁଙ୍କୁ ସମ୍ମାନ ଦିଆଯିବା ଦରକାର ବୋଲି ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଶୁଙ୍କ ମୃତ ଶରୀରକୁ ଖୋଲାରେ ନ ଫିଙ୍ଗିବାକୁ କୁହାଯାଇଛି। ପଶୁଙ୍କ ଅନ୍ତିମ ସଂସ୍କାର ପାଇଁ ନିଜ ରାଜ୍ୟର ସବୁ ଜିଲ୍ଲାରେ ଅତି କମରେ ଗୋଟିଏ ଶ୍ମଶାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ପଶୁ ମଙ୍ଗଳ ବୋର୍ଡର ଅଧକ୍ଷ ଡା. ଓପି ଚୌଧୁରୀ ସବୁ ରାଜ୍ୟକୁ ଜାରି କରିଥିବା ନିଜର ଚିଠିରେ କହିଛନ୍ତି, 'କୌଣସି ପଶୁ ଯେକୌଣସି କାରଣରୁ ଆମ ଜୀବନରେ ଆସିଥାଏ। ସେମାନେ ଆମକୁ ବିନା କୌଣସି ସର୍ତ୍ତରେ ଭଲ ପାଇବା ଶିଖାଇଥାନ୍ତି, ପ୍ରତିବଦ୍ଧତା ଏବଂ ବିଶ୍ୱସ୍ତ ହେବର ଶିକ୍ଷା ଦେଇଥାନ୍ତି। ସେମାନଙ୍କ ଜୀବନରୁ ଆମେ ଅନେକ କିଛି ଶିଖିଥାଉ। ଏହାପରେ ଦିନେ ସେହି କଠୋର ବାସ୍ତବିକତାର ସାମନା କରିବାକୁ ପଡିଥାଏ, ଯେଉଁଦିନେ ସେମାନେ ପ୍ରାଣ ଛାଡନ୍ତି'। ପଶୁଙ୍କ ମୃତ ଶରୀର ସତ୍କାର ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମୃତ ପଶୁଙ୍କ ପାଇଁ ରୋଗ ବ୍ୟାପିବା ରୋକିବା, ପାଣି ଏବଂ ପବନର ଗୁଣ ବତ୍ତା ବଜାୟ ରଖିବା ପାଇଁ ପଶୁଙ୍କ ପୋତିବା କିମ୍ବା ଜଳିବା ଏକ ଜରୁରୀ ପଦକ୍ଷେପ ବୋଲି ସେ କହିଛନ୍ତି। ଦେଶରେ ଅନେକ ସମୟରେ ପଶୁ ମାଲିକ ମୃତ ପଶୁର ସମ୍ମାନଜନକ ଅନ୍ତିମ ସଂସ୍କାର ଚାହିଁଥାନ୍ତି, କିନ୍ତୁ ଉପଯୁକ୍ତ ସ୍ଥାନ ନଥିବାରୁ ତାହା ସମ୍ଭବ ହୋଇପାରୁ ନାହିଁ।

# ଜରୁରୀ ସେବନରୁ ବାଦ ପଡିଲା ୨୬ ଔଷଧ



**ନୂଆଦିଲ୍ଲୀ :** ୬ବର୍ଷ ପରେ ଅତ୍ୟାବଶ୍ୟକ ଔଷଧର ଏକ ନୂତନ ତାଲିକା ଜାରି କରାଯାଇଛି। ନୂତନ ତାଲିକାରେ ଥିବା ଔଷଧର ଦର ନିୟନ୍ତ୍ରଣ କରିବା ଲାଗି ସିଲିଂ ଦିଆଯାଇଥିବାରୁ ଏହା ଶସ୍ତା ହେବ ଏବଂ ଲୋକଙ୍କ ପକେଟ ଉପରେ ବୋଝ ପଡ଼ିବ ନାହିଁ ବୋଲି ଜଣାପଡ଼ିଛି। ୨୦୧୫ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ତ୍ତମାନ ୨୦୨୨ରେ ଜାତୀୟ ଅତ୍ୟାବଶ୍ୟକ ଔଷଧ ତାଲିକା (ନ୍ୟାସନାଲ୍ ଏସେନସିଆଲ୍ ମେଡିସିନ୍ ଲିଷ୍ଟ) ଜାରି କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ୭ ବର୍ଷ ପରେ ୨୦୨୨ରେ ନୂତନ ନବୀକୃତ ନ୍ୟାସନାଲ୍ ଏସେନସିଆଲ୍ ମେଡିସିନ୍ ଲିଷ୍ଟ (ଏନଇଏଲଏମ୍) ଜାରି କରାଯାଇଛି। ଏନଇଏଲଏମରେ ଔଷଧକୁ ସାମିଲ କରିବା ଏକ ଲମ୍ବା ପ୍ରକ୍ରିୟା ହୋଇଥାଏ। ଏଥିପାଇଁ ୩୫୦ବିଶେଷଜ୍ଞଙ୍କ ସାହାଯ୍ୟ ଏବଂ ୧୪୦ ଥର ପରାମର୍ଶ ନିଆଯିବା ପରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ଲୋକଙ୍କ ସୁରକ୍ଷା, ସୁଲଭ ମୂଲ୍ୟ ଏବଂ ଉପଲବ୍ଧତା ଅନୁଯାୟୀ ଔଷଧକୁ ସାମିଲ କରାଯାଇଛି। ତେବେ କେନ୍ଦ୍ର ସରକାର ଅତି କମରେ ୨୬ଟି ଔଷଧକୁ 'ଅତ୍ୟାବଶ୍ୟକ' ତାଲିକାରୁ ହଟାଇ ଦେଇଥିବା ଜଣାପଡ଼ିଛି। ଏନଇଏଲଏମରେ ୨୭ବର୍ଗର ୩୮୪ ଔଷଧ ଅନ୍ତର୍ଭୁକ୍ତ ହୋଇଛି। ତେବେ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ନଥିବା ଔଷଧଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ରାନିଟିଡିନ୍। ଏସିଡିଟି ଏବଂ ପେଟ ସମ୍ବନ୍ଧୀୟ ଅନ୍ୟ ସମସ୍ୟା ପାଇଁ ରାନିଟିଡିନ୍ ବ୍ୟବହାର କରାଯାଇଥାଏ। ଏହି ସମାନ ଔଷଧ ବିଭିନ୍ନ ବ୍ରାଣ୍ଡନାମରେ ବିକ୍ରି ହୁଏ ଯେପରିକି ରାଣ୍ଟାକ, ଜିନେଟାକ୍ ଏବଂ ଆକିଲୋକ ଇତ୍ୟାଦି। ଏହି ଔଷଧ ଖାଇବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଥିବାରୁ ବର୍ତ୍ତମାନ ଏନଇଏଲଏମରୁ ଏହାକୁ ହଟାଇ ଦିଆଯାଇଛି। ରାନିଟିଡିନ ସହ ସଂଶୋଧିତ ତାଲିକାରୁ ସୁକ୍ରାଲଫେଟ୍, ହ୍ୱାଇଟ ପେଟ୍ରୋଲେଟମ୍, ଏଟେନୋଲଲ୍ ଏବଂ ମେଥିଲ୍ଡୋପାକୁ ହଟାଯାଇଛି। ବଜାର ମୂଲ୍ୟ ଏବଂ ଉନ୍ନତ ଔଷଧର ଉପଲବ୍ଧତାକୁ ଆଧାର କରି ଏହି ଔଷଧଗୁଡିକୁ ତାଲିକାରୁ ହଟାଇ ଦିଆଯାଇଛି। ତେବେ ଏହି ତାଲିକାରେ ଅନ୍ତସ୍ରାବି ଔଷଧ ଏବଂ ଗର୍ଭନିରୋଧକ ଫ୍ଲୁଡ୍ରୋକର୍ଟିସୋନ୍, ଅର୍ମେଲୋକ୍ସିଫେନ୍, ଇନସୁଲିନ୍ ଗ୍ଲରଗାଇନ ଏବଂ ଟେନେନିଗ୍ଲିଟିନକୁ ସାମିଲ କରାଯାଇଛି। ଶ୍ୱାସକ୍ରିୟା ଔଷଧ ମାଣ୍ଟେଲୁକାଷ୍ଟ ଏବଂ ଚକ୍ଷୁ ଔଷଧ ଲେଟାନୋପ୍ରୋଷ୍ଟ ଏହି ତାଲିକାରେ ସାମିଲ ହୋଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୯ - ୨୫ ସେପ୍ଟେମ୍ବର, ୨୦୨୨
ପରିକ୍ରମା

## ୩୦ ଜିଲ୍ଲାରେ ପେପରଲେସ୍ କୋର୍ଟ



**କଟକ :** ରାଜ୍ୟର ୩୦ଟି ଜିଲ୍ଲାରେ ପେପରଲେସ୍ କୋର୍ଟ ବ୍ୟବସ୍ଥା ହେବାକୁ ଯାଉଛି। ସବୁ ଜିଲ୍ଲାରେ ନିର୍ଦ୍ଦିଷ୍ଟ ଅଦାଲତ ପେପରଲେସ୍ ବ୍ୟବସ୍ଥାରେ କାର୍ଯ୍ୟ କରିବ। ରାଜ୍ୟର ୩୦ଟି ଜିଲ୍ଲାରେ ପେପରଲେସ୍ କୋର୍ଟ ବ୍ୟବସ୍ଥାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ ଉଦ୍‌ଘାଟନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ହାଇକୋର୍ଟର ପ୍ରଥମ ପେପରଲେସ୍ କୋର୍ଟ ହେଉଛି ମୁଖ୍ୟବିଚାରପତିଙ୍କ କୋର୍ଟ। ଏହାକୁ ସୁପ୍ରିମକୋର୍ଟର ବିଚାରପତି ଡକ୍ଟର ଜଷ୍ଟିସ ଡି.ୱାଇ,ଚନ୍ଦ୍ରଚୂଡ ୨୦୨୧, ସେପ୍ଟେମ୍ବର ୧୧ରେ ଉଦଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟର ଆଉ କେତେକ ଖଣ୍ଡପୀଠ ପେପରସେଲ୍ ହୋଇଛି। ପେପରଲେସ୍ ପରିବେଶ ଭିତରେ ନିର୍ଦ୍ଦେଶନାମା ଓ ରାୟ ତୁରନ୍ତ ଜିଲ୍ଲା ଅଦାଲତ ଗୁଡ଼ିକୁ ସୁରକ୍ଷିତ ଭାବେ ପଠାଇବା ପାଇଁ ଅର୍ଡର କମ୍ୟୁନିକେସନ୍ ପୋର୍ଟାଲ ୨୦୨୧, ଏପ୍ରିଲରେ ଆରମ୍ଭ କରାଯାଇଥିଲା। ଇ-ନୋଟିଫିକେସନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିବା ବେଳେ ଏହାଦ୍ୱାରା ଆଉ ନୋଟିସର କପି ବଣ୍ଟନ କରିବାକୁ ପଡୁନି। ଇ-ଏନଏସରେ ବିଜ୍ଞପ୍ତି ଅପଲୋଡ୍ କରାଯାଉଛି। ନିମ୍ନ ଅଦାଲତ ରେକର୍ଡ (ଏଲସିଆର) ତଲବ କରିବା ଅଭ୍ୟାସ ବନ୍ଦ କରାଯାଇ ଇ-ଏଲସିଆର ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଥିପାଇଁ ଜିଲ୍ଲା ଅଦାଲତ ଗୁଡିକୁ ହାଇ ସ୍ପିଡ୍ ଏଡିଏଫ ସ୍କାନର ପ୍ରଦାନ କରାଯାଇଛି। ୨୦୨୧, ଏପ୍ରିଲ ୫ରେ ଇ-ଫାଇଲିଂ ୱେବ ପୋର୍ଟାଲ ଆରମ୍ଭ କରାଯାଇଥିଲା। କେନ୍ଦ୍ର, ରାଜ୍ୟ ସରକାର ଓ ସେମାନଙ୍କ ସଂସ୍ଥା ଗୁଡିକ ପାଇଁ ଇ-ଫାଇଲିଂ ହାଇକୋର୍ଟରେ ବାଧ୍ୟତାମୂଳକ କରାଯାଇଥିଲା। କୋର୍ଟ ଫି ଦାଖଲର ଇ-ପେମେଣ୍ଟ ପାଇଁ ପୋର୍ଟାଲ ଆରମ୍ଭ କରାଯାଇଥିଲା। ଇ-ଫାଇଲିଂ, ଇ-ପେମେଣ୍ଟ ବ୍ୟବସ୍ଥା ବ୍ୟବହାର ପାଇଁ ହାଇକୋର୍ଟ ଓ ଜିଲ୍ଲା ଅଦାଲତର ଆଇନଜୀବୀଙ୍କ ପାଇଁ କର୍ମଶାଳା ଆୟୋଜନ କରାଯାଇଥିଲା। ୨୦୨୧, ନଭେମ୍ବର ୧ରୁ ଇ-କଷ୍ଟଡି ସାର୍ଟିଫିକେଟ ବ୍ୟବସ୍ଥା ଗୃହ ବିଭାଗ, ଜେଲ୍ ବିଭାଗ, ଆଡଭୋକେଟ ଜେନେରାଲ କାର୍ଯ୍ୟାଳୟ ସହଯୋଗରେ ଆରମ୍ଭ କରାଯାଇଥିଲା। ଏହି ବ୍ୟବସ୍ଥା ଜଣେ ବନ୍ଦୀଙ୍କ ପୁରୁଣା ରେକର୍ଡ ଓ ଅନ୍ୟାନ୍ୟ ସୂଚନା ଦେଉଛି। ୨୦୨୧, ଅଗଷ୍ଟ ୨ରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ହେଉଥିବା ମାମଲା ଶୁଣାଣିର ସିଧା ପ୍ରସାରଣ ଆରମ୍ଭ ହୋଇଥିଲା। ହାଇକୋର୍ଟର ଅଫିସିଆଲ ୟୁଟ୍ୟୁବ୍ ଚାନେଲରେ ଏହା ଦେଖିହେଉଛି।

## ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ମିଳିବ ୫ଜି ସେବା

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୫ଜି ଟେଲିଫୋନ ସେବା ଆରମ୍ଭ ହେବ। କେନ୍ଦ୍ର ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦିନ ପୁରୀଠାରେ ଆୟୋଜିତ ବିଜେପିର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ଅବସରରେ ରାଜ୍ୟବାସୀଙ୍କୁ ଏହି ଖବର ଦେଇଛନ୍ତି। ପୂର୍ବରୁ ଦେଶରେ ୧୩ଟି ସହରରେ ୫ଜି ସେବା ଆରମ୍ଭ ହେବ ବୋଲି କୁହାଯାଇଥିଲା। ତେବେ ସେଥିରେ ସ୍ମାର୍ଟସିଟି ଭୁବନେଶ୍ୱର କିମ୍ବା ଓଡ଼ିଶାର ଅନ୍ୟ କୌଣସି ସହର ସ୍ଥାନ ପାଇ ନଥିଲା। କେନ୍ଦ୍ରମନ୍ତ୍ରୀ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯାଇଥିଲେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୫ଜି ସେବା ନମିଳିବା ଖବର ଅନେକଙ୍କୁ ଚକିତ କରିଥିଲା। ଆଜି କିନ୍ତୁ ମନ୍ତ୍ରୀ ଏ ନେଇ ସ୍ପଷ୍ଟ କରିଦେଇଛନ୍ତି। ସେ କହିଛନ୍ତି ଦେଶରେ ଖୁବଶୀଘ୍ର ୫ଜି ସେବା ଆରମ୍ଭ ହେବ। ଏଥିସହିତ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ମଧ୍ୟ ଏହି ସେବା ଉପଲବ୍ଧ ହେବ। ଦେଶରେ ଖୁବଶୀଘ୍ର ୫ଜି ସେବା ଆରମ୍ଭ କରିବା ଲାଗି ଦୂରସଂଚାର ବିଭାଗ ତ୍ୱରିତ ବେଗରେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ନିକଟରେ ଭୋଡ଼ାଫୋନ ଆଇଡିଆ, ଏୟାରଟେଲ, ରିଲାଏନ୍ସ ଜିଓ ଏବଂ ଆଦାନି ଡାଟା ଏଣ୍ଟରପ୍ରାଇଜେସ୍ ୫ଜି ସ୍ପେକ୍ଟ୍ରମ କିଣି ସାରିଛନ୍ତି। ଆସନ୍ତା ଦୀପାବଳି ସୁଦ୍ଧା ଦେଶରେ ୫ଜି ସେବା ଜିଓ ଆରମ୍ଭ କରିବ ବୋଲି କମ୍ପାନିର ଅଧ୍ୟକ୍ଷ ମୁକେଶ ଅମ୍ବାନି ରିଲାଏନ୍ସର ବାର୍ଷିକ ସାଧାରଣ ପରିଷଦ ବୈଠକରେ ସୂଚନା ଦେଇଥିଲେ। ସେହିଭଳି ୫ଜି ସେବା ଆରମ୍ଭ ଦ୍ୱାରା ଲୋକଙ୍କ ଉପରେ ଏହାର ବିକିରଣ ପ୍ରଭାବ ବଢ଼ିଯିବ ବୋଲି ଯାହା କୁହାଯାଉଛି ତାହାକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଧାର୍ଯ୍ୟ ବିକିରଣ ତୁଳନାରେ ୧୦ ଗୁଣା କମ୍ ବିକିରଣ ହେବ। ୪ଜି ତୁଳନାରେ ୫ଜିରେ ୧୦ ଗୁଣା ଅଧିକ ବେଗରେ ଗ୍ରାହକମାନେ ସେବା ପାଇବେ। ୨ଜି ନେଟୱର୍କରେ ଯେଉଁ ଫାଇଲ ଡାଉନଲୋଡ ପାଇଁ ୫୬ ଘଣ୍ଟା, ୩ଜିରେ ୨ ଘଣ୍ଟା, ୪ଜିରେ ୪୦ ମିନିଟ ଲାଗୁଥିଲାବେଳେ ୫ଜି ନେଟୱର୍କରେ ତାହା ମାତ୍ର ୩୫ ସେକେଣ୍ଡ ସମୟ ନେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ଆଦିବାସୀବହୁଳ ଜିଲ୍ଲାରେ ଶିଶୁ ମୃତ୍ୟୁହାର ବୃଦ୍ଧି

**ଭୁବନେଶ୍ୱର :** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର କାହିଁକି ବୃଦ୍ଧି ପାଇଛି, ତା'ର କାରଣ ଖୋଜିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ପିକେ ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେ ଆଦିବାସୀବହୁଳ ୪-୫ଟି ଜିଲ୍ଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁହାର ବୃଦ୍ଧି ପାଉଛି ଓ ତା'ର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନଏଫଏଚଏସ-୫) ତଥ୍ୟ ଆଧାରରେ ଓଡ଼ିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହି ପରିମାଣ ୬୬.୨%କୁ ବୃଦ୍ଧି ପାଇଛି। ଯଦିଓ ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁହାର ୪୧.୬%କୁ ହ୍ରାସ ପାଇଛି। ତେବେ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଆବଶ୍ୟକ ପରାମର୍ଶ ସରକାରଙ୍କୁ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ଶ୍ରୀ ପ୍ରଧାନଙ୍କୁ କୁହାଯାଇଛି। ଏହି ସର୍ଭେ ଓ ଆକଳନ ନିମନ୍ତେ ସମସ୍ତ ପ୍ରକାରର ସହଯୋଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଯୋଗାଇ



ଦେବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଏନେଇ ଶ୍ରୀ ପ୍ରଧାନଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ଏନଏଫଏଚଏସ-୫ ଅନୁସାରେ ରାଜ୍ୟରେ କେବଳ ଶିଶୁ ନୁହଁନ୍ତି ବରଂ ମହିଳାଙ୍କ ମଧ୍ୟରେ ରକ୍ତହୀନତା ପରିମାଣ ଅଧିକ ଭାବେ ବୃଦ୍ଧି ପାଇଛି। ମହିଳାଙ୍କ ମଧ୍ୟରେ ରକ୍ତହୀନତାର ଜାତୀୟ ହାର ୫୨.୨%(୨୦୧୯-୨୦ ମସିହା) ରହିଥିବାବେଳେ ଓଡ଼ିଶାରେ ଏହି ପରିମାଣ ୪୭.୬%ରୁ ୬୧.୮%କୁ ବୃଦ୍ଧି ପାଇଛି। ଯାହାକି ରାଜ୍ୟରେ ଉଚ୍ଚ ମାତୃ ମୃତ୍ୟୁହାରର ଆଶଙ୍କାକୁ ବୃଦ୍ଧି କରିଛି। ଯଦିଓ ୫ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ହ୍ରାସରେ ଓଡ଼ିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି କିନ୍ତୁ ଆଦିବାସୀବର୍ଗର ଶିଶୁଙ୍କ ମଧ୍ୟରେ ମୃତ୍ୟୁହାର ଓଡ଼ିଶା ପାଇଁ ଚିନ୍ତାଜନକ ପାଲଟିଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗତ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନ ଲିଖିତ ଉତ୍ତରରେ ସ୍ୱୀକାର କରିଥିଲେ ଯେ ୨୦୧୬-୧୭ରୁ ୨୦୨୧-୨୨ ମସିହା ମଧ୍ୟରେ ୫ବର୍ଷରୁ କମ୍ ୯୨୯୨୪ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧-୨୨ରେ କେବଳ ୧୪୨୨୮ଜଣ ଶିଶୁ (୫ବର୍ଷରୁ କମ)ଙ୍କ ମୃତ୍ୟୁ ହୋଇଛି।

### ଏନସିଆରବି ରିପୋର୍ଟ

## ଲକ୍‌ଡାଉନ ସତ୍ତ୍ୱେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ନେଇଥିଲା ୫୦୬୨ ଜୀବନ

**ଭୁବନେଶ୍ୱର :** ଲକ୍‌ଡାଉନ ଏବଂ କରୋନା ସତ୍ତ୍ୱେ ୨୦୨୧ ମସିହାର ୪୭୩୬ଟି ସଡ଼କ ଦୁର୍ଘଟଣା ଘଟି ରାଜ୍ୟର ୫୦୬୨ ଜୀବନ ଯାଇଛି। ଯାହାକି ଦେଶର ଜାତୀୟ ହାର ଠାରୁ ଅଧିକ। ଏଥିରୁ ୯୪୪ଟି ହିଟ୍ ଆଣ୍ଡ ରନ ମାମଲାରେ ୧୦୨୧ ଜଣଙ୍କ ଜୀବନ ଯାଇଥିଲା। ଅନ୍ୟ ବିଭିନ୍ନ କାରଣରୁ ଘଟିଥିବା ୩୭୯୨ ସଡ଼କ ଦୁର୍ଘଟଣାରେ ୪୦୪୧ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୧ ମସିହା ଏନସିଆରବି ରିପୋର୍ଟରେ ଏହି ତଥ୍ୟ ପ୍ରକାଶିତ ହୋଇଛି। ସଡ଼କ ସୁରକ୍ଷା, ଜୀବନ ରକ୍ଷା। ଏହି ସ୍ଲୋଗାନ ଯେତେ ଦିଆଯାଉଥିଲେ ମଧ୍ୟ ଦେଶରେ ସଡ଼କ ସ୍ଥିତି କେତେ ବିପଜ୍ଜନକ କିଛି ଦିନ ପୂର୍ବରୁ ଘଟିଥିବା ବିଶିଷ୍ଟ ଶିଳ୍ପପତି ସାଇରସ ମିସ୍ତ୍ରୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ନିଜେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ମଧ୍ୟ ସ୍ୱୀକାର କରିଛନ୍ତି। ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଥିବା ଗାଡ଼ି ଚଳାଉଥିଲେ ମଧ୍ୟ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ପରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏହା କହିବାକୁ ବାଧ୍ୟ ହୋଇଥିଲେ ଯେ ସଡ଼କ ସୁରକ୍ଷା ଏକ ଏଭଳି ପ୍ରସଙ୍ଗ ଯାହାର ମୁକାବିଲା କରିବାରେ ସେ ସଫଳ ହୋଇ ପାରି ନାହାନ୍ତି। କେବଳ ସାଇରସ ମିସ୍ତ୍ରୀ କାହିଁକି ସଡ଼କ ଦୁର୍ଘଟଣାରେ ଦେଶରେ ପ୍ରତିଦିନ ୪୨୬ ଜଣଙ୍କ ଜୀବନ ଯାଉଛି। ଏଥିରୁ କେବଳ ୭୦ ପ୍ରତିଶତ ୧୮ରୁ ୪୫ ବର୍ଷୀୟ। ଏନସିଆରବିର ଏହି ତଥ୍ୟ ଅନୁଯାୟୀ, ଗୋଟିଏ ବର୍ଷରେ ସମୁଦାୟ ୧ ଲକ୍ଷ ୩୫ ହଜାର ୪୦୬ଟି ସଡ଼କ ଦୁର୍ଘଟଣା ଘଟି ୧ ଲକ୍ଷ ୪୯ ହଜାର ୬୭୫ ଜଣଙ୍କ ମୃତ୍ୟୁ ହୋଇଛି। ଉପରୁ ଏହି ସଂଖ୍ୟା ୧ ଲକ୍ଷରୁ ଅଧିକ ଜଣା ପଡୁଥିଲେ ମଧ୍ୟ ଏହି ସଂଖ୍ୟା କାହିଁରେ କେତେ ଅଧିକ। ଅର୍ଥାତ ଏହି ଦୁର୍ଘଟଣାରେ ଲକ୍ଷାଧିକ ଆହତ ହୋଇ ଭିନ୍ନକ୍ଷମ ତ ଆଉ କେତେ ପରିବାର ସର୍ବସ୍ୱାନ୍ତ ହୋଇ ପଡ଼ିଥିବ। କେତେ ଯେ ଶିଶୁ ଅଭିଭାବକ ଛେଉଣ୍ଡ, ବୃଦ୍ଧ ମା, ବାପା ସନ୍ତାନ ଛେଉଣ୍ଡ, ସ୍ୱାମୀ କିମ୍ବା ସ୍ତ୍ରୀ ନିଜ ସାଥୀଙ୍କୁ ହରାଇଥିବେ। ଅନେକ ଦକ୍ଷ ନାଗରିକଙ୍କୁ ହରାଇ ଦେଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବ। ଯାହାର ଆକଳନ କରାଯାଇ ନାହିଁ। ସଡ଼କ ଦୁର୍ଘଟଣାରେ ଉତ୍ତରପ୍ରଦେଶରେ ମୃତ୍ୟୁ ସଂଖ୍ୟା ଏବଂ ତାମିଲନାଡୁର ମୃତ୍ୟୁହାର ଅଧିକ। ଅର୍ଥାତ ଉତ୍ତରପ୍ରଦେଶରେ ୧୮ ହଜାର ୨୨୮ଟି ଦୁର୍ଘଟଣାରେ ସର୍ବାଧିକ ୧୮ ହଜାର ୯୭୨, ତାମିଲନାଡୁରେ ୧୪ ହଜାର ୭୪୭ ଦୁର୍ଘଟଣାରେ ୧୫ ହଜାର ୩୮୪, ମଧ୍ୟପ୍ରଦେଶରେ ୧୧ ହଜାର ୮୫୩ ଦୁର୍ଘଟଣାରେ ୧୩ ହଜାର ୧୫୮, ମହାରାଷ୍ଟ୍ରରେ ୧୨ ହଜାର ୩୮୯ ଦୁର୍ଘଟଣାରେ ୧୩ ହଜାର ୪୧୨, କର୍ଣ୍ଣାଟକରେ ୯୪୭୪ ଦୁର୍ଘଟଣାରେ ୧୨ ହଜାର ୦୨୨ ଜଣଙ୍କ ମୃତ୍ୟୁ ହୋଇଛି। ନାଗାଲାଣ୍ଡରେ ସର୍ବନିମ୍ନ ୨୭ଟି ସଡ଼କ ଦୁର୍ଘଟଣା ଘଟି ୩୬ ଜଣଙ୍କ ମୃତ୍ୟୁ ହୋଇଛି।

## ଗରିବ ପିଲା ପଢ଼ିପାରିବେ ଇଞ୍ଜିନିୟରିଂ

### ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ୧୦% ସଂରକ୍ଷଣ

**ଭୁବନେଶ୍ୱର :** ସାଧାରଣ ବର୍ଗର ଗରିବ ଛାତ୍ରଛାତ୍ରୀଙ୍କ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନ ସାକାର ହେବାକୁ ଯାଉଛି। ଯେଉଁ ପିଲାଙ୍କ ପରିବାରର ବାର୍ଷିକ ଆୟ ୮ଲକ୍ଷ ଟଙ୍କାରୁ କମ୍ ଏବଂ ୫ ଏକର କିମ୍ବା ତା' ଠାରୁ ଅଧିକ ଜମି ନଥିବ ସେମାନେ ଏହି ସୁବିଧା ପାଇବେ। ୨୦୨୨-୨୩ ଶିକ୍ଷାବର୍ଷରେ ଓଜେଇଇ ପକ୍ଷରୁ ଚାଲିଥିବା ନାମଲେଖା ପ୍ରକ୍ରିୟାରେ ଆର୍ଥିକ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ଛାତ୍ରଛାତ୍ରୀଙ୍କ ଲାଗି ଏଭଳି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ ରହିଥିଲା। ଚଳିତ ଶିକ୍ଷାବର୍ଷରୁ ଅଲ୍ ଇଣ୍ଡିଆ କାଉନସିଲ୍ ଫର ଟେକନିକାଲ୍ ଏଜୁକେସନର(ଏଆଇସିଟିଇ) ଅନୁମୋଦନ କ୍ରମେ ଏହି ସଂରକ୍ଷଣ ଅନୁଯାୟୀ ଓଜେଇଇ କାଉନସେଲିଂ କରିବ ବୋଲି ଜଣାପଡ଼ିଛି। ନିୟମ ଅନୁଯାୟୀ ଯେଉଁ ଛାତ୍ରଛାତ୍ରୀ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି କିମ୍ବା ପଛୁଆ ବର୍ଗ କୋଟାରେ



ଅନ୍ତର୍ଭୁକ୍ତ ଥିବେ ସେମାନେ ଏହି ସୁବିଧା ପାଇବେ ନାହିଁ। ଇଡବ୍ଲୁଏସ ପ୍ରମାଣପତ୍ର ପାଇଁ ଛାତ୍ରଛାତ୍ରୀଙ୍କୁ ତହସିଲ୍ ଅଫିସରେ ଆବେଦନ କରିବାକୁ ପଡ଼ିବ। ତଥ୍ୟ ଯାଞ୍ଚ ପରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ପ୍ରମାଣପତ୍ର ପ୍ରଦାନ କରିବେ। କାଉନସେଲିଂ ଚାଲିଥିବା ବେଳେ ଇଡବ୍ଲୁଏସ୍ କୋଟା ଲାଗି ଛାତ୍ରଛାତ୍ରୀ ଆବେଦନ କରିବେ। ନାମଲେଖା ସମୟରେ ସେମାନଙ୍କୁ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି ଯେ ୨୦୨୨-୨୩ ଶିକ୍ଷାବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମରେ ନାମଲେଖା ଲାଗି କାଉନସେଲିଂ ଆରମ୍ଭ ହୋଇଯାଇଛି। ଯେଉଁ ଛାତ୍ରଛାତ୍ରୀ ଏଥିରେ ଭାଗ ନେଉଛନ୍ତି ସେମାନେ ପ୍ରଥମେ ୱେବସାଇଟ୍‌ରେ ଦିଆଯାଇଥିବା ନିୟମାବଳୀକୁ ଭଲ ଭାବେ ପଢ଼ନ୍ତୁ। ଦାଖଲ କରୁଥିବା ତଥ୍ୟକୁ ଠିକ୍ ଭାବେ ଦେଖନ୍ତୁ। କେଉଁ ଦିନ କେଉଁ ବିଷୟର କାଉନସେଲିଂ ହେବ ତାହାର ତାଲିକା ଓଜେଇଇ ୱେବସାଇଟ୍‌ରେ ଦିଆଯାଇଛି। ପ୍ରଥମ ଥର ଲାଗି ସମସ୍ତ ଟେକ୍ନିକାଲ ଓ ପ୍ରଫେସନାଲ କୋର୍ସରେ ସାଧାରଣ ବର୍ଗର ଇଡବ୍ଲୁଏସ୍ ଛାତ୍ରଛାତ୍ରୀଙ୍କ ଲାଗି ୧୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଲାଗୁ କରିବାକୁ ହେଲେ ବର୍ତ୍ତମାନର ସିଟ୍‌ରେ ୨୫% ବଢ଼ାଇବାକୁ ପଡ଼ିବ। ଅର୍ଥାତ୍ ଯଦି ଗୋଟିଏ ବିଭାଗରେ ୬୦ଟି ସିଟ୍ ରହିଛି, ତାହା ୭୫କୁ ବୃଦ୍ଧି ପାଇବ। ସେହିପରି ଯେଉଁ ବିଭାଗରେ ୧୨୦ ସିଟ୍ ରହିଛି ତାହା ୧୫୦ରେ ପହଞ୍ଚିବ। ଏହି ବ୍ୟବସ୍ଥା ଦ୍ୱାରା ଗରିବ ମେଧାବୀ ପିଲାମାନେ ଉପକୃତ ହୋଇପାରିବେ। ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷା ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଯେଉଁମାନେ ଏହାର ଫାଇଦା ନେବାକୁ ଚାହାନ୍ତି ସେମାନେ କାଉନସେଲିଂ ସମୟରେ ଉଲ୍ଲେଖ କରିବା ଆବଶ୍ୟକ। ଏଥିପାଇଁ ଯେଉଁ ଡକ୍ୟୁମେଣ୍ଟ ଆବଶ୍ୟକ ତାହାକୁ ମଧ୍ୟ ଦାଖଲ କରିବା ବାଧ୍ୟତାମୂଳକ।

## ରାଜ୍ୟର ସବୁ ରାସ୍ତା ଗୋଟିଏ ଡିଜାଇନ୍‌ର ହେବ

**ଭୁବନେଶ୍ୱର :** ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଚାଲିଥିବାରୁ ଏହା ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଓଡ଼ିଶା ମୋଟର ଯାନ ନିୟମ ୧୯୯୩ରେ ସଂଶୋଧନ କରି ଓଡ଼ିଶା ମୋଟର ଯାନ (ସଂଶୋଧିତ) ନିୟମ, ୨୦୨୨ ଆଣିବାକୁ ଯାଉଛନ୍ତି। ଏଥିରେ ରାସ୍ତା ନିର୍ମାଣକାରୀ ବିଭାଗ ଠାରୁ ଆରମ୍ଭ କରି ଆରଟିଓ, ପୁଲିସ ସମସ୍ତଙ୍କୁ ଦାୟିତ୍ୱ ଆବଣ୍ଟନ କରିବାକୁ ଯାଉଛନ୍ତି। ଏପରିକି ପ୍ରତି ରାସ୍ତାରେ କ'ଣ କ'ଣ ସୁବିଧା ରହିବା ଦରକାର ସେନେଇ ଏକ ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଣିକି ଜାତୀୟ ରାଜପଥରୁ ଆରମ୍ଭ କରି ରାଜ୍ୟ ରାଜପଥ, ପୌର ସଂସ୍ଥା ଅଧୀନରେ ଥିବା ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକର ଡିଜାଇନ୍ ଗୋଟିଏ ପ୍ରକାରର ହେବ। ଏଥିରେ କେବଳ ରାସ୍ତାର ଚଉଡା ଯାହା ବଦଳିବ। ପ୍ରତି ରାସ୍ତାରେ ପଥଚାରୀ, ସାଇକେଲ୍



ଚାଳକ, ଅଣ ମୋଟରଯାନ ବ୍ୟବହାରକାରୀଙ୍କ ପାଇଁ ଫୁଟପାଥ୍, ସାଇକେଲ୍ ଟ୍ରାକ୍, ଫୁଟ୍ ଓଭରବ୍ରିଜ୍ ରହିବ। ଏପରିକି ଘୋଡ଼ା ଗାଡ଼ି , ବଳଦ ଗାଡ଼ି ଭଳି ପଶୁ ଚାଳିତ ଗାଡ଼ି ଯାତାୟତ ସୁବିଧା ବି ଫୁଟପାଥ୍ରେ ରହିବ। ଜନବସତି ଅଞ୍ଚଳରେ ପ୍ରତି ଦୁଇ କିଲୋମିଟର ରାସ୍ତାରେ ପଥଚାରୀଙ୍କ ପାଇଁ ରାସ୍ତା ଅତିକ୍ରମ ସୁବିଧା ରହିବ, କେଉଁଠି ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିବ ତାହା ପୁଲିସ ଓ ପୂର୍ତ୍ତ ବିଭାଗ ଚିହ୍ନଟ କରିବା ସହ ଉକ୍ତ ସ୍ଥାନରେ ପଥଚାରୀଙ୍କ ଯାତାୟତ ପାଇଁ ସୁବିଧା କରିବେ। ସମସ୍ତ ନୂତନ ଓ ଉନ୍ନତୀକରଣ ହୋଇଥିବା ରାସ୍ତାରେ ସାଇକେଲ୍ ଟ୍ରାକ୍, ଫୁଟପାଥ୍ ନିର୍ମାଣ କରାଯିବ। ସମସ୍ତ ଗାଡ଼ି ଚାଳକ ଯେପରି ଅଣ ମୋଟରଯାନ ଚାଳକଙ୍କ ଠାରୁ ଦୂରରେ ଗାଡ଼ି ଚଲାଇବେ ଏବଂ ଅତିକ୍ରମ କରିବେ ସେହିଭଳି ରାସ୍ତା ନିର୍ମାଣ ହେବ। ସବୁ ନୂଆ ରାସ୍ତାରେ ଯଦି ପଥଚାରୀଙ୍କ ଫୁଟପାଥ୍ ନରହିବ ତେବେ ଉକ୍ତ ପ୍ରକଳ୍ପ ମୂଲ୍ୟର ୧% ଅର୍ଥ ରାଜ୍ୟ ସଡ଼କ ସୁରକ୍ଷା ପାଣ୍ଠିରେ ଜରିମାନା ଆକାରରେ ଜମା କରିବାକୁ ହେବ। ୧୨ ମିଟର ବା ୪୦ଫୁଟ କିମ୍ବା ତାହାଠାରୁ କମ୍ ଓସାର ରାସ୍ତାରେ ଯାନବାହାନ ଘଣ୍ଟା ପ୍ରତି ୧୫ରୁ ୨୦କିମି ବେଗରେ ଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲାଗିଥିଲେ ୩ମିଟର ବା ୧୦ଫୁଟ ଉଚ୍ଚତା ମଧ୍ୟରେ ଯେପରି ଗଛର ଡାଳ ରହିବନି ସେନେଇ ବ୍ୟବସ୍ଥା କରାଯିବ। ସେହିପରି ଯେଉଁମାନେ ସଡ଼କ ସୁରକ୍ଷା ନିୟମ ମାନିବେନି ସେମାନଙ୍କ ଠାରୁ କେବଳ ଏଏସ୍‌ଆଇ ଏବଂ ଏହାଠାରୁ ବଡ଼ ର୍ୟାଙ୍କର ଅଧିକାରୀମାନେ ଜରିମାନା ଆଦାୟ କରିପାରିବେ। ଏହିଭଳି ନିୟମ ଓଡ଼ିଶା ମୋଟର ଯାନ (ସଂଶୋଧିତ) ନିୟମ-୨୦୨୨ରେ ରହିବ।

## ଚିଲିକା ଜଳ ପ୍ରଦୂଷଣ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ :** ଆଦ୍ରଭୂମି ସୁରକ୍ଷା ମାମଲାର ଶୁଣାଣି ସମୟରେ ଚିଲିକା ଓ ଭିତରକନିକାରେ ଜଳ ପ୍ରଦୂଷଣ ନେଇ ହାଇକୋର୍ଟ ଆଜି ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି ଚିଲିକାରେ ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ଦୟାନଦୀ ଦେଇ ପ୍ରବେଶ କରିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ସମସ୍ୟା ଦୂର ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ପୌର ନିଗମ ଓ ସ୍ଥାନୀୟ ବାସିନ୍ଦାଙ୍କ ସଂଘର ସଦସ୍ୟଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ କରିବା ଲାଗି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକର ନିର୍ଯାସ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଗଙ୍ଗୁଆ ନାଳ ଜଳ ଦୟା ନଦୀରେ ପ୍ରବେଶ କରିବା ଓ ଦୟାନଦୀ ଜଳ ଚିଲିକାରେ ମିଶିବାରୁ ଏହାର ଜଳ ପ୍ରଦୂଷିତ ହେଉଥିବା ନେଇ ଆମିକସ୍କ୍ୟୁରି ଆଜି ଶୁଣାଣି ବେଳେ ତଥ୍ୟ ଉପସ୍ଥାପନ କରିଥିଲେ। ଭର୍ଚୁଆଲ ମୋଡ୍ରେ ଉପସ୍ଥିତ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ




ସଦସ୍ୟ ସଚିବ ମଧ୍ୟ ଗଙ୍ଗୁଆର ପ୍ରଦୂଷିତ ଜଳ ଦୟାନଦୀ ଦେଇ ଚିଲିକାରେ ମିଶୁଛି ବୋଲି କହିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦାଖଲ ଚିଲିକା ଓ ଭିତରକନିକାର ଜଳର ମାନ ପରୀକ୍ଷା ସଂପର୍କିତ ରିପୋର୍ଟରୁ ମଧ୍ୟ ଜଳ ପ୍ରଦୂଷିତ ଥିବା ଜଣାପଡ଼ିଥିଲା। ଅନ୍ୟପଟରେ ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେଉଥିବା ବେଳେ ପାରମ୍ପରିକ ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଓ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ଦୁଇ ମାସ ଭିତରେ ନୂଆ ନୀତି ନିର୍ଦ୍ଧାରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

# ବଢ଼ିବନି ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା

**ଭୁବନେଶ୍ୱର :** ରାଜ୍ୟରେ ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ୬୦ବର୍ଷ ରହିବ। ଏହାକୁ ବୃଦ୍ଧି କରାଯିବାକୁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନାହିଁ କିମ୍ବା ଏଥିପାଇଁ କର୍ମଚାରୀମାନେ ବାଧ୍ୟ କି ଦାବି କରିପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ରୋକଠୋକ୍ ଭାବେ ଶୁଣାଇ ଦେଇଛି। ଆଲୋପ୍ୟାଥିକ ଡାକ୍ତରଙ୍କ ଅବସର ବୟସ ୬୫ବର୍ଷକୁ ବୃଦ୍ଧି ପାଇଥିବାବେଳେ ଅନୁରୂପ ଭାବେ ଅବସର ବୟସ ବଢ଼ାଇବା ନିମନ୍ତେ ୬ଜଣ ହୋମିଓପ୍ୟାଥି ମେଡିକାଲ ଅଫିସରଙ୍କ ଦାବିପତ୍ର ଉପରେ ବିଚାର କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହା କହିଛି। ହୋମିଓପ୍ୟାଥି ମେଡିକାଲ ଅଫିସର ଡାକ୍ତର ସନ୍ତୋଷ କୁମାର ମହାପାତ୍ର, ଡାକ୍ତର ପ୍ରଭାତ ରଥ, ଡାକ୍ତର ରଞ୍ଜନ ସାମନ୍ତ, ଡାକ୍ତର ନାରାୟଣ ପ୍ରଧାନ, ଡାକ୍ତର ଅନୁସୟା ରାଉତ ଓ ଡାକ୍ତର ରମେଶ ଚନ୍ଦ୍ର ପଟ୍ଟନାୟକ ମିଳିତ ଭାବେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ଦେଇ ସେମାନଙ୍କର ଅବସର ବୟସ ୬୦ରୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ। ଉତ୍ତର ଦିଲ୍ଲୀ ମ୍ୟୁନିସପାଲ କର୍ପୋରେସନ ଅଧୀନରେ ଥିବା ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏହି ଡାକ୍ତରମାନେ ସେମାନଙ୍କର ସରକାରୀ ଚାକିରିରୁ ଅବସର ବୟସସୀମାକୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ। ମାତ୍ର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଗତକାଲି ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗ ହେଉଛି ଏକ ନୀତିଗତ ନିଷ୍ପତ୍ତି। ନିଜର



ଅବସର ବୟସ ବୃଦ୍ଧି ଦାବି କରିବା ଅଧିକାର କର୍ମଚାରୀମାନଙ୍କର ନାହିଁ। ସୁପ୍ରିମକୋର୍ଟ ମଧ୍ୟ ଏନେଇ ସ୍ପଷ୍ଟ ରାୟ ଦେଇଛନ୍ତି। ରାଜ୍ୟରେ ଆଲୋପ୍ୟାଥିକ ଡାକ୍ତରଙ୍କ ଭଳି ବୟସସୀମା ବୃଦ୍ଧି ଦାବି କରିବାର ଯଥାର୍ଥତା ନାହିଁ। କାରଣ ରାଜ୍ୟରେ ଅଭିଜ୍ଞ ଓ ବରିଷ୍ଠ ଏଲୋପ୍ୟାଥିକ ଡାକ୍ତରଙ୍କ ସଂଖ୍ୟା ଅଭାବ ଥିବା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ସରକାର ଏହାକୁ ଦୃଷ୍ଟିରେ ରଖି ଆଡଭୋକେଟ୍ ଜେନେରାଲଙ୍କ ମତାମତ ନେବା ପରେ ଅର୍ଥ ବିଭାଗ ଏହି ବୟସ ସୀମାକୁ ୬୨ରୁ ୬୫ବର୍ଷକୁ ବୃଦ୍ଧି କରିଛନ୍ତି। ତା'ଛଡ଼ା ହୋମିଓପ୍ୟାଥି ଓ ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା ବୃଦ୍ଧି ହେଲେ ତା'ର ପ୍ରତିକୂଳ ପ୍ରଭାବ ଚାକିରି ଆଶାୟୀ ଆୟୁଷ ଡାକ୍ତରଙ୍କ ଉପରେ ପଡ଼ିବ। କାରଣ ପ୍ରତିବର୍ଷ ରାଜ୍ୟରୁ ଉଭୟ ଆର୍ୟୁବେଦିକ ଓ ହୋମିଓପ୍ୟାଥିରେ ୫୬୦ଜଣ ଗ୍ରାଜୁଏଟ କୃତକାର୍ଯ୍ୟ ହେଉଛନ୍ତି। ଏବେ ରାଜ୍ୟରେ ୬୮୫୪ଜଣ ଯୋଗ୍ୟ ଆୟୁର୍ବେଦିକ ଡାକ୍ତର ଓ ୪୮୦୦ ହୋମିଓପ୍ୟାଥି ଡାକ୍ତର ଚାକିରି ଅପେକ୍ଷାରେ ରହିଛନ୍ତି। ତେଣୁ ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦେଇଥିବା ରାୟକୁ ଆଧାର କରି ଅବସର ବୟସ ବୃଦ୍ଧି ଦାବି ଗ୍ରହଣୀୟ ନୁହେଁ କିମ୍ବା ସରକାର ଏବେ ଏହି ଅବସର ବୟସସୀମା ବୃଦ୍ଧି କରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ୩ଟି ଆୟୁର୍ବେଦିକ କଲେଜ ଓ ହସ୍ପିଟାଲରେ ୨୫୦ଟି ବେଡ୍ ଓ ୨୫୪ଟି ସିଟ୍ ଥିବାବେଳେ ୪ଟି ହୋମଓପାଥି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୨୫ବେଡ୍ ଓ ୧୬୦ଟି ସିଟ୍ ରହିଛି। ତା'ଛଡ଼ା ୫ଟି ଆୟୁର୍ବେଦିକ ହସ୍ପିଟାଲ, ୪ଟି ହୋମିପ୍ୟାଥି ହସ୍ପିଟାଲ, ୬୨୦ଟି ଆୟୁର୍ବେଦିକ ଡିସପେନସାରୀ, ୫୬୨ଟି ହୋମିଓପ୍ୟାର୍ଥିକ ଡିସପେନସାରୀ, ୯ଟି ୟୁନାନି ଡିସପେନସାରୀକୁ ମିଶାଇ ମୋଟ ୧୧୯୧ଟି ଆୟୁଷ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଥିବାବେଳେ ଏଥିରେ ୬୯୦ଜଣ ଆୟୁର୍ବେଦିକ ମେଡିକାଲ ଅଫିସର, ୫୯୫ଜଣ ହୋମିଓପ୍ୟାଥିକ ମେଡିକାଲ ଅଫିସର, ୯ଜଣ ୟୁନାନି ମେଡିକାଲ ଅଫିସରଙ୍କୁ ମିଶାଇ ମୋଟ ୧୨୯୪ଜଣ କାର୍ଯ୍ୟରତ ଅଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ସେପ୍ଟେମ୍ବର, ୨୦୨୨

# ଶତ୍ରୁ ରାଷ୍ଟ୍ରକୁ ଗୁରୁତ୍ୱ ଦେଉନି ଭାରତ

ବିସ୍ତାରବାଦୀ ଚୀନ ଓ ଦୋମୁହାଁ ଆମେରିକାର ବିଭିନ୍ନ ଭୁଲ ନୀତି ଯୋଗୁଁ ସମଗ୍ର ବିଶ୍ୱରେ ଏକପ୍ରକାର ଅସ୍ଥିରତା ଦେଖାଦେଇଛି। ଆରମ୍ଭରୁ ଆମେରିକାର ଦୁଷ୍ଟ ବୁଦ୍ଧି, ବେପାରୀ ମାନସିକତା ପାଇଁ ସିଏ କାହାରି ବନ୍ଧୁ ନୁହେଁ କି ଶତ୍ରୁ ବି ନୁହେଁ। ନିଜ ଦେଶକୁ କଳେବଳେ ଫାଇଦା ଦେବା ହେଉଛି ଆମେରିକାର ଲକ୍ଷ୍ୟ। ତେଣୁ ଆମେରିକା ଦେଶ-ଦେଶ ଭିତରେ ଅସ୍ଥିରତା ସୃଷ୍ଟି କରି ନିଜର ଯୁଦ୍ଧ ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱ ଦେଇଆସିଛି। ଯଦିଓ ଋଷ ଏବେ ଆମେରିକାର ଅର୍ଥ ବ୍ୟବସ୍ଥା ପ୍ରତି କ୍ଷତି ପହଞ୍ଚାଇବା ପାଇଁ ଯଥେଷ୍ଟ ଉଦ୍ୟମ କରୁଛି। ଏଭଳି ସ୍ଥିତିରେ ଋଷ-ୟୁକ୍ରେନ ଯୁଦ୍ଧ ବିଶ୍ୱ ପାଇଁ ନୂଆ ସନ୍ଦେଶ ଦେଉଛି। ଯାହାକି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ସମସ୍ତେ ଟାଣି ହୋଇଯାଉଛି। ଏତିକିବେଳେ ଚୀନ ମଧ୍ୟ ତାଇୱାନ ଉପରେ ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ଚୀନ ମଧ୍ୟ ନିଜକୁ ସୁପର ପାୱାର କରିବା ଦିଗରେ ଅଗ୍ରସର ହେଉଥିଲେ ବି ତାଙ୍କ ଦେଶ ଭିତରେ ଅନେକ ପ୍ରକାର ଅଶାନ୍ତି ଲାଗିରହିଛି। ଉଭୟ ଆମେରିକା ଓ ଚୀନ ଭାରତ ପାଇଁ ଚିନ୍ତାର କାରଣ। ଆମେରିକାର ରାଷ୍ଟ୍ରପତି ଆସନରେ ଜୋ ବାଇଡେନ ବସିବା ପରେ ଭାରତ ସହ ଆମେରିକାର ବନ୍ଧୁତାର ଏକପ୍ରକାର ଭଟ୍ଟା ପଡିଛି। ଆମେରିକା କେତେବେଳେ ଭାରତ ସପକ୍ଷରେ ତ ଆଉ କେତେବେଳେ ପାକିସ୍ତାନକୁ ପ୍ରତିରକ୍ଷା ସହଯୋଗ ପାଇଁ ପ୍ରତିବଦ୍ଧତା ଦେଖାଉଛି। ଯାହାକୁ ନେଇ ଭାରତର ଚିନ୍ତା ବଢିବା ସ୍ୱାଭାବିକ। କାରଣ ଦୁଷ୍ଟବୁଦ୍ଧି ପାକିସ୍ତାନ ଆଜିଯାଏ କେବଳ ଭାରତର କ୍ଷତି କରିବାକୁ ଷଡଯନ୍ତ୍ର କରିଆସିଛି। ଯଦିଓ ଏହି ଦେଶର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ବଙ୍କା ହୋଇସାରିଲାଣି। କିନ୍ତୁ ନିଜର ଖରାପ ଅଭ୍ୟାସ ଛାଡିବାକୁ ପାକ ସରକାର ରାଜି ନୁହନ୍ତି। କିନ୍ତୁ ଅପରପକ୍ଷେ ସମାନ ସମୟରେ ସ୍ୱାଧୀନତା ହାସଲ କରିଥିବା ଭାରତ ଆଜି ପୂର୍ଣ୍ଣ ବିକଶିତ ଦିଗରେ ଅଗ୍ରସର। ଋଣ ବୋଝରେ ସଢୁଥିବା ପାକିସ୍ତାନ ପାଇଁ ଆହୁରି ବିପଦ ଆଣିଦେଇଛି ଚଳିତବର୍ଷର ବନ୍ୟା। ଦେଶର ଏକ ତୃତୀୟାଂଶ ଅଂଚଳରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବା ସହିତ ହଜାରେରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ପାକିସ୍ତାନରେ ଖାଦ୍ୟ ସାମଗ୍ରୀ, ପନିପରିବାର ଘୋର ଅଭାବ ବେଳେ ଯାହା ମିଳୁଛି ତାହାର ଦର ଆକାଶଛୁଆଁ। ଯେଉଁଠି ଟମାଟୋ କିଲେ ପାଞ୍ଚଶ ଟଙ୍କା ଉପରେ ରହିଛି। ପୂର୍ବରୁ ଆର୍ଥିକ ସଂକଟରେ ଜୁଝୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହେବାଜ ହୁସେନ ନିଜ ଦେଶକୁ ବଞ୍ଚାଇବା ପାଇଁ ଆମେରିକା ସମେତ ବହୁ ମୁସଲିମ ରାଷ୍ଟ୍ର ନିକଟରେ ଗୁହାରି କରିଥିଲେ ବି କୌଣସି ଦେଶ ପାକିସ୍ତାନକୁ ସାହାଯ୍ୟ ଦେବାକୁ ରାଜି ନୁହନ୍ତି। ଯେଉଁ ପାକିସ୍ତାନ ଦିନେ କହୁଥିଲା ଯେ, ଆରବ ଦେଶ ତାଙ୍କ ସହ ବୋଲି ସେମାନେ ଏବେ ଭାରତକୁ ସମର୍ଥନ କରୁଛନ୍ତି। ଏପରିକି କାଶ୍ମୀର ପ୍ରସଙ୍ଗରେ ଆରବ ଦେଶ ଗୁଡିକ ଆଉ ପାକିସ୍ତାନ କଥା ଉପରେ ବିବୃତ୍ତି ରଖୁନାହାନ୍ତି। ଚୀନ ମାୟାରେ ପଡି ଦେଶକୁ ଋଣଗ୍ରସ୍ତ କରିଥିବା ପାକିସ୍ତାନ ସରକାର ଏ ପର୍ଯ୍ୟନ୍ତ ନିଜର ତ୍ରୁଟିକୁ ବୁଝିପାରୁନାହାନ୍ତି ବା ଏହାକୁ ସୁଧାରିବାର ଚେଷ୍ଟା ମଧ୍ୟ କରିନାହାନ୍ତି। ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରଦ୍ଦ କରି କାନ୍ଦୁଛି ପାକିସ୍ତାନ। ହେଲେ ବେଇମାନ ପାକିସ୍ତାନର ଅସହାୟତାକୁ ବୁଝୁଥିଲେ ଭାରତର ମୋଦି ସରକାର ପାକିସ୍ତାନକୁ ସହାୟତା ଦେବା କଥା ଉଚିତ ମଣୁନାହାନ୍ତି। କାରଣ ଭାରତ ଯେତେଥର ପଡୋଶୀ ରାଷ୍ଟ୍ର ଭାବି ପାକିସ୍ତାନକୁ ସହାୟତା ଦେଇଛି, ବଦଳରେ ପାକିସ୍ତାନ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ କରିଆସିଛି। ଯେଉଁଥିପାଇଁ ଭାରତ ସରକାର ପାକିସ୍ତାନକୁ ବିଶ୍ୱାସ ନକରିବା ସ୍ୱାଭାବିକ। ବରଂ ଆଫଗାନିସ୍ତାନର ତାଲିବାନ ସରକାର ଭାରତ ପାଇଁ ନୂଆ ସହଯୋଗୀ ଭାବେ ଉଭା ହୋଇଛି। ଯେଉଁ ତାଲିବାନୀଙ୍କ ଜରିଆରେ ଭାରତ ଉପରେ ଆକ୍ରମଣ ହେବ ବୋଲି ପାକିସ୍ତାନ ଷଡଯନ୍ତ୍ର କରିଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ତେଣୁ ଆଫଗାନିସ୍ତାନକୁ ସହାୟତା ଦେଇ ସେଠାରେ ବିକାଶମୂଳକ କାର୍ଯ୍ୟ କରୁଛି ଭାରତ। ତାଲିବାନ ସରକାରଙ୍କୁ ନିକଟରେ ଭାରତ ପାକିସ୍ତାନ ରାସ୍ତାରେ ପ୍ରଚୁର ଗହମ ଯୋଗାଇଦେଇଛି। ଯାହାକୁ ହଜମ କରିପାରୁନି ପାକିସ୍ତାନ। ଯେପର୍ଯ୍ୟନ୍ତ ପାକିସ୍ତାନ ନିଜ ମାଟିରୁ ଆତଙ୍କବାଦୀମାନଙ୍କୁ ନିପାତ ନକରିଛି, ସେପର୍ଯ୍ୟନ୍ତ ଭାରତ ସହ ପାକିସ୍ତାନର ସମ୍ପର୍କ ସୁଦୃଢ଼ ସମ୍ଭବ ହେବା ମନେହେଉନି। ଏବେ ନିଜ ଚକ୍ରବ୍ୟୁହରେ ନିଜେ ଫସିଛି ପାକିସ୍ତାନ।

ସମ୍ପାଦକୀୟ
ତାରକ ମହାନ୍ତି



ଜାତିସଂଘ ନିରାପତ୍ତା ପରିଷଦକୁ ଭାରତ ଉନ୍ନୀତ ହେବା ପରେ ଋଷ ଓ ଚୀନ ଭାରତର ଅତି ନିକଟତର ହେବାକୁ ଲାଗିବେ। ଏସସିଓ ସମ୍ମିଳନୀରେ ଭାରତ ଅଧ୍ୟକ୍ଷତା କାରଣରୁ ବିଶ୍ୱରେ ଭାରତର ନୂଆ ପରିଚୟ ସୃଷ୍ଟି ହୋଇଛି। ଋଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଅନେକ ରାଷ୍ଟ୍ର କଟକଣା ଭୋଗ କରୁଛନ୍ତି। ଶ୍ରୀଲଙ୍କାର ଦେବାଳିଆ ଅବସ୍ଥା ବେଳେ ଭାରତ ଶ୍ରୀଲଙ୍କାକୁ ଯେଭଳି ସାହାଯ୍ୟ କଲା, ପ୍ରତିବଦଳରେ ଚୀନ ଯୁଦ୍ଧ ଜାହାଜକୁ ହମ୍ବନଟୋଟା ବନ୍ଦରରେ ଶ୍ରୀଲଙ୍କା ସୁଯୋଗ ଦେଇ ଭାରତ ସହ ସମ୍ପର୍କ ଖରାପ କରିଛି। ଯାହାକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ଭୀଷଣ କ୍ଷୁବ୍ଧ ଅଛନ୍ତି। ଜାତିସଂଘରେ ଶ୍ରୀଲଙ୍କାକୁ ଭାରତ ଆଉ ସହଯୋଗର ହାତ ନବଢାଇ ସେଠାରେ ତୁରନ୍ତ ନିର୍ବାଚନ ସପକ୍ଷରେ ରହିଛି। ଶ୍ରୀଲଙ୍କା ଚୀନ ଠାରୁ ଋଣ ନେଇ ସୁଝି ନପାରିବା କାରଣ ହେତୁ ଏଭଳି ପଦକ୍ଷେପ ନେଇଥିବା ସ୍ପଷ୍ଟ ହେଉଥିଲେ ବି ଭାରତ ସହ ଶତ୍ରୁତା କରି ଭୁଲ କରିଛି ଶ୍ରୀଲଙ୍କା। ଶ୍ରୀଲଙ୍କା ଅବସ୍ଥା ଏବେ ଭୋଗିବାକୁ ଯାଉଛି ପାକିସ୍ତାନ। ଭାରତ ବିରୋଧୀ ଆଭିମୁଖ୍ୟ ପାକିସ୍ତାନକୁ ଧୂଳିସାତ କରିବାକୁ ବସିଛି। ତେଣୁ ଭାରତ ବିରୋଧୀ ଚିନ୍ତାଧାରା ଛାଡି ପାକିସ୍ତାନ ଯେବେ ନିଜ ଦେଶରୁ ଆତଙ୍କବାଦୀଙ୍କୁ ବିଦା ନକରିବ ବା ସେମାନଙ୍କ ଠିକଣା ହଜାଇ ନଦେବ ତେବେ ତାକୁ ଭୟଙ୍କର ପରିଣାମ ଭୋଗିବାକୁ ପଡିପାରେ। ଖାଦ୍ୟ ସଂକଟରେ ଥିବା ପାକିସ୍ତାନକୁ ବନ୍ୟା ଏକ ଚେତାବନୀ ସଦୃଶ। ତେଣୁ ପଡୋଶୀ ଭାରତ ହିଁ ଏକମାତ୍ର ଦେଶ ଯିଏ ପାକିସ୍ତାନକୁ ବିପଦରୁ ରକ୍ଷା କରିବ ବୋଲି ଅଧିକ ପାକିସ୍ତାନୀ ମନେକରନ୍ତି। ପାକିସ୍ତାନ ଯେଉଁ ଚୀନକୁ ନିଜର ସବୁଠାରୁ ବଡ ମିତ୍ର ବୋଲି ସବୁ ସ୍ଥାନରେ ଯାଇ କହୁଥିଲା ସେହି ଚୀନ ପାକିସ୍ତାନର ଏକ ବଡ଼ ପ୍ରୋଜେକ୍ଟକୁ ବନ୍ଦ କରି ଦେଇଛି। ସୂଚନା ଅନୁସାରେ ଚୀନ ପାକିସ୍ତାନର ଏକ ଜଳ ବିଦ୍ୟୁତ ପ୍ରୋଜେକ୍ଟ ନିଲମ ଝେଲମକୁ ଅଧାରୁ ଅଟକାଇ ଦେଇଛି। ପାକିସ୍ତାନର ଏହି ପ୍ରୋଜେକ୍ଟ ସେହି ପିଓକେରେ ଚାଲୁଥିଲା ଯାହା ଭାରତର ଏକ ଅଂଶ ଅଟେ। ଏହାକୁ ଜବରଦସ୍ତି ପାକିସ୍ତାନ ତାର କହୁଛି, ପିଓକେ ଭାରତର ଅଟେ। ତେବେ ଏହି ପ୍ରୋଜେକ୍ଟ କେତେ ମହତ୍ୱପୂର୍ଣ୍ଣ ଆପଣ ଏହି କଥାରୁ ଲଗାଇ ପାରିବେ କି ଏହି ପ୍ରୋଜେକ୍ଟ ବନ୍ଦ ହେବା ଦ୍ୱାରା ପାକିସ୍ତାନର ବିଜୁଳି ଅସୁବିଧା ଦେଖାଦେଇଛି ବୋଲି ବିଶେଷ ରିପୋର୍ଟରୁ ଜଣାଯାଇଛି। ହେଲେ ଉଜ୍‌ବେକିସ୍ତାନର ଐତିହାସିକ ସହର ସମରକନ୍ଦରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ନରେନ୍ଦ୍ର ମୋଦି ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ମୁହାଁମୁହିଁ ହୋଇଥିଲେ ବି କେହି କାହା ସହିତ ହାତ ମିଳାଇ ନଥିଲେ କି କଥା ହୋଇନଥିଲେ। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଖାପାଖି ଛିଡା ହୋଇଥିଲେ ମଧ୍ୟ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ୍ ସରିଫ୍‌ଙ୍କୁ ଦେଖି ହାତ ମିଳାଇ ନଥିଲେ ଓ ଗୁରୁତ୍ୱ ମଧ୍ୟ ଦେଇନଥିଲେ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାଣିଶୁଣି ଓଡିଶାକୁ ଭସାଇ ଦେଲେ

ଗୋଲଖ ଚନ୍ଦ୍ର ଦାସ

ଓଡ଼ିଶା ଏକ ନଦ ନଦୀ ବହୁଳ ବନ୍ୟା ପ୍ରଭାବିତ ରାଜ୍ୟ। ଏନେଇ ଓଡ଼ିଶାରେ କେତେବେଳେ ବର୍ଷା ହୋଇ ନଦୀ ବଢ଼ିବ ତାହାର କୌଣସି ଠିକଣା ନଥାଏ। ବନ୍ୟା ଆସିଲା ଗଲା। ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ,ବାଲେଶ୍ୱର, ଖୋର୍ଦ୍ଧା, ନୟାଗଡ ଓ କେନ୍ଦୁଝର ପ୍ରଭୃତି ଜିଲ୍ଲାର ବିଭିନ୍ନ ଅଂଚଳ ବନ୍ୟା ପ୍ରଭାବିତ ହୋଇଥିଲା। ସେହିପରି ରାଜଧାନୀ ଭୁବନେଶ୍ୱର, କଟକ, ସମ୍ବଲପୁର ଭଳି ପ୍ରମୁଖ ସହରରେ ଅନେକ ତଳି ଅଂଚଳରେ ବର୍ଷା ଜଳ ପଶି ଲୋକେ ହନ୍ତସନ୍ତ ହୋଇଥିଲେ। ମହାନଦୀ ଉଛୁଳିବାରୁ ଶାଖା ନଦୀଗୁଡ଼ିକର ସ୍ଥିତି ଅସମ୍ଭାଳ ହୋଇ ପଡିଥିଲା ଏବଂ ନଦୀ ବନ୍ଧ ଅତଡା ଖସିବା ସହ ସାଧାରଣ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଜଳକା ନଦୀ ବିପଦ ମୁହାଁ ହୋଇଥିଲା।

ରାଜ୍ୟ ସରକାର, ବିଭିନ୍ନ ରାଜନୈତିକ ଦଳ , ବେସରକାରୀ ସଂସ୍ଥା ଓ ଅନୁଷ୍ଠାନଗୁଡିକ ବନ୍ୟାଂଚଳକୁ ଯାଇଥିଲେ। ନିଜ ନିଜ ଅନୁସାରେ ସର୍ଭେ କରିଥିଲେ ଏବଂ ବିପନ୍ନଙ୍କ ସେବାରେ ଲାଗିଥିଲେ। ରାଜ୍ୟର ୧୨ରୁ ଅଧିକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହୋଇଥିବା ଏସଆରସି ତାଙ୍କ ରିପୋର୍ଟରେ ପ୍ରକାଶ କରିଥିଲେ। ବନ୍ୟା ଜଳ ପ୍ରଭାବରେ ରାଜ୍ୟର ପ୍ରାୟ ୩୦୦ଶହରୁ ଉର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହେବା ସହ ୧୦ଟି ଜିଲ୍ଲାର ୩୯ଟି ବ୍ଲକ ଓ ୩୬୯ ଗ୍ରାମ ପଂଚାୟତର ୧୩୬୫ରୁ ଉର୍ଦ୍ଧ୍ୱ ଗାଁ ବନ୍ୟାରେ ପ୍ରଭାବିତ ହୋଇଥିଲା। ବନ୍ୟା ଜଳରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲାବେଳେ ୩୩୭ଟି ଗାଁ ସମ୍ପୂର୍ଣ୍ଣ ପାଣି ଘେରରେ ରହିଥିଲା ବୋଲି ସେ ସମୟରେ ଏସଆରସି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଜଳବାୟୁ ପରିବର୍ତ୍ତନ, ଗୋବ୍ଲାଲ ୱାର୍ମିଙ୍ଗ୍, ଅଦିନିଆ ବନ୍ୟା ବାତ୍ୟା ପରିସ୍ଥିତିକୁ ନେଇ ପ୍ରତି ୧୦ବର୍ଷରେ 'କର୍ଭ କୋର୍ଡ'ର ସଂଶୋଧନ ହେବା କଥା କିନ୍ତୁ ୨୨ବର୍ଷର ସରକାର ନିଦ୍ରାରେ ଶୋଇଛନ୍ତି। ହୀରାକୁଦ ବନ୍ଧର ଜଳ ପରିଚାଳନା ପାଇଁ ୧୯୬୨ ମସିହାରେ ଏକ 'କର୍ଭ୍ କୋର୍ଡ' ପ୍ରସ୍ତୁତ କରାଯାଇଥିଲା। ଯାହାକୁ ପରବର୍ତୀ ସମୟରେ ୧୯୮୪ ମସିହାରେ ଦ୍ୱିତୀୟ ଥର ପାଇଁ ସଂଶୋଧନ କରାଯାଇଥିଲା। ଏ ଭିତରେ ୩୮ବର୍ଷ ବିତିଗଲାଣି ଅଥଚ 'କର୍ଭ କୋର୍ଡ'ର ସଂଶୋଧନ କରଯାଇନାହିଁ। ଯାହାଫଳର ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଛି। ରାଜ୍ୟର ସମସ୍ତ ବିରୋଧୀ ଦଳ ଗୁଡିକ ଦାବି କରିଛନ୍ତି ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ପରିଚାଳନା କାରଣରୁ ଚଳିତ ବର୍ଷ ବନ୍ୟା ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ। ଏହି ବନ୍ୟା ପାଇଁ ରାଜ୍ୟ ସରକାର ହିଁ ଦାୟୀ। ଜଳ ସଂରକ୍ଷଣ ଏବଂ ବନ୍ୟା ଜଳ ପରିଚାଳନାରେ ଫେଲ ହେଉଥିବା ରାଜ୍ୟ ସରକାର ସବୁବେଳେ ନିଜ ଦୋଷ ଅନ୍ୟ ଉପରେ ଲଦି ଦେବାର ଅପପ୍ରୟାସ କରିଥାନ୍ତି। ରାଜ୍ୟ ସରକାର ସବୁବେଳେ ପଡୋଶୀ ଛତିଶଗଡ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶକୁ ଦୋଷ ଦେଇ ନିଜ ଦାୟୀତ୍ୱରୁ ଓହରି ଯାଉଛନ୍ତି। ହୀରାକୁଦ ଡ୍ୟାମର ଜଳଧାରଣା ଏବଂ ବନ୍ୟାଜଳ ନିଷ୍କାସନ ପରିଚାଳନା ପାଇଁ ଥିବା ସମସ୍ତ ନିୟମକୁ ଜଳାଞ୍ଜଳୀ ଦେଇ ରାଜ୍ୟ ସରକାର ମନଇଚ୍ଛା ଗେଟ୍ ଖୋଲି ଦେଇଥିଲେ ବୋଲି ଅଭିଯୋଗ ହେଉଛି। ବନ୍ୟା ପୂର୍ବ ପ୍ରସ୍ତୁତି ଆଳରେ ସଚିବାଳୟରେ ହେଉଥିବା ଅଧିକାରୀ ବୈଠକ ବାସ୍ତବ କ୍ଷେତ୍ରରେ ସଂପୂର୍ଣ୍ଣ ଓଲଟା। ଉପରମୁଣ୍ଡରେ ଥିବା ପଡୋଶୀ ରାଜ୍ୟ ସରକାରଙ୍କ ସହ କୌଣସି ଆଲୋଚନା କରାଯାଉନାହିଁ। ମହାନଦୀ ବେସିନରେ ସୃଷ୍ଟି ହୋଇଥିବା ବନ୍ୟା ସଂପର୍କରେ ରାଜ୍ୟ ସରକାର ସଂପୂର୍ଣ୍ଣ ଅବଗତ ଥିବା ସତ୍ୱେ କାହିଁକି ବିହୀତ ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ବର୍ଷଦିନ ଆରମ୍ଭରୁ ନଦୀବନ୍ଧ ମରାମତି ଦାୟିତ୍ୱ ଜଳସମ୍ପଦ ବିଭାଗ ନେବା କଥା କିନ୍ତୁ କୌଣସି କାର୍ଯ୍ୟ ହୋଇନାହିଁ ବୋଲି ଚର୍ଚ୍ଚା ଆଲୋଚନା ହେଉଛି।

ଆହୁରି ଚର୍ଚ୍ଚା ହେଉଛି ଯେ,ରାଜ୍ୟରେ ଜଳ ନୀତି ଥାଇ ମଧ୍ୟ ନିୟମିତ କାର୍ଯ୍ୟକାରୀ କରୁନାହାନ୍ତି ରାଜ୍ୟ ସରକାର। ପ୍ରତିବର୍ଷ ଜଳ ପରିଚାଳନା, ଜଳ ନିଷ୍କାସନ ଓ ନଦୀ ବନ୍ଧ ବାଡ ସୁରକ୍ଷା ପ୍ରସଙ୍ଗରେ ସମୀକ୍ଷା ତଥା ଆକଳନ ହେବାର ଆବଶ୍ୟକତା ଥିଲା ବେଳେ ରାଜ୍ୟ ସରକାର ଗତ ୩ବର୍ଷ ଧରି ସେତି ପ୍ରତି ଧ୍ୟାନ ନଦେଇ ଚିରନିଦ୍ରାରେ ଶୋଇପଡ଼ୁଛନ୍ତି, ଯାହାର ପରିଣାମ ରାଜ୍ୟବାସୀ ଭୋଗୁଛନ୍ତି। ରାଜ୍ୟ ସରକାର ନଦୀ ବନ୍ଧବାଡର ସ୍ଥିତି ନେଇ ଆକଳନ କରୁନାହାନ୍ତି ଫଳରେ ନଦୀ ବନ୍ଧମାନଙ୍କରେ ମୂଷାଗାତ ସୃଷ୍ଟିହୋଇ ଘାଇରେ ପରିଣତ ହୋଇଛି। ରାଜ୍ୟ ସରକାର ବର୍ଷାଦିନ ପୂର୍ବରୁ ଦୁର୍ବଳ ବନ୍ଧର ସମୀକ୍ଷା କରିଥିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା।

ଅଗଷ୍ଟ ୧୬ରେ ଓଡିଶା ସରକାରଙ୍କର ଜଳ ବିଭାଗର ମୁଖ୍ୟଯନ୍ତ୍ରୀ କହିଲେ ହୀରାକୁଦରେ ୪୦ଟି ଗେଟ ଖୋଲିବା ପାଇଁ ପଡିବ। ବନ୍ୟା ଆଶଙ୍କା ଆଦୌ ନାହିଁ। ସେ ଏକଥା ମଧ୍ୟ କହିଥିଲେ ଯେ ଏହି ୪୦ଟି ଗେଟ ଖୋଲିବା ପଛରେ ଛତିଶଗଡର କୌଣସି ଭୂମିକା ନାହିଁ। ଏହାର କିଛି ଦିନ ପୂର୍ବରୁ ରାଜ୍ୟର ପ୍ରାୟ ଅନେକ ଗଣମାଧ୍ୟମରେ ଛତିଶଗଡ ପଟୁ ମହାନଦୀର ପାଣିକୁ ଅଟକାଇ ରଖିଥିବା କାରଣରୁ ଓଡିଶାରେ ଏକ ଅଚାନକ ବନ୍ୟା ଆଶଙ୍କାର ଭବିଷ୍ୟତ ବାଣି କରିସାରିଥିଲେ। ହେଲେ ସେହି ସମୟରେ ଜଳ ସମ୍ପଦ ଯନ୍ତ୍ରୀ କିନ୍ତୁ ନିଜ ଆଡୁ ଛତିଶଗଡକୁ ଏକ ପ୍ରକାରର କ୍ଲିନଚିଟ ଦେଇଦେଲେ। ଅଗଷ୍ଟ ୧୭ରେ ରାଜ୍ୟର କଳସମ୍ପଦ ମନ୍ତ୍ରୀ ନିଜେ ଗଣମାଧ୍ୟମରେ କହିଲେ ମହାନଦୀରେ ମଧ୍ୟମ ଧରଣର ବନ୍ୟା ହେବ ଓ ବନ୍ୟା ଜଳ ନଦୀରେ ନଦୀରେ ହିଁ ସମୁଦ୍ରକୁ ବୋହିଯିବ। ହିରାକୁଦରେ ୩୦ଟି ଫାଟକ ଖୋଲିଲେ ତଳ ମୁଣ୍ଡରେ ବନ୍ୟା ହୋଇଯାଏ। ହେଲେ ୪୦ଟି ଫାଟକ ଖୋଲିବା ପରେ ବି ଜଳସମ୍ପଦ ମନ୍ତ୍ରୀଙ୍କର ମଧ୍ୟମ ଧରଣର ବନ୍ୟା ହେବାର ଆଶ୍ୱସନା କେବଳ ଅପରିପକ୍ୱତାର ଏକ ନିଦର୍ଶନ ଥିଲା। ଅଗଷ୍ଟ ୧୮ରେ ସ୍ୱତନ୍ତ୍ର ରିଲିଫ କମିଶନର ଜଳ ସମ୍ପଦ ମନ୍ତ୍ରୀ ଓ ଯନ୍ତ୍ରୀ କହିଥିବା କଥାକୁ ଖଣ୍ଡନ କରି କହିଲେ ଯେ ମହାନଦୀରେ ବନ୍ୟା ଭୟଙ୍କର ହୋଇପାରେ। ଏହାର ଅର୍ଥ ହେଉଛି ସରକାର କେଉଁଠି ନା କେଉଁଠି ନିଜର ହୋମଓ୍ୱାର୍କ କରିନଥିଲେ ବନ୍ୟାକୁ ନେଇ। ନହେଲେ ହିରାକୁଦର ପାଣି ୩୬ ଘଂଟା ପରେ ଯେତେବେଳେ ଆସି ନରାଜରେ ପଡୁଛି ସେତେବେଳେ ଯାଇ ସରକାରଙ୍କ ଚେତା ପଶିଲା ଓ ପ୍ରଶାସନ ତତ୍ପର ହେଲେ। ପୁରା ସରକାରଙ୍କର ସମସ୍ତ ଉଦ୍ଧାରକାରୀ ଦଳ ଯାଇ ନଦୀ କୁଳିଆ ଗାଁରେ ପହଂଚିଲା ବେଳକୁ ଗାଁ ସବୁ ପାଣି ଘେରରେ। ଅଗଷ୍ଟ ୧୯ରେ ଛତିଶଗଡ ପାଇଁ ଓଡିଶାରେ ବନ୍ୟା ହୋଇଗଲା ବୋଲି ସରକାରୀ ସ୍ତରରେ କୁହାଗଲା। ଅଗଷ୍ଟ ୨୧ରେ ଛତିଶଗଡ ସହିତ ଝାରଖଣ୍ଡ ସରକାରଙ୍କ ପାଇଁ ସୁବର୍ଣ୍ଣରେଖାରେ ବନ୍ୟା ହୋଇଗଲା ବୋଲି ବାହୁନିଲା ପ୍ରଶାସନ। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ଏମିତି କେତେ ଦିନ ପରକୁ ଦୋଷ ଦେଇ ଚାଲିଥିବା? କାହିଁକି ହିରାକୁଦ ନଦୀବନ୍ଧ ପରିଚାଳନା କର୍ତୃପକ୍ଷ ହିରାକୁଦ ବନ୍ଧର ଜଳସ୍ତର ବିପଦସୀମାକୁ ଛୁଇଁବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସେତେବେଳକୁ ଛତିଶଗଡରେ ୧୦ ଦିନ ହେଲାଣି ବର୍ଷା ହେଉଥିଲା ଓ ଓଡିଶାରେ ମଧ୍ୟ ତଳମୁଣ୍ଡରେ କିଛି କିଛି ବର୍ଷା ହେଉଥିଲା। ଯଦି ବର୍ଷା ପରିମାଣକୁ ଆକଳନ କରାଯାଇ ହିରାକୁଦ ନଦୀ ବନ୍ଧର ଫାଟକକୁ କ୍ରମାନ୍ୱୟରେ ଖୋଲାଯାଇଥାନ୍ତା ତାହେଲେ ଆମେ ବନ୍ୟାକୁ ରୋକିପାରିଥାନ୍ତେ ଏବଂ ୪୦ଟି ଫାଟକ ଏକା ଥରକେ ଖୋଲିବା ପାଇଁ ପଡି ନଥାନ୍ତା। ଗୋଟିଏ ବଡ ଆଶ୍ଚର୍ଯ୍ୟ କଥା ହେଉଛି ଯେ ଅଗଷ୍ଟ ୧୭-୧୮ରେ ମହାନଦୀ ଓ ତାର ଶାଖା ନଦୀରେ ଏଭଳି ଅବସ୍ଥା ହୋଇଗଲା ଯେ ଅନେକ ସ୍ଥାନରେ ଘାଇ, ଘଳିଆ ହୋଇ ସ୍ଥିତି ସଙ୍କଟାପନ୍ନ। କିନ୍ତୁ ଅଗଷ୍ଟ ୨୦ ବେଳକୁ ମୁଖ୍ୟ ମହାନଦୀକୁ ଛାଡିଦେଲେ ଅନ୍ୟ ଶାଖାନଦୀରେ ପାଣି ନାହିଁ। ଏହାର ଅର୍ଥ ହେଉଛି ବନ୍ୟା ଜଳର ପରିମାଣ ବେଶୀ ନଥିଲା କିନ୍ତୁ ଏକା ଥରକେ ବହୁତ ଜୋରରେ ପାଣି ଆସିବା ଫଳରେ ପ୍ରଖର ସ୍ରୋତ କାରଣରୁ ବନ୍ଧ ବାଡ ଭାଙ୍ଗିଦେଲା ଓ ଗାଁଗଣ୍ଡାକୁ ପାଣି ଘେରକୁ ଠେଲିଦେଲା। ପାଣି ମାତ୍ର ୨/୩ ଦିନରେ କମିଗଲା। ଚଳିତ ବନ୍ୟାରେ ଯେଉଁଭଳି ପାଣି ତ୍ୱରିତ ଆସି ତ୍ୱରିତ ଖଲାସ ହୋଇଗଲା ଏକଥା କେବେ ଦେଖିବାକୁ ମିଳିନଥିଲା। ଉତରାଖଣ୍ଡ, ହିମାଚଳ ପ୍ରଦେଶ ଭଳି ଫ୍ଲାସ ଫ୍ଲଡ ଓଡିଶାରେ ଦେଖାଗଲା। ମୁଣ୍ଡଳିରେ ଜଳସ୍ତର ହଠାତ ମାତ୍ର ୩୬ ଘଂଟା ଭିତରେ ୧୨ ଲକ୍ଷ କ୍ୟୁସେକକୁ ଛୁଇଁବା, ଓଡିଶାର ବନ୍ୟା ସ୍ଥିତି ଅନିୟନ୍ତ୍ରିତ ହୋଇପଡିବା ଏବଂ ଏହାର ମାତ୍ର ୨ଦିନ ଭିତରେ ଜଳସ୍ତର ୯ ଲକ୍ଷକୁ ଖସିଆସିବା ଅନେକ ପ୍ରକାରର ପରିଚାଳନାଗତ ତୃଟିକୁ ଆମ ଆଗରେ ଠିଆ କରୁଛି।

୨୨ବର୍ଷ ଶାସନରେ ଥାଇ ମଧ୍ୟ ରାଜ୍ୟ ସରକାର ବନ୍ୟା ଏବଂ ବନ୍ୟା ପରବର୍ତୀ ପରିସ୍ଥିତି ପରିଚାଳନାରେ ଅପାରଗ ସାବ୍ୟସ୍ତ ହୋଇଛନ୍ତି। ଏବଂ ଦାୟୀତ୍ୱହୀନତା କାରଣରୁ ଲକ୍ଷ ଲକ୍ଷ ଲୋକମାନେ ଆଜି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ନଥିବାବେଳେ ଲୋକେ ନିଜ ନିଜ ଘର ପରିବାର ଓ ଅଂଚଳକୁ ବଂଚେଇବା ପାଇଁ ବ୍ୟକ୍ତିଗତ ସ୍ତରରେ ଏକାଠି ହୋଇ ଉଦ୍ଧାର କାର୍ଯ୍ୟ ଓ ବନ୍ଧ ମରାମତିରେ ଲାଗିଥିଲେ। ଜନସାଧାରଣ ଏକାଠି ହୋଇ ନିଜ ଗାଁରେ ବଂଚାଇବା କାର୍ଯ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟାଂଚଳ ପରିଦର୍ଶନ କରିବା ପରେ ବିଳମ୍ବରେ ରିଲିଫ ଯୋଗାଇ ଦେବାର ଘୋଷଣା କରିଥିଲେ, କିନ୍ତୁ ବିପନ୍ନଙ୍କ ପାଖରେ କେତେ ରିଲିଫ ପହଁଚିଲା ଏବେ ପ୍ରଶ୍ନ ଉଠିଛି। ଏବେ ବିରୋଧୀ ଦଳ ଗୁଡିକ କହୁଛନ୍ତି ବନ୍ୟା ପରିଚାଳନା, ବନ୍ୟା ନିୟନ୍ତ୍ରଣ, ବନ୍ୟା ପ୍ରପୀଡିତଙ୍କୁ ସାହାଯ୍ୟ କରିବାରେ ଅସମର୍ଥ ରାଜ୍ୟ ସରକାର। ଜଳବନ୍ଦୀ ହୋଇ ରହିଥିବା ଅଧିକାଂଶ ଜାଗାରେ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ସାତ ସପନ ହୋଇଛି। ବନ୍ୟା ପୀଡିତ ଲୋକେ ଭଗବାନଙ୍କୁ ଭରସା କରି ଜୀବନ ବିତାଇଥିଲେ। ବନ୍ୟାଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାର ପଲିଥିନ୍ କି ମହମବତୀ ଯୋଗାଇ ନଥିବାବେଳେ ଖାଦ୍ୟ ପାଇଁ ଲୋକେ ତହଲ ବିକଳ ହୋଇଥିଲେ। ବନ୍ୟାରେ ଜନସାଧାରଣଙ୍କ ବ୍ୟାପକ ଧନ ସମ୍ପତି ଓ ଫସଲ ହାନୀ ହେବା ସହିତ ବହୁ ଗୃହପାଳିତ ପଶୁ ନିଖୋଜ ହୋଇଛନ୍ତି। ଶୁଖିଲା ଓ ରନ୍ଧା ଖାଦ୍ୟ, ମହମବତୀ, ତାରପୋଲିନ ଜରି ଆଦି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦେବାରେ ମଧ୍ୟ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ପାନୀୟ ଜଳ ଅଭାବ କାରଣରୁ ଲୋକେ ହନ୍ତସନ୍ତ ହୋଇଛନ୍ତି। ବନ୍ୟା ପାଣି କାରଣରୁ ବିଷାକ୍ତ ସାପ ମଧ୍ୟ ଘର ଭିତରକୁ ପଶି ଯାଇଥିବାରୁ ବୟସ୍କ ଓ ଛୋଟ ଛୋଟ ପିଲାମାନଙ୍କ ଜୀବନ ବିପଦରେ ପଡିଥିଲା। ସେହିପରି ଅସମ୍ବେଦନଶୀଳ ରାଜ୍ୟ ସରକାରଙ୍କ ପାଖରେ 'ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ର କୌଣସି ମୂଲ୍ୟ ନାହିଁ। କାରଣ ଏ ବନ୍ୟାରେ ବି ଲୋକେ ମୃତ୍ୟୁ ବରଣ କରିଛନ୍ତି। ବନ୍ୟା ସମୟରେ ରାଜ୍ୟ ସରକାରଙ୍କ ଅବହେଳା ସାମ୍ନାକୁ ଆସିଛି। ରାଜ୍ୟ ସରକାର କେବଳ ପ୍ରଚାର ଏବଂ ନୋଟିସ୍ ଜାରି କରିବାରେ ବ୍ୟସ୍ତ ଥିଲେ। ରାଜ୍ୟରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟ ସରକାର ଅନେଇ ବସିଛନ୍ତି। ଏହି ଆଳରେ ସୁବିଧାରେ ଅର୍ଥ ହଡପ୍ କରିବାର ସୁଯୋଗ ପାଇଯାଉଛନ୍ତି। ରାଜ୍ୟର ନଦୀବନ୍ଧ, ବାଡ ମରାମତି ପାଇଁ କେନ୍ଦ୍ର ସରକାର ପଠାଉଥିବା କୋଟି କୋଟି ଟଙ୍କାକୁ ରାଜ୍ୟ ସରକାର ଚଳୁ କରିଦେଉଛନ୍ତି। ରାଜ୍ୟବାସୀଙ୍କ ପ୍ରତି ନୈତିକତା, ଦାୟିତ୍ୱବୋଧ ଓ ଉତରଦାୟିତ୍ୱକୁ ନିର୍ବାହ କରୁନାହାନ୍ତି ରାଜ୍ୟ ସରକାର। ଏହି ପ୍ରଳୟଙ୍କରୀ ବନ୍ୟାରେ ଓଡିଶାର ଦୁଇ ତୃତୀୟାଂଶ ଅଂଚଳରେ ଲୋକେ ଛଟପଟ ହୋଇଛନ୍ତି। କାହାର ଭାତହାଣ୍ଡି ଉଜୁଡି ଯାଇଛି ତ ଆଉ କାହାର ସଂସାର ଭାସି ଯାଇଛି। ଏହି ସମୟରେ ବନ୍ୟା ବିପନ୍ନଙ୍କ ପାଖରେ କିଭଳି ସରକାରୀ ସହାୟତା ପହଁଚିବ ସେ ନେଇ ଚିନ୍ତା ନକରି, ଏ ବିଷୟକୁ ଲୁଚାଇବାକୁ ଯାଇ ଭୁବନେଶ୍ୱର ବିମାନ ବନ୍ଦରରୁ ନବୀନ ନିବାସ ପର୍ଯ୍ୟନ୍ତ ଜନ ସମୁଦ୍ର ସୃଷ୍ଟି କରାଯାଇଥିଲା। ଆଉ ସେହିଥିରେ ଓଡିଶାର ଏହିପରି ବିକାଶ କରିଥିବା ବିକାଶର ସାରଥି ଲୋକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆପଣମାନେ ଖୁସି ତ' ବୋଲି ସମ୍ବୋଧନ କରିଥିଲେ। ଏହି ଭିଡ ପାଇଁ ରାଜଧାନୀ ବାସୀଙ୍କର ଆଉ ଏକ ସମସ୍ୟା ସୃଷ୍ଟି ହୋଇଥିଲା। କେଉଁଠି ଟ୍ରାଫିକ ଅଣାୟତ୍ତ ହୋଇ ପଡିଥିଲା ତ କେଉଠି ଭିଡରେ ଫସିଥିଲା ଆମ୍ବୁଲାନ୍ସ। 'ସମ୍ବେଦନହୀନ, ପ୍ରଚାର ସର୍ବସ୍ୱ, ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ଥିବା ରାଜ୍ୟ ସରକାରଙ୍କ କାରଣରୁ ସାଧାରଣ ଗରିବ ବନ୍ୟା ବାତ୍ୟାର ଶୀକାର ହୋଇଛନ୍ତି। ପ୍ରଚାର ଓ ଭୋଟ ସର୍ବସ୍ୱ ବିଜେଡି ସରକାରର 'ବିଶ୍ୱସ୍ତରୀୟ ବିକାଶ ମଡେଲ'ର ଅସଲ ମୁଖାକୁ ପଦାରେ ପକାଇଛି ଏହି ଅଭାବନୀୟ ଘଟଣା।

ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୪୩

# ନରେନ୍ଦ୍ର ମୋଦି : ଏକ ଦୂରଦର୍ଶୀ ରାଷ୍ଟ୍ରନେତା



ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୧୭ ତାରିଖକୁ ୨୦୧୮ ମସିହାଠାରୁ ଭାରତୀୟ ଜନତା ପାର୍ଟି ତରଫରୁ ସେବା ଦିବସ ରୂପେ ପାଳନ କରାଯାଇ ଆସୁଛି। ସେପ୍ଟେମ୍ବର ୧୭ ରୁ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ, ମୋଟ ୧୬ ଦିନର କାର୍ଯ୍ୟକ୍ରମକୁ ନେଇ ସେବାପକ୍ଷ ରୂପେ ଘୋଷଣା କରାଯାଇଛି। ସମଗ୍ର ଦେଶରେ ବିଭିନ୍ନ ପ୍ରକାର ଜନ କଲ୍ୟାଣକାରୀ ସେବା ମୂଳକ କାର୍ଯ୍ୟକ୍ରମକୁ ଏଥିରେ ସ୍ଥାନିତ କରାଯାଇ ଆସୁଛି। ଚଳିତ ବର୍ଷ ମଧ୍ୟ ଏହି ସେବାପକ୍ଷ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ ବିତରଣ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ବୃକ୍ଷରୋପଣ, "ଜଳ ହିଁ ଜୀବନ" ମନ୍ତ୍ରକୁ ଲୋକଙ୍କ ପାଖରେ ପହଁଚାଇବା ସହିତ "କ୍ୟାଚ ଦି ରେନ" ଅଭିଯାନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି, ସ୍ୱଚ୍ଛତା ଅଭିଯାନ ପାଇଁ ଶ୍ରମଦାନ, ଟୀକାକରଣ ଅଭିଯାନରେ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରି ବୁଷ୍ଟର ଡୋଜ୍ ଦେବାର ବ୍ୟବସ୍ଥା, "ନିଃକ୍ଷୟ ମିତ୍ର" କାର୍ଯ୍ୟକ୍ରମ ଜରିଆରେ ଯକ୍ଷ୍ମାର ମୂଳୋତ୍ପାଟନ ପାଇଁ ପ୍ରୟାସ, ଜନଭାଗିଦାରୀ ଜରିଆରେ ପୀଡିତ ବ୍ୟକ୍ତିଙ୍କୁ ପୋଷ୍ୟରୂପେ ଗ୍ରହଣ କରି ତାଙ୍କର ଭୋଜନ, ପୋଷଣ ଓ କର୍ମ ସଂସ୍ଥାନ, ବିବିଧତାରେ ଏକତା ଉତ୍ସବ ପାଳନ କ୍ରମରେ ଅନ୍ତତଃ ଗୋଟିଏ ଦିନ ପାଇଁ ରାଜ୍ୟ ବାହାରର କୌଣସି ଏକ ଭାଷାର ବ୍ୟବହାର, ସେହି ରାଜ୍ୟର ସଂସ୍କୃତିର ପ୍ରଚାର ଓ ପ୍ରସାର, 'ଭୋକାଲ ଫର ଲୋକାଲ'ର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମସ୍ତେ କିଛି ନା କିଛି ସ୍ଥାନୀୟ ଉତ୍ପାଦର କ୍ରୟ, ମହାତ୍ମା ଗାନ୍ଧୀଙ୍କ ସିଦ୍ଧାନ୍ତ, ସ୍ୱଦେଶୀ ଆନ୍ଦୋଳନ, ଖଦୀର ପ୍ରଚାର ପ୍ରସାର, ସ୍ୱାବଲମ୍ବନତା, ସରଳତା ଓ ସ୍ୱଚ୍ଛତା ସମ୍ପର୍କରେ ଜନ ସଚେତନତା ସୃଷ୍ଟିକୁ ଅର୍ନ୍ତଭୁକ୍ତ କରାଯାଇଛି।

ଏହି ସେବାପକ୍ଷ ଭିତରେ ସେପ୍ଟେମ୍ବର ୨୫ରେ ଭାରତୀୟ ଜନତା ପାର୍ଟିର ମାର୍ଗଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ତିଥି ପଡୁଥିବାରୁ ତାଙ୍କ ପ୍ରଣୀତ ଏକାତ୍ମ ମାନବ ଦର୍ଶନ ଓ ଏହି ବୈଚାରିକ ସିଦ୍ଧାନ୍ତର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅନ୍ତ୍ୟୋଦୟ ପ୍ରକ୍ରିୟା ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ଭିତିରେ ଦେଶବାସୀ ମୋଦୀଙ୍କର ୮ ବର୍ଷର ପ୍ରଧାନମନ୍ତ୍ରୀଭାବେ ଉପଲବ୍ଧିକୁ ପର୍ଯ୍ୟାଲୋଚନା କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛନ୍ତି।

ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ହେବାର ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ରାଜନୈତିକ ଶକ୍ତି ସାମର୍ଥ୍ୟ ଓ ସାର୍ବଭୌମତ୍ୱକୁ ନେଇ ଏକ ସମୃଦ୍ଧ, ସଶକ୍ତ ଓ ଶ୍ରେଷ୍ଠ ଭାରତ ଗଠନ କରିବାର ସ୍ୱପ୍ନକୁ ପୂରଣ କରିବାର କ୍ରିୟାନ୍ୱୟନ କରିଚାଲିଛନ୍ତି। ଏକଦା ନିଜର ସାହିତ୍ୟ, ସଂସ୍କୃତି, ସନାତନ ଧର୍ମ, ସଶକ୍ତ ଅର୍ଥନୈତିକ ବ୍ୟବସ୍ଥା ଏବଂ ଉନ୍ନତମାନର ସାମାଜିକ ପଦ୍ଧତିର ଅନୁସରଣ କରି ଭାରତ ସାରା ପୃଥିବୀର ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ତେଣୁ ସାରା ପୃଥିବୀରେ ଭାରତ ଉପରେ ହିଁ ସବୁଠାରୁ ବେଶି ବୈଦେଶିକ ଆକ୍ରମଣ ହୋଇଛି। ଏମାନଙ୍କ ଭିତରୁ ଇସଲାମ ଧର୍ମାବଲମ୍ବୀ ଆକ୍ରମଣକାରୀମାନେ ହଜାର ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ବିଭିନ୍ନ ସ୍ଥାନରେ ସେମାନେ ରାଜ୍ୟ ପ୍ରତିଷ୍ଠା କରିଛନ୍ତି। ସେହିଭଳି ଉପନିବେଶବାଦୀ ଇଂରେଜମାନେ ପ୍ରାୟ ୨୫୦ ବର୍ଷ ଧରି ଭାରତକୁ ଶାସନ କରିଛନ୍ତି। ସେମାନଙ୍କର ଅତ୍ୟାଚାର, ହତ୍ୟା, ଲୁଣ୍ଠନ, ଧର୍ମାନ୍ତରଣ ଏବଂ ଭାରତୀୟ ସନାତନ ଧର୍ମକୁ ଧ୍ୱଂସ କରିବା ପାଇଁ ହୋଇଥିବା ସୁଚିନ୍ତିତ ଯୋଜନା କାରଣରୁ ଭାରତକୁ ତାର ପୂର୍ବ ବୈଭବ ହରାଇବାକୁ ପଡିଛି। ଏସବୁ ସତ୍ୱେ ମଧ୍ୟ ଭାରତରେ ଦୀର୍ଘକାଳ ଧରି ଏକ ସାଂସ୍କୃତିକ ରାଷ୍ଟ୍ରୀୟ ଚେତନା ଭାରତ ବାସୀଙ୍କୁ ବିଭିନ୍ନ ବିବିଧତା ସତ୍ୱେ ଏକତା ସୂତ୍ରରେ ବାନ୍ଧି ରଖିଛି। ପ୍ରଧାନମନ୍ତ୍ରୀ ମୋଦି ସେହି ପ୍ରାଚୀନ ବୈଭବର ପରାକାଷ୍ଠାକୁ ପୁଣି ଥରେ ଫେରାଇ ଆଣିବାକୁ ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ପ୍ରତିଷ୍ଠା କରିବାକୁ ଚାହଁନ୍ତି। ଏହି ଭାରତ ହିଁ ହେବ ଆତ୍ମ ନିର୍ଭର ଭାରତ ଓ ଶ୍ରେଷ୍ଠ ଭାରତ। ପୁଣି ଥରେ ଭାରତକୁ ବିଶ୍ୱ ଗୁରୁ କରିବା ପାଇଁ ମୋଦି ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଦୂରଦୃଷ୍ଟି ସମ୍ପନ୍ନ ଯୋଜନାମାନ ପ୍ରଣୟନ ଓ ତାର କ୍ରିୟାନ୍ୱୟନ କରୁଛନ୍ତି। "ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ" ଭିତିରେ ଭାରତ ତାର ପୂର୍ବ ହୃତ ଗୌରବକୁ ପୁଣି ଫେରି ପାଇବାକୁ ସକ୍ଷମ ହେବ ବୋଲି ସେ ଆଶା କରିଛନ୍ତି। ଏହି ଲକ୍ଷ୍ୟ ପୂରଣ ଦିଗରେ ଭାରତୀୟ ଜନତା ପାର୍ଟିର ବୈଚାରିକ ସିଦ୍ଧାନ୍ତ ଏକାତ୍ମ ମାନବ ଦର୍ଶନ ଏବଂ ଅନ୍ତ୍ୟୋଦୟ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ।

ତେଣୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମ ଦିନ ସଂସଦରେ ପ୍ରବେଶ କରିବା ବେଳେ ସଂସଦର ପାବଚ୍ଛରେ ପ୍ରଣାମ ଜଣାଇ ସମ୍ପୂର୍ଣ୍ଣରୂପେ ନିଜକୁ ରାଷ୍ଟ୍ର ପାଇଁ ସମର୍ପିତ କରିବାର ସଂକଳ୍ପ ନେଇଛନ୍ତି। ସେହି ପ୍ରଥମ ଦିନରୁ ହିଁ ମୋଦି, ତାଙ୍କ ସରକାର ଗରୀବ, କୃଷକ, ଶ୍ରମିକ, ଦଳିତ, ଶୋସିତମାନଙ୍କର ସରକାର ବୋଲି ଘୋଷଣା କରିଛନ୍ତି। ଯୁବକ, ମହିଳା ଓ ଅନୁସୂଚିତ ଜନଜାତିମାନଙ୍କ ପାଇଁ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘ କାଳୀନ ଯୋଜନା ଭିତିରେ ଆଗାମୀ ୫୦ ବର୍ଷର ସମ୍ଭାବନା ଓ ସମସ୍ୟାକୁ ନେଇ ସର୍ବସ୍ପର୍ଶୀ ଓ ସର୍ବଗ୍ରାହୀ ଯୋଜନା ପ୍ରଣୟନର ସଂକଳ୍ପ ନେଇଛନ୍ତି। ଜନଧନ ଯୋଜନା ପରି ବ୍ୟବସ୍ଥା ମାଧ୍ୟମରେ ୪୪ କୋଟି ଗରୀବ ଲୋକଙ୍କୁ ବ୍ୟାଙ୍କ ବ୍ୟବସ୍ଥା ସହିତ ଯୋଡି ଭାରତୀୟ ଅର୍ଥନୀତି ବିକାଶରେ ସେମାନଙ୍କୁ ଭାଗିଦାରୀ କରିଛନ୍ତି। ବର୍ତ୍ତମାନ ଭାରତର ଅର୍ଥନୀତିକୁ ପୃଥିବୀର ସବୁଠାରୁ ଦ୍ରୁତତମ ବିକଶିତ ଅର୍ଥନୀତି ବୋଲି କୁହାଯାଉଛି। ରେକର୍ଡ ପରିମାଣର ବୈଦେଶିକ ମୁଦ୍ରା ଗଚ୍ଛିତ କରିବା ସହିତ ୨୦୧୪ ମସିହା ତୁଳନାରେ ୨୦୨୧ ଶେଷ ସୁଦ୍ଧା ବାର୍ଷିକ ରପ୍ତାନୀ ପରିମାଣ ୨୫୦ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି ରାଜପଥ, ରେଳପଥ, ବିମାନ ବନ୍ଦର ଓ ଅନ୍ୟନ୍ୟା ବିଶ୍ୱସ୍ତରୀୟ ଭିତିଭୂମି ନିର୍ମାଣକୁ ସେ ଅଗ୍ରାଧିକାର ଦେଇଛନ୍ତି। ପ୍ରତିରକ୍ଷା ବିଭାଗକୁ ଅଧିକ ସଶକ୍ତ କରିବା ସହିତ ପାକିସ୍ତାନ ବିରୋଧରେ ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ ଷ୍ଟ୍ରାଇକ୍ କରି, ଭାରତ ଭଳି ପାକିସ୍ତାନ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇଥିଲେ ମଧ୍ୟ ଭାରତ ସୀମା ପାର କରି ପାକିସ୍ତାନ ଉପରେ ଆକ୍ରମଣ କରିପାରେ ବୋଲି ସେ ପ୍ରମାଣ କରିଛନ୍ତି। ସେହିପରି ଲଦାଖ ଓ ଡୋକଲାମ ଭଳି ସୀମାନ୍ତରେ ଚୀନ ସୈନ୍ୟଙ୍କ ସହିତ ମୁକାବିଲା କରି ଭାରତ ୧୯୬୨ ମସିହାର ଭାରତ ନୁହେଁ ବୋଲି ସେ ପ୍ରମାଣ କରିପାରିଛନ୍ତି। "ଇଣ୍ଡିଆ ଫାଷ୍ଟ" ଆଦର୍ଶ ଭିତିରେ ବୈଦେଶିକ ନୀତିକୁ ପୁର୍ନଗଠିତ କରିଛନ୍ତି। ବିଗତ କରୋନା ମହାମାରୀ କାଳରେ ଭାରତରେ ପ୍ରଥମ କରି କରୋନାର ପ୍ରତିଷେଧକ ଇଂଜେକସନ୍ ଉଦ୍‌ଭାବନ କରି ବିଶ୍ୱର ସର୍ବବୃହତ ମାଗଣା ଟୀକାକରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିପାରିଛନ୍ତି। ଏହି କ୍ରମରେ ବିଶ୍ୱର ୧୦୦ ଟି ରାଜ୍ୟକୁ ସହାୟତା କରିବାକୁ ଯାଇ ମୋଦି ୨୦ କୋଟିରୁ ଉର୍ଦ୍ଧ ଟୀକା ଡୋଜ୍ ଯୋଗାଇ ଦେଇଛନ୍ତି। ଶ୍ରୀଲଙ୍କା ଭଳି ପଡୋଶୀ ଦେଶର ଅର୍ଥନୈତିକ ଅବ୍ୟବସ୍ଥାକୁ ସଜାଡିବା ପାଇଁ ସହାୟତାର ହାତ ବଢାଇଛନ୍ତି। ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମରୁ ମୋଦି କେବଳ "ଏକ ଭାରତ ଶ୍ରେଷ୍ଠ ଭାରତ" ଗଠନ କରିବାକୁ ଚାହୁଁଥିବା ସହିତ ପୃଥିବୀର ସମସ୍ତ ଦେଶ ସହିତ ସୁସମ୍ପର୍କ ସ୍ଥାପନ କରି "ବସୁଧୈବ କୁଟୁମ୍ବକମ୍" ଦର୍ଶନର ପ୍ରୟୋଗ ଓ ପ୍ରତିଷ୍ଠା କରିଛନ୍ତି। ତେଣୁ ସମଗ୍ର ବିଶ୍ୱରେ ସବୁଠାରୁ ଜନପ୍ରିୟ ରାଷ୍ଟ୍ରନେତା ଭାବେ ମୋଦିଙ୍କର ରେଟିଂ ଦୀର୍ଘ କିଛି ବର୍ଷ ଧରି ତାଙ୍କୁ ବିଶ୍ୱର ପ୍ରଥମ ସ୍ଥାନରେ ସ୍ଥାନିତ କରିଛି। ସେ କେବଳ ଭାରତର ପ୍ରଧାନମନ୍ତ୍ରୀ ଭାବେ ନୁହଁନ୍ତି ସମଗ୍ର ପୃଥିବୀର ଜଣେ ଜନପ୍ରିୟ ରାଷ୍ଟ୍ର ନେତାଭାବେ ପ୍ରତିଷ୍ଠା ଲାଭ କରିଛନ୍ତି। ବର୍ତମାନ ସୁଦ୍ଧା ପୃଥିବୀର ପ୍ରାୟ ୧୫ଟି ଦେଶ ସେମାନଙ୍କର ସର୍ବୋଚ୍ଚ ବେସାମରିକ ସମ୍ମାନରେ ତାଙ୍କୁ ସମ୍ମାନିତ କରିସାରିଲେଣି। ମୋଦିଙ୍କ ଶାସନରେ ହିଁ ଭାରତ ଏକ ନୂତନ ପରିଚୟ ପାଇଛି ଏବଂ ବିଶ୍ୱ ଗୁରୁ ହେବା ଦିଗରେ କ୍ରମଶଃ ଅଗ୍ରସର ହେଉଛି। ତେଣୁ ମୋଦିଙ୍କର ଜନ୍ମ ଦିବସରେ ଆମେ ତାଙ୍କର ଅଧିକରୁ ଅଧିକ ସଫଳତା ପ୍ରାପ୍ତି ପାଇଁ ପ୍ରାର୍ଥନା କରିବା ସହିତ ଏକ ସୁସ୍ଥ ଓ ନିରାମୟ ତଥା ଦୀର୍ଘ ଜୀବନ କାମନା କରୁଛୁ।

ଦୂରଭାଷ : ୯୩୩୭୧୨୦୨୫୫

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୫




*(ପୂର୍ବପ୍ରକାଶ ଉତ୍ତାରୁ)*

କାହିଁକି ସେ ସାନବାବୁଙ୍କ ସହିତ ଦି'ପଦ କଥାହେଲେ ଏତେ ଶାନ୍ତି ପାଏ? ଯଦିଓ ଆଜିକାଲି ତା ପିଲାଦିନ ଭଳି ସାନବାବୁ ତା ସହିତ କଥା ହୁଅନ୍ତିନି। ଆଗଠାରୁ ପୁରା ନୀରବ। ଅହରହ ଖାଲି କାମ ଆଉ କାମ। ପିଲାଟି ଦିନରୁ ସେ ଏମିତି ବୋଲି ଜେଜେମା' ଓ ମାଲିକାଣି କୁହନ୍ତି। ହେଲେ ଲୀନାକୁ ସାନବାବୁଙ୍କର ଏଭଳି ଗୁଣ ଜମାରୁ ଭଲ ଲାଗେନି। ସେ ବେଶୀ ନୁହଁ ଖାଲି ଦି'ପଦ କଥା ହେବାକୁ ଚାହେଁ ତାଙ୍କ ସହିତ। ଏମିତି କଣଟା କ୍ଷତି ହୋଇ ଯାଉଛି ଯେ ପଦୁଟିଏ କଥା ହେଲେ କିମ୍ବା ନିଜର ପସନ୍ଦ ନାପସନ୍ଦ ଜାହିର୍ କଲେ? ହେଲେ ସେ କିଛି କହନ୍ତି ନାହିଁ କେବେ।

ତାଙ୍କ ମୁହଁର ଭାବଭଙ୍ଗୀରୁ ଆବଶ୍ୟକତା ବିଷୟରେ ସେ ଜାଣିପାରେ । ତାଙ୍କର କେତେବେଳେ ପାଣିଗ୍ଲାସ୍‌ଟିଏ ଦରକାର। ତାଙ୍କୁ କେତେବେଳେ ଭୋକହୁଏ, ନିଦଲାଗେ ବା ଚା' ଦରକାର ହୁଏ। ଏମିତିକି ସେ କେତେବେଳେ ଅବସନ୍ନ ବୋଧରେ ଆଖି ମୁଦି ଦେଇଥାନ୍ତି, ସେସବୁ ବି ଲୀନା ଆକଳନ କରିପାରେ। ଏଥିପାଇଁ ମାଲିକାଣୀ ତାଙ୍କୁ ଆଦର କରନ୍ତି। ନିଜେ ଠିକ୍ ଭାବେ ମାଆର ଦାୟିତ୍ୱ ସଂପାଦନ କରିନପାରିଲେ ବି କିଛି ଚିନ୍ତା ନାହିଁ ତାଙ୍କର। କାରଣ ତାଙ୍କ ପୁଅର ଦାୟିତ୍ୱ ଆଉ କେହି ତାଙ୍କଠାରୁ ବି ଢେର୍ ଭଲ ଭାବରେ ତୁଲାଇ ପାରୁଛି।

ବେଳେବେଳେ ଅବସର ସମୟରେ ସେ ଲୀନାକୁ ପଚାରନ୍ତି- ତୋ ସାନବାବୁ ଠିକ୍‌ରେ ଖିଆପିଆ କରୁଛି ନା ନାହିଁ? ତା କଥା ବୁଝୁଛୁ ତ ଠିକ୍‌ରେ? ଲୀନା ଓଠଚିପି ହସେ। ସେ ରସିକତା କରି କହନ୍ତି- ତୁ ଥିଲେ ମୋର ତା ଚିନ୍ତା ନାହିଁ। ମୁଁ ଜାଣେ ତୁ ମୋଠାରୁ ବି ମୋ ପୁଅର ଦାୟିତ୍ୱ ବେଶୀ ଭଲଭାବରେ ନେଇ ପାରିବୁ। ଲୀନାକୁ ଏଇ କଥା ପଦିକ ଭାରି ଭଲଲାଗେ ଶୁଣିବାକୁ। ସେ ଯେପରି ଚାତକ ପରି ଚାହିଁଥାଏ ଏମିତି କିଛି ଶୁଣିବାକୁ ସାନ ବାବୁ ଓ ତାଙ୍କୁ ନେଇ। ଜେଜେମାଆ କିନ୍ତୁ ଖୁସି ହୁଏନି ।

ସେଦିନ ସାନବାବୁ ଅଫିସରୁ ଫେରି ଲୀନାକୁ ଖୋଜିଥିଲେ ପ୍ରଥମେ। ଲୀନା ବି ସେତେବେଳେ ସବୁଦିନିଆ ପ୍ରଜାପତିଟିଏ ଭଳି ଉଡିବୁଲୁଥିଲା ଅଗଣା ସାରା। ସାନବାବୁଙ୍କ ଡାକଶୁଣି ଥତମତ ହେଲା। ଆଜିଯାଏଁ ହେତୁ ହେବାଦିନଠାରୁ ସାନବାବୁ କେବେ ବି ତ ତାକୁ ଅଫିସରୁ ଫେରି ଖୋଜିନାହାନ୍ତି କେବେ। ଆଜି ଅଚାନକ୍ କଣ ହେଲା? ସେ କଣ କିଛି ଭୁଲ୍ କରିବସିଛି କି ତା ଅଜାଣତରେ? ଏମିତି ଅନେକ ଆଶଙ୍କା ମନରେ ଧରି ସେ ଚା' ଓ ପାଣି ନେଇ ସାନବାବୁଙ୍କ ରୁମ୍‌କୁ ଗଲା।

ସାନବାବୁ ତାକୁ ଦେଖିବା କ୍ଷଣି ହସିଦେଇ କହିଲେ– ବସ୍ ଏଠି। ଲୀନା କିନ୍ତୁ ବସିପାରିଲା ନାହିଁ। ସେମିତି ଛିଡା ହୋଇରହିଲା ଅଜଣା ଆବେଗରେ। ମନଟା ତାର ଉଚ୍ଚାଟ ହେଉଥିଲା। ସାନବାବୁ ଏବେ ବୋଧହୁଏ ତା ଉପରେ ଜୋର୍ ରାଗିବେ। ଆଉ ସେ ଝର୍‌ଝର୍ ଲୁହ ଝରାଇ ପକାଇବ ତତ୍କ୍ଷଣାତ୍। ତାପରେ ଏଠାରୁ ଯାଇ ଜେଜେମା' କୋଳରେ ମୁହଁଗୁଞ୍ଜି ରାତି ତମାମ୍ କାନ୍ଦିବ। କାହିଁକି କାନ୍ଦିବନି ଯେ? ସକାଳଟାରୁ ଏତେ ଝଗଡା ଓ ଠାକୁରଙ୍କ ସହିତ ଦ୍ରୋହ କରି ସେ ନୀଳ ଗୋଲାପଟିକୁ ଖାସ୍ ତାଙ୍କରି ପାଇଁ ସାଇତିଥିଲା।

ଏମିତି ଭାବୁ ଭାବୁ ସାନବାବୁ ଚା'କପ୍‌ରେ ଓଠ ଲଗାଇଲେ। ତାପରେ ପୁଣି ସେଇ ନିସ୍ତବ୍ଧତା ସଂଚରି ଯାଉଥିଲା ଆଖପାଖରେ। ପୁଣି ଅନାବନା ଆଶଙ୍କାରେ ଆତଙ୍କିତ ହେଲା ଲୀନା। କିଛି ସମୟ ପରେ ନୀରବତା ଭାଙ୍ଗି ସେ କହିଲେ– ନୀଳଗୋଲାପ ପାଇଁ ଆଜି ତୋତେ ଖୁବ୍ ଧନ୍ୟବାଦ୍। ମୋର ଅନେକ ଦିନର ଆଶା ପୂରଣ ହୋଇଛି ତୋର ସେ ନୀଳଗୋଲାପ ମାଧ୍ୟମରେ। ତୁ ଜିଦ୍ କରି ଗୋଲାପଟିଏ ଫୁଲ ଡାଲାରୁ ନ ଆଣିଥିଲେ ମୋର ଏତେ ବଡ କାମ କଣ ହୋଇପାରିଥାନ୍ତା ଆଜି ଭଳି ଦିନରେ? ଲୀନା କିଛି ବୁଝି ପାରୁନଥିଲା।

ସେ ଖାଲି ବଲବଲ କରି ଚାହିଁଥିଲା ସାନବାବୁଙ୍କ ମୁହଁକୁ- ସେ କଣ କହୁଛନ୍ତି? କି ଖୁସି ସେ ପାଇଛନ୍ତି? ଆଜି କି ତାରିଖ, ଆଜି କଣ ଗୋଟେ ସ୍ମରଣୀୟ ଦିନ? ଆଜି ତ ତାଙ୍କର ଜନ୍ମଦିନ ନୁହେଁ! ହେଲେ ଭଲ ଦିନ ବୋଲି କାଇଁ କହୁଛନ୍ତି ସାନବାବୁ? ଇଏ କି ଭାବପ୍ରବଣତା ତାଙ୍କର? ନିରୀହ ଆଖିରେ ସେ କେବଳ ଚାହିଁଥିଲା।

ସାନବାବୁ ଏଥର ତାକୁ ବୁଝାଇ କହିଲେ- ତୁ ଦେଇଥିବା ନୀଳ ଗୋଲାପକୁ ଅନେକ ଗୁଡିଏ ଲାଲ୍ ଗୋଲାପଙ୍କ ମେଳରେ ତୋଡା ଭଳି ସଜାଇ ମୁଁ ମୋର ଜଣେ ସ୍ପେଶାଲ୍ କଲେଜ ସାଙ୍ଗ ମନୀଷାକୁ ଦେଇଥିଲି ତା ଜନ୍ମଦିନରେ। ଖୁବ୍ ଧନୀଘରର ଅଲିଅଳୀ କନ୍ୟା ସେ..ଭାରି ସୁନ୍ଦର..ଠିକ୍ ପୂର୍ଣ୍ଣମୀ ଚାନ୍ଦଭଳି। କଂଚାମକା ଭଳି ଦେହର ରଙ୍ଗ, ପୂନେଇଁ ଚାନ୍ଦ ପରି ଉଜ୍ଜ୍ୱଳତା। ଜାଣୁ ଲୀନା ମୁଁ ତାକୁ କଲେଜବେଳଠାରୁ ଭଲପାଏ। ତା ପାଇଁ ମନତଳେ ଅନେକ ଦୁର୍ବଳତା। ହେଲେ ତାକୁ କହିପାରେନି କେବେ। ସେ ସୁଯୋଗ ବି ମୋତେ ଜୁଟିନି ଆଗରୁ କେବେ। ସେ ତ ସେ ସମୟରେ ସବୁବେଳେ ତା ସାଙ୍ଗମାନଂକ ମେଳରେ ବ୍ୟସ୍ତ ରହୁଥିଲା। ତେଣୁ ଅନ୍ୟଦିଗ ପ୍ରତି ତାର ଦୃଷ୍ଟି ହିଁ ନଥିଲା।

କଲେଜ୍ ଛାଡିବା ଆଜିକୁ ଅନେକ ବର୍ଷ ହୋଇଗଲାଣି। ତାପରେ ସେ ଦିଲ୍ଲୀ ଚାଲିଯାଇଥିଲା କିଛିବର୍ଷ ପାଇଁ। ଏଇ କିଛିମାସ ହେବ ଓଡିଶା ଫେରିଛି। ତା ବାପାଙ୍କର ଦିଲ୍ଲୀ ଓ ଓଡିଶାରେ ବହୁତବଡ ବିଜିନେସ୍ ବି ରହିଛି। ସେ ଏଠିକୁ ଆସିବା ପରେ ମୋତେ ଓ ଅନ୍ୟ କଲେଜ୍ ସାଙ୍ଗମାନଙ୍କୁ ତା ଜନ୍ମଦିନରେ ନିମନ୍ତ୍ରଣ କରିଥିଲା। ଅଜଣା ଉଦ୍‌ବେଗ ନେଇ ମୁଁ ଗଲି ତାଙ୍କ ଘରକୁ। ସେ ମୋତେ ଖୁବ୍ ଆନ୍ତରିକତାର ସହିତ ସ୍ୱାଗତ କଲା। ସେ ଠିକ୍ ପୂର୍ବଭଳି ନୁହଁ ବରଂ ପୂର୍ବଠାରୁ ଅଧିକ ସୁନ୍ଦରୀ ଓ ଆକର୍ଷଣୀୟା। ତା ଚେହେରାର ସେ ଉଜ୍ଜଳତା ଓ କମନୀୟତା ଆଜିଯାଏଁ ବି ଅତୁଟ। ଆଜି ଅନେକ ସାଙ୍ଗଙ୍କ ମେଳରେ ସେ ମୋ ପ୍ରତି ବେଶୀ ଧ୍ୟାନ ଦେଇଥିଲା। ନୀଳ ଗୋଲାପ ଦେଖି ମୋତେ ତା ପାଖକୁ ଡାକିଲା।

ଆମେ ଆଜି ପ୍ରଥମ କରି କିଛି ସମୟ ଏକାଠି ବିତାଇଲୁ।

*(କ୍ରମଶଃ)*

## ନିର୍ବାଚିତ କବିତା

### ଆତ୍ମହତ୍ୟା

**ଅଜୟ ସ୍ୱାଇଁ**



ଅନନ୍ତକାଳକୁ
ସମ୍ପାଦି ରଖିବା ପାଇଁ
ନିଭୃତରେ
ଶକ୍ତି ନାହିଁ।
ଯେମିତି ହାତରୁ ଆସିଯାଏ
ଆଉ କାହାର
ଝାଲୁଆ ପାପୁଲି
ଶାଣିତ ତରବାରୀ ଖସିଯାଏ
ନକ୍ଷତ୍ରଙ୍କ କାନ୍ଧରୁ
ଶିରସ୍ତ୍ରାଣ, କବଚ, କୁଣ୍ଡଳରୁ
ଖସେ ମାଗିଆଣିଥିବାର
ଲଜ୍ଜା ଓ ପାତକ।

ସେମିତି ଖସିଯାଏ ମୁଁ
ଯତ୍ନରେ ସାଇତା ଥିବା
ମୋହ ମୁଦ୍‌ଗରରୁ।
ମୋର କାହୁଁ ଆସିବ
ଏତେ ପରାକ୍ରମ ... ଏତେ ଶକ୍ତି
କାଚଠୁ ପତଳା ସୂକ୍ଷ୍ମ
ଏକ ତରବାରୀରେ
ଆତ୍ମହତ୍ୟା ନକଲା ଯାଏ।


*୫୫, ସୂର୍ଯ୍ୟନଗର,*
*ସାଇ ରେସିଡେନ୍ସି, ଭୁବନେଶ୍ୱର-୩*


### ଅସଂପୂର୍ଣ୍ଣ ଅଭିଳାଷ



**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଡେଇଁବାକୁ ମନହୁଏ
ସମାଜର ଲକ୍ଷ୍ମଣ ଗାରକୁ
ପାପ, ପୁଣ୍ୟ, ସତ୍ୟ ଓ ମିଥ୍ୟା
ଏ ସବୁର ମିଛ କୁହେଳିକୁ ।
ଡେଇଁବାକୁ ମନ ହୁଏ
ଯୌବନର ନିଷିଦ୍ଧ ପ୍ରାନ୍ତର
ଜୀବନ ଯନ୍ତ୍ରଣା ନାମେ ନାମିତ ଯେ
ଅବ୍ୟକ୍ତ ସେ ସ୍ୱର ।
ଡେଇଁବାକୁ ମନ ହୁଏ
ପ୍ରେମିକାର ମନର ଆକାଶ
ନୀଳ ନୀଳ ଶେଯର ଉହାଡ଼େ
ନାଲି ଟୁକୁ ଟୁକୁ ପ୍ରେମ ହାସ ।
ଡେଇଁବାକୁ ମନ ହୁଏ
ଏ ବିରାଟ ନୀଳ ପାରାବାର
ଚୁନା ଚୁନା ଢେଉ ମଥାପିଟି
ରଚୁଥାନ୍ତି ଧୂସର ସଂସାର ।
ଡେଇଁବାକୁ ମନ ହୁଏ
ସୁନ୍ଦରିଆ ଜହ୍ନମାମୁଟାକୁ
ତା' ପେଟର ରୂପେଲି କିରଣ
ଆଉ ସେହି ଗୋଲିଆ ବକ୍ଷକୁ ।
କିନ୍ତୁ ଏ ସମାଜ ବନ୍ଧନକୁ ଡେଇଁ
ଯୌବନ ପ୍ରାନ୍ତରେ ଧ୍ୱଂସ ଲୀଳାକୁ ରଚାଇ
ପ୍ରେମିକାର ବକ୍ଷ ପରେ କିମ୍ବା
ସାଗରର ଧୂସର ପ୍ରାନ୍ତରେ
ଜହ୍ନର ଯୌବନ ଦେଖା
ଏ ଜୀବନ ସମ୍ଭବ ନୁହଁଇ
ମନ କଥା ମନେ ପଡ଼େ ମୋର ।


*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ମୋ:୮୮୯୫୧୪୧୭୨୭*


### ଏବେ କାଇଁ

**ଉମାକାନ୍ତ ମହାପାତ୍ର**



ସ୍ୱପ୍ନ ସବୁ ଏବେ କାଇଁ
ଝଡିଗଲେ ବାଉଳା ବତାସେ,
ମଉଳା ଫୁଲର ବାସ
ଚହଟଇ ସାରା ପରିବେଶେ।
ଯେତେସବୁ ଆଶା ଥିଲା
ଜୀବନରେ ସତହେବ ବୋଲି,
ହଜିଗଲା ଦିନମାନ
ଆସିବନି ଆଉ ଫେରି କାଲି।
ଯେତେବାଟ ଯାଇଥାନ୍ତି
ଭାବିଥିଲି ସପନର ପଥେ,
ହାତରେ ହାତକୁ ଛନ୍ଦି
ଦିଶୁଥିବା ଅଜଣା ଦିଗନ୍ତେ।
ସବୁକିଛି ବଦଳିଲା
ଅକାଳରେ କାଳର କବଳେ,
ଶୀତଳ ଅନଳ କାଇଁ
ଚରିଗଲା ସଜଳ ସକାଳେ!

ସାଥୀସାଙ୍ଗ ନାହିଁ କେହି
ମୋ' ସାଥିରେ ଯିବ ଆଗପରି,
ନଈ ତ ଉଜାଣି ବହେ
ନିଡ଼ରେ କେ କରିଦେବ ପାରି!
ମନ ଊଣା କରନାହିଁ
ଯିଏ ଯେତେ ପାଉଥିଲ ଭଲ,
ଆର ଜନମର ପରା
ବାଣ୍ଟିଦେବି ସାଦରେ ସକଳ।
ମନ କଷ୍ଟ ହୁଏ ସିନା
ନାହିଁ ମୋର ଆଉ ଗତ୍ୟନ୍ତର,
କ୍ଷମା କର ଏ ଦୀନରେ
ଫେରିଯାଏ ମୁହିଁ ମୋର ଘର।


*ବଳିଆପଣ୍ଡା, ପୁରୀ*
*ଦୂରଭାଷ : ୭୦୦୮୪୪୮୯୦୭*


## ଗୁରୁ ଦକ୍ଷିଣା

**ପୁଷ୍ପଲତା ମିଶ୍ର**





ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ମାଷ୍ଟ୍ରେ ଥିଲେ ସୁଶିକ୍ଷକ, ସୁ ବକ୍ତା,ସ୍ନେହ ବତ୍ସଳ ନୀତି ନିୟମରେ ବନ୍ଧା ଜଣେ ସରଳ ମଣିଷ। ଦୀନବନ୍ଧୁ ବରାଳ ଜଣେ ନ୍ୟାୟ ବନ୍ତପୁରୁଷ ବିଦ୍ୟାଳୟ ବ୍ୟେତିତ ଘରେ ମଧ୍ୟ ବିନା ଦକ୍ଷିଣା ରେ ଶିକ୍ଷା ଦିଅନ୍ତି। ଏହି କୋମଳ ମତି ଶିଶୁ ମାନଙ୍କୁ, ଘରେ ଶିକ୍ଷା ଦେବାରେ ସେ ଯେତିକି ପାରଙ୍ଗମ ତା ଠାରୁ ତାଙ୍କ ସ୍ତ୍ରୀ ସୁଲୋଚନା ଦେବି ମଧ ପିଲା ମାନଙ୍କୁ ବହୁତ ସ୍ନେହ ଆଦର କରନ୍ତି। ନିଜେ ରୋଷେଇ କରି ସମସ୍ତ ପିଲା ମାନଙ୍କୁ କୋଳରେ ବସାଇ ଖୁଆଇ ଦିଅନ୍ତି। ଦୀନ ବନ୍ଧୁ ମାଷ୍ଟ୍ରେ ବିଦ୍ୟାଳୟ ଯିବା ବାଟରେ ଦେଖନ୍ତି କିଛି ପିଲା ସ୍କୁଲ ହତା ବାହାରେ ଖେଳୁଛନ୍ତି କିନ୍ତୁ ତା ଭିତରୁ ଗୋଟିଏ ପିଲା ନ ଖେଳି ସ୍କୁଲ ପରିସରକୁ ଏକ ଲୟରେ ଚାହିଁ ରହିଛି। ଦିନେ ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲା ମାନଙ୍କୁ ଡାକିଲେ ସବୁ ପିଲା ଦୌଡ଼ି ପଳାଇ ଗଲେ। କିନ୍ତୁ ସେ ପିଲାଟି ନିର୍ଭୀକ ଭାବରେ ଠିଆ ହୋଇଥିଲା। ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲା ପାଖକୁ ଯାଇ କହିଲେ ତୁ ସ୍କୁଲ ଆସୁନୁ ତୋର କଣ ପାଠ ପଢିବାକୁ ଇଚ୍ଛା ନାହିଁ? ଦେଖ ତ ତୋ ପରି କୁନି କୁନି ପିଲା କେମିତି ପାଠ ପଢୁଛନ୍ତି? ପିଲାଟି କହିଲା ସାର୍ ଆମେ ବହୁତ ଗରିବ ବାପା ମୂଲ ଲାଗି ଯେତିକି ପାରି ଶ୍ରମିକ ଆଣେ ସେତକ ଆମ ପରିବାରକୁ ନିଅଣ୍ଟ ପାଠ କେମିତି ପଢିବି? ମାଷ୍ଟ୍ରେ କହିଲେ ତୁ ସେଥିପାଇଁ ଚିନ୍ତା କରିବା ଦରକାର ନାହିଁ କାଲି ମୁଁ ତୋ ବାପା ସହ କଥା ହେବି ତୁ କାଲିଠାରୁ ସ୍କୁଲ ଆସିବୁ। ସେହିଦିନ ସନ୍ଧ୍ୟାରେ ମାଷ୍ଟ୍ରେ ଯାଇଥିଲେ ଶୁଭକାନ୍ତ ଘରକୁ ତାର ବାପା ମୁରଲୀ ପ୍ରଧାନଙ୍କୁ ଦେଖା କରି ଶୁଭକାନ୍ତ ସ୍କୁଲ ଯିବା ପାଇଁ ବ୍ୟବସ୍ଥା କଲେ ପ୍ରଥମେ ଶୁଭର ବାପା ରାଜି ନଥିଲେ। ଯିଏ ଓଳିଏ ଖାଇଲେ ଆର ଓଳି ଉପାସ ରହିବାକୁ ପଡୁଛି, ବହି ପତ୍ର ପୋଷାକ କୋଉଠୁ ଯୋଗାଇବ? ଦିନବନ୍ଧୁ ମାଷ୍ଟ୍ରେ ନଛୋଡବନ୍ଧା କହିଲେ ମୁରଲୀ ତୁ ସେ ପାଇଁ ବିବ୍ରତ ହବା ଦରକାର ନାହିଁ, ସେକଥା ମୁଁ ବୁଝିବି।

ତୁଳସୀ ଦୁଇ ପତ୍ରରୁ ବସିଲା ପରି ଶୁଭକାନ୍ତ ଶ୍ରେଣୀରେ ହେଲା ସବୁ ପିଲାଙ୍କୁ ପଛରେ ପକାଇ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଓଡ଼ିଶାରୁ ସର୍ବପ୍ରଥମ ହୋଇ ଉର୍ତ୍ତିର୍ଣ୍ଣ ହେଇଥିଲା ଶୁଭକାନ୍ତ। ଓଡ଼ିଶା ସରକାରଙ୍କ ଠାରୁ ବୃତ୍ତି ପାଇ ଶୁଭକାନ୍ତ ଯାଏ ଭୁବନେଶ୍ୱର ଉଚ୍ଚ ଶିକ୍ଷା ଗ୍ରହଣ ନିମନ୍ତେ। ଦୀନବନ୍ଧୁ ମାଷ୍ଟ୍ରେଙ୍କ ଜୀବନରେ ଘୋଟି ଆସିଲା କଳା ବାଦଲ, ଏକ ମାତ୍ର ପୁତ୍ର ଉଚ୍ଚ ଶିକ୍ଷା ପାଇଁ ବାଙ୍ଗାଲୋରରେ ସଫ୍ଟୱେରରେ ଇଞ୍ଜିନିୟର ଭାବେ କାମ କରି ସେହି ଠାରେ ନିଜ ଇଚ୍ଛାରେ ଗୋଟିଏ ଅଲଗା ଜାତିର ଝିଅକୁ ବିବାହ କରି ରହିଗଲା। ପୁଅକୁ କରଜ କରି ପାଠ ପଢ଼େଇ ଥିବା ଦୀନବନ୍ଧୁ ମାଷ୍ଟ୍ରେ କରଜ ଶୁଝି ପାରିଲେ ନାହିଁ ଏଣେ ପେନସନ ବି ହୋଇପାରୁନି। ପେନସନ ଅଫିସକୁ ଦଉଡ଼ି ଦଉଡ଼ି ହାଲିଆ ହୋଇ ପଡିଲେଣି ଦୀନା ମାଷ୍ଟ୍ରେ, ଶେଷରେ ମାଷ୍ଟ୍ରେ ପୂର୍ବ ପୁରୁଷ ଭିଟାମାଟି ବିକି କରଜ ସୁଝି ଭୁବନେଶ୍ୱର ପଳେଇ ଆସି ଏକ ବସ୍ତିରେ ରହି ଦିନରେ ମୂଲିଆ କାମ ରାତିରେ ବସ୍ତିର କୁନି କୁନି ପିଲା ମାନଙ୍କୁ ପାଠ ପଢ଼ାଇ ଜେନତେନ ପ୍ରକାରରେ ଦିନ ସରିଯାଏ ମାଷ୍ଟ୍ରେଙ୍କର। 'ସୁନା ମାଟିରେ ମିଶିଲେ ବି ସେ ସୁନା ଉଜ୍ଜ୍ୱଳ ଦିଶିବ'। ଦିନବନ୍ଧୁ ମାଷ୍ଟ୍ରେ ବସ୍ତିରେ ଥିବା ପିଣ୍ଡି ଉପରେ ଶରୀରକୁ ଗଡ଼େଇ ଦେଇ କିଛି ପୁରୁଣା କଥା ଭାବି ଚାଲିଛନ୍ତି, କେତେ ପିଲାଙ୍କୁ ମଣିଷ କଲି କିନ୍ତୁ ନିଜ ପୁଅଟି ଆମକୁ ପଚାରିଲା ନାହିଁ ଠକି ଦେଲା ଆମକୁ..........। ଆମେ ବୁଢ଼ାବୁଢ଼ୀ କେମିତି ଚଳିବୁ? ଏତେ କରଜ ଥିଲା ବାପା ମାଆ କେମିତି ସୁଝିବେ ଏତେ ପରିବର୍ତ୍ତନ ହେଇଗଲା? ଭାବା ଭିତରେ ମାଷ୍ଟ୍ରେଙ୍କର ଆଖି ଲାଗି ଯାଇଛି, କାହାର ସ୍ପର୍ଶରେ ଉଠି ବସି ଦେଖନ୍ତି ତ ବସ୍ତିର ସର୍ଦ୍ଦାର ତାଙ୍କୁ କହୁଛି ସାର ଏଠି ନୂଆ କଲେକ୍ଟର ଆସିଛନ୍ତି ସେ ଘୋଷଣା କରିଛନ୍ତି ଆସନ୍ତା ଗୁରୁ ଦିବସରେ ଅବସର ପ୍ରାପ୍ତ ଶିକ୍ଷକମାନଙ୍କୁ ପେନସନ ସହ ଉପହାର ମଧ ଦେବେ ଆପଣ ଏବେ ଯାଆନ୍ତୁ ଦେଖା କରନ୍ତୁ ସେ ତୁମ କଥା ନିଶ୍ଚିନ୍ତ ଶୁଣିବେ। ମନରେ ଦୃଢ଼ ଆଶା ରଖି ମାଷ୍ଟ୍ରେ ଚାଲିଲେ କଲେକ୍ଟର ଅଫିସକୁ, ଅଫିସ ଆଗରେ ଏତେ ଲମ୍ବା ଧାଡ଼ି ଦେଖି ସେଇଠି ବସି ପଡିଲେ ହଉ ଦେଖା ଯାଉ।

*(କ୍ରମଶଃ)*

## କବିତାର କଥା

(ଭାଗ-୮୭)



**ଉମାକାନ୍ତ ରାଉତ**

### ଯେ ବଡ଼ଭାଇ ପୁଣି କିଏ ?



ଆକାଶର ଜଖମ ଛାତିକୁ ଧଳା ରେଶମୀ କନାରେ ବ୍ୟାଣ୍ଡେଜ୍ କରି ପାରୁଥିବା କବି ହେଲେ ସତ୍ୟବାଦୀ ରାଉତ। ଢଁସର ତାଙ୍କ ଗାଁ। ଗାଡ଼ି ଗଡ଼ି ଚାଲିଛି ସେଇ ଗାଁ ଆଡ଼େ ଖରାପିଠିଆ ହେଇ ଶୋଇଥିବା ଅଙ୍କାବଙ୍କା ସର୍ପିଳ ରାସ୍ତାରେ। ଗାଡ଼ି ଭିତରେ ମୁଁ ଓ ବାଦଲ୍, କେବେ ବି ଥରୁଟିଏ ପ୍ରତ୍ୟକ୍ଷ ଭାବେ ତାଙ୍କୁ ଦେଖି ନଥିବା ଅଥଚ ତାଙ୍କ କବିତାର କାଉଁରୀ ସ୍ପର୍ଶରେ ତାଙ୍କୁ ବାରମ୍ବାର ଦେଖୁଥିବା ଦୁଇଜଣ ମିନି କଲମ୍ବସ୍!

– ଭାଇ, କବି ସତ୍ୟବାଦୀଙ୍କ ଗାଁ ଆଉ କେତେ ଦୂର?

– ଆଏଁ....! କବି ସତ୍ୟବାଦୀ? ସିଏ କିଏ?? ତାଙ୍କୁ ତ ଆମେ ଜାଣିନୁ!

– ପଥପ୍ରାନ୍ତ ଅଜଣା ଲୋକମାନଙ୍କର ଉତ୍ତର?

– ଜାଣିନ? ତାଙ୍କ ଗାଁ ପରା ଢଁସର ବୋଲି ବହିରେ ଲେଖା ହୋଇଛି!

– ଓହୋଃ.... ଢଁସର? ହଁ, ହଁ..... ଓ ହେଇ ଯାଇ ଯାଇ ଦୁଇ କିଲୋମିଟର ଗଲେ ପଡ଼ିବ ଛକଟେ। ସେଇଠି ବାଁ କୁ ମୋଡ଼ି କିଛି ବାଟ ଗଲେ ପା ଢଁସର। ସେଠି ରାଉତ ଫେମିଲି ତ ଅଛନ୍ତି। ହେଲେ ସତ୍ୟବାଦୀ ରାଉତ କିଏ ତ ଆମେ କହିପାରିବୁନି ଆଜ୍ଞା। ଗୋଟେ କାମ୍ କରନ୍ତୁ। ସେଇ ଛକରେ ଟିକେ ପଚାରି ଦେବେ। ତାଙ୍କ ଗାଁ ଲୋକ ହିଁ କହିପାରିବେ।

– ହଉ ଭାଇ, ଧନ୍ୟବାଦ।

ଆସିଗଲା ସେଇ ଇପ୍ସିତ ଛକ। ଉଦଗ୍ରୀବତାର ସହ ଓହ୍ଲାଇ ପଡ଼ିଲୁ ଦୁଇଜଣ। ପାଖ ପାନ ଦୋକାନକୁ ଯାଇ ସେଠି କାଠ ପଟା ବେଞ୍ଚରେ ବସିଥିବା ଲୋକମାନଙ୍କୁ ଗଭୀର ଆଶାର ସହ ପଚାରିଲୁ।

ହେଲେ ନିରାଶ ହେଲୁ। ଭ୍ରୁକୁଞ୍ଚନ କରି ସେମାନେ ପରସ୍ପରକୁ ଚାହାଁଚାହିଁ ହେଲେ – ଆମ ଗାଁରେ ସତ୍ୟବାଦୀ କିଏ ମ?

ଅପେକ୍ଷାକୃତ ବୟସ୍କ ଦିଶୁଥିବା ଶ୍ମଶ୍ରୁଯୁକ୍ତ ଭଦ୍ରବ୍ୟକ୍ତି ଜଣକ ଅଭିଭାବକୀୟ କଣ୍ଠରେ ଜୋର୍ ଦେଇ କହିଲେ – ଆବେ, ଜାଣିପାରୁନ? ସିଏ ଆମ 'ବଡ଼ଭାଇ' ପରା। ବଡ଼ଭାଇ ମ!

ଅତ୍ୟନ୍ତ ଉତଫୁଲ୍ଲତାର ସହ ପ୍ରତିଯୋଗିତା କଲାଭଳି ସମସ୍ତେ ଏକ ଓ ଉଚ୍ଚ ସ୍ୱରରେ କହିଉଠିଲେ –

ଓଃ...ସେଇ କଥା କହୁନ? ବଡଭାଇ ବୋଲି କହୁନ? ଆମ ବଡଭାଇଙ୍କୁ ସତ୍ୟବାଦୀ କହିଲେ କିଏ କ'ଣ ବୁଝିବ?

କହିବା ବାହୁଲ୍ୟ ଯେ ଗ୍ରାମ୍ୟ ଜୀବନର ଧାରାରେ ଆତ୍ମୀୟତାର ସ୍ୱର ଏତେ ପ୍ରଗାଢ଼ ଓ ପ୍ରଖର ଯେ ଅନେକ ସମୟରେ ଏହା ସମସ୍ତ ଔପଚାରିକତାକୁ ତୁଚ୍ଛ କରି କେବଳ ଅନୌପଚାରିକ ପରିଚିତିକୁ ପ୍ରମୁଖଭାବେ ନିଜ ଛାତିରେ ଏମିତି ଢ଼ଙ୍ଗରେ ସାଇତି ରଖିଥାଏ ଯେ ଅନ୍ତରଙ୍ଗ ବ୍ୟକ୍ତିମାନେ କ'ଣ ଓ କ'ଣ କରନ୍ତି, କାହାର ଦମ୍ କେତେ, ଦାମ୍ କେତେ ସେସବୁ ପ୍ରତି ଆଦୌ ନିଘା କି ଗୁରୁତ୍ୱ ନଥାଏ। ଏପରିକି ଭୁଲି ହେଇଯାଇଥାଏ ପ୍ରମାଣପତ୍ରରେ ଲେଖାଥିବା ଔପଚାରିକ ନାମ ବି। ବଡ଼ଭାଇ ମାନେ ଆମ ବଡ଼ଭାଇ...ବାସ୍ ସେତିକି ତାଙ୍କ ପାଇଁ ଯଥେଷ୍ଟ। ଗ୍ରାମ୍ୟ ମମତାର ଏହି ଅମୃତ ଟିକକ ମିଳେ ନାହିଁ ସହରରେ। ସେଠି ସମସ୍ତେ ଖୋଜନ୍ତି ଜଣେ ପାଇଥିବା ପଦପଦବୀ , ପୁରସ୍କାର ଓ କ୍ଷମତା! ଉପଭୋକ୍ତାବାଦୀ ଦୁନିଆରେ ଗାଁର ଚାଲିଚଳଣି ଓ ଜୀବନର ଅନେକ ଅବକ୍ଷୟ ହୋଇଥିଲେ ହେଁ ଆତ୍ମୀୟତାର ଏହି ସ୍ୱରଟି ଏବେ ବି କେଉଁଠି ନା କେଉଁଠି ବଞ୍ଚି ରହିଛି ଅନୁଭବ କରି ବେଶ୍ ହିଲ୍ଲୋଳିତ ହୋଇ ଉଠିଲା ପ୍ରାଣ।

ଓଡ଼ିଆ କବିମାନଙ୍କ ଭିତରେ 'ବଡ଼ଭାଇ' କହିଲେ ଆମେ ଅକ୍ଷୟ ଭାଇ (କବି ଅକ୍ଷୟ ବେହେରା, ସମ୍ପାଦକ – କଥାକଥା କବିତାକବିତା)ଙ୍କୁ ହିଁ ବୁଝୁଥିଲୁ। ତାଙ୍କର ବଡଭାଇ ନାମରେ ଗୋଟେ କବିତା ବହି ଥିବାରୁ ଏବଂ ତାଙ୍କର ଉଚ୍ଚାରଣ ଓ ଆଚରଣରେ ବଡ଼ଭାଇ ବଡ଼ଭାଇର ବାସ୍ନା ଥିବାରୁ ସିଏ ବୋଧହୁଏ ବଡଭାଇ ନାମରେ ଖ୍ୟାତ। ହେଲେ ଯେ ବଡ଼ଭାଇ କିଏ?

ସେମାନଙ୍କ ବାର୍ତ୍ତାଳାପରୁ ଗ୍ରାମ୍ୟ ଚଳଣିରେ ସମ୍ପର୍କର ପରିଭାଷା ପ୍ରାଞ୍ଜଳଭାବେ ବୁଝି ହେଉଥିବା ସହ କବି ସତ୍ୟବାଦୀଙ୍କ ପ୍ରତି ଅଞ୍ଚଳବାସୀଙ୍କ ଅନୌପଚାରିକ ଆନ୍ତରିକତା ସ୍ପଷ୍ଟ ଅନୁଭବ କରି ହେଉଥିଲା। ଗ୍ରାମ୍ୟ ଚଳଣିର ଏହି ଦୁର୍ମୂଲ୍ୟ ବିଭବ ଟିକକ ପାଇଁ ଆମ ଭଳି ଗାଁରେ ପ୍ରତିପାଳିତ ହୋଇ ପେଟପାଟଣା ପାଇଁ ଯାଯାବର କିଶୋରୀଟେ ଭଳି ସହରରେ ନାଚାର ଜୀବନ କାଟୁଥିବା ଅଭିଶପ୍ତ ବିଚରାମାନେ ଯେତେ ଝୁରି ହେଲେ ବି ମିଳେ କି?

ବୟସ୍କ ଜଣକ ଆମକୁ ଆପଣାର କଲାଭଳି ଢ଼ଙ୍ଗରେ କହିଲେ – ଆଜ୍ଞା, ସତ୍ୟବାଦୀ ରାଉତ କହିଲେ କେହି କହିପାରିବେନି। ସାରା ଅଞ୍ଚଳରେ ସିଏ ବଡ଼ଭାଇ ନାମରେ ଖ୍ୟାତ। ଭାରି ଭଲ ମଣିଷ। କବିତ୍ୱ ଭରି ରହିଛି ତାଙ୍କ ଶିରାପ୍ରଶିରାରେ। ସଦା ହସ ହସ। ବେଶ୍ ରୋମାଣ୍ଟିକ୍ ମିଜାଜ୍‌ର, ଭାରି କୌତୁକିଆ ବି।

ଆମ ଗାଡ଼ି ଯାଇ ଅଟକିଲା ବଡଭାଇଙ୍କ ଦାଣ୍ଡଦୁଆରରେ। ଘରୁ ବାହାରି ଆସି ଦୁଆର ବନ୍ଧକୁ ଆଉଜି ଉତ୍ସୁକ ଦୃଷ୍ଟିରେ ଜୁଳୁଜୁଳୁ କରି ଚାହିଁ ରହିଥିଲା ପ୍ରାୟ ଦଶବାର ବର୍ଷର ଗୋଟେ ସୁନ୍ଦରିଆ କୁନି ଝିଅ। ନାତୁଣୀ ହେବ ବୋଧହୁଏ! ତା'ପରେ ଆଉ ଜଣେ ବଡ଼ ଲୋକ। ସେମାନଙ୍କଠାରୁ ନିଶ୍ଚିତ ହେଲୁ ଯେ ଆମେ ସଠିକ୍ ଲକ୍ଷ୍ୟରେ ପହଞ୍ଚି ପାରିଛୁ।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*





# ‘୨୦୨୪ରେ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବିଜେପି’

**ପୁରୀ/ଭୁବନେଶ୍ୱର :** ରାଜ୍ୟରେ ଛିଣ୍ଡୁଥିବା ଦଳ ହେଉଛି ବିଜେଡି ଏବଂ ବଢୁଥିବା ଦଳ ହେଉଛି ବିଜେପି। ୨୦୨୪ ମସିହାରେ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବିଜେପି। ଏଥିପାଇଁ ଖସଡା ପ୍ରସ୍ତୁତ ହୋଇଛି ଏବଂ ସମସ୍ତ କାର୍ଯ୍ୟକର୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋଦି ସରକାରଙ୍କ ଗତ ୮ବର୍ଷ ଶାସନରେ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଦୀର୍ଘ ୨୩ବର୍ଷ ଧରି ନିରୁଙ୍କଶ ଶାସନ କ୍ଷମତାରେ ଥିବା ଶାସକ ବିଜେଡିର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଆଗାମୀ ଦିନରେ ଆନ୍ଦୋଳନ ଓ ଅଭିଯାନକୁ ଆହୁରି ଅଧିକ ଶାଣିତ କରାଯିବ। ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସଶକ୍ତ କରି ଆଗାମୀ ନିର୍ବାଚନରେ ବିଜେପିର ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି। ପୁରୀଠାରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ତିନି ଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ୧୫ଟି ସତ୍ର ବିଶିଷ୍ଟ ଏହି ପ୍ରଶିକ୍ଷଣ ଶିବିରରେ ୪ଟି ସତ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ତଥା ୧୨ତମ ସତ୍ରରେ ରାଜ୍ୟ ସଭାପତି ସମୀର ମହାନ୍ତି ‘ରାଜ୍ୟ ବିଜେପି’ର ଜୟଲାଭ ପାଇଁ ରୋଡମ୍ୟାପ ଏବଂ ଆଗାମୀ ଦିନରେ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୋଦି ସରକାରଙ୍କ ପରିମାଣଦାୟୀ ନୀତି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ




ବୈଷ୍ଣବ ଆଲୋଚନା କରିଥିବାବେଳେ ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହ ମୋଦି ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ନୀତିକୁ ନେଇ ଆଲୋଚନା କରିଥିଲେ। ଶେଷ ତଥା ଉଦ୍‌ଯାପନ ସତ୍ରରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ(ସାଂଗଠନ) ବି.ଏଲ୍ ସନ୍ତୋଷ ଯୋଗ ଦେଇ ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗ ଏବଂ ବିଷୟ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ପାର୍ଟିର ସଂଗଠନ ସଂପର୍କରେ ଗତ ୩ ଦିନ ଧରି ପର୍ଯ୍ୟାୟକ୍ରମେ ବିସ୍ତୃତଭାବେ ଆଲୋଚନା କରାଯାଉଛି। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତିମାନେ ଯୋଗ ଦେଇଥିଲେ। ଗ୍ରାମସଭାକୁ ବନ୍ଦ କରି ପଞ୍ଚାୟତର ବିକାଶ ପାଇଁ ମୋଦି ପଠାଉଥିବା ବ୍ୟାପକ ଅର୍ଥକୁ ହରିଲୁଟ୍ କରି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣକାରୀ ଯୋଜନାର ସୁଫଳରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରି ରାଜ୍ୟରେ ଶାସକ ବିଜେଡି ଜନବିରୋଧୀ ମାନସିକତାକୁ ପ୍ରମାଣିତ କରିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ବିରୋଧରେ ଥିବା ଜନାଦେଶକୁ ଶାସକ ବିଜେଡି ହୀନଚକ୍ରାନ୍ତ ଜରିଆରେ ଦମନ କରିଚାଲିଛି। ବିଜେପି ସପକ୍ଷରେ ଥିବା ଜନମତକୁ ଶାସନ କ୍ଷମତାର ଅପବ୍ୟବହାର କରି ଚାପି ଦିଆଯାଉଛି। ୨୦୧୪ମସିହା ବିଧାନସଭା ନିର୍ବାଚନରେ ୧୮ ପ୍ରତିଶତ ଭୋଟ ପାଇଥିବା ବିଜେପିର ଭୋଟ୍ ହାର ବୃଦ୍ଧି ପାଇ ୨୦୧୯ ମସିହାରେ ୩୨ ପ୍ରତିଶତକୁ ପଂହଚିଛି। ସେହିପରି ୨୦୧୪ ବିଧାନସଭା ନିର୍ବାଚନରେ ବିଜେପି ୧୪ ପ୍ରତିଶତ ଅଧିକ ଭୋଟ୍ ପାଇଥିବାବେଳେ ବିଜେଡି ପାଇଛି ମାତ୍ର ୨ ପ୍ରତିଶତ ଅଧିକ। ସେହିପରି ୨୦୧୪ ମସିହା ଲୋକସଭା ନିର୍ବାଚନରେ ବିଜେପି ୨୧.୫ ପ୍ରତିଶତ ଭୋଟ ପାଇଥିବାବେଳେ ୨୦୧୯ ମସିହାରେ ୪୨.୮୦ ପ୍ରତିଶତ ଭୋଟ୍ ପାଇଛି। ଲୋକସଭା ନିର୍ବାଚନରେ ୨୦୧୪ ତୁଳନାରେ ୨୦୧୯ ମସିହାରେ ବିଜେପି ପାଇଛି ୧୬.୮ ପ୍ରତିଶତ ଭୋଟ ଅଧିକ। କିନ୍ତୁ ବିଜେପିର ଭୋଟ୍ ପ୍ରତିଶତ ୧.୩% ହ୍ରାସ ପାଇଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ବହୁ ଅପଚେଷ୍ଟା ସତ୍ତ୍ୱେ ବିଜେପି ୭୧ଲକ୍ଷ ଭୋଟ୍ ପାଇବାରେ ସକ୍ଷମ ହୋଇଛି। କ୍ରମାଗତ ଭାବେ ବିଜେପିର ଭୋଟ ବଢୁଥିବାବେଳେ ବିଜେଡିର ଭୋଟ୍ କମୁଛି। ବିଜେପିର ଲୋକପ୍ରିୟତା ବୃଦ୍ଧିରେ ହତୋତ୍ସାହ ହୋଇପଡ଼ିଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ବିଭିନ୍ନ ଦୁର୍ନୀତି, ଅପରାଧ, ଭ୍ରଷ୍ଟାଚାର, ମହିଳା ହିଂସାର ସଂପୃକ୍ତ ଥିବା ବାରମ୍ବାର ପ୍ରମାଣିତ ହୋଇଛି। ମୂଳ ଦାୟୀତ୍ୱରୁ ଓହରି ଯାଉ ଶାସକ ବିଜେଡିର ମୁଖିଆ। ଛୋଟ ଛୋଟ ପୁରସ୍କାର ଆଳରେ ନିଜକୁ ନିଜେ ସମ୍ବର୍ଦ୍ଧିତ କରୁଛନ୍ତି ଏବଂ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାର ପ୍ରୟାସ କରୁଛନ୍ତି। ଏହା ଅତ୍ୟନ୍ତ ଲଜ୍ୟାଜନକ ଏବଂ ଓଡିଶାବାସୀ ଆଗାମୀ ଦିନରେ ନିଶ୍ଚିତ ଜବାବ ଦେବେ। ରାଜ୍ୟ ରାଜନୀତିର ନିମ୍ନଗାମୀ ପାଇଁ ବିଜେଡି ସମ୍ପୂର୍ଣ୍ଣଦାୟୀ। କେନ୍ଦ୍ରୀୟ ଯୋଜନାର ବ୍ୟାପକ ବାଟମାରଣା ହେଉଥିବାବେଳେ ମହିଳା ସଶକ୍ତିକରଣ ବାହାସ୍ଫୋଟରେ ପରିଣତ ହୋଇଛି। ମୋଦିଙ୍କ ଲୋକପ୍ରିୟତା ୯୨ ପ୍ରତିଶତ ଥିବାବେଳେ ବର୍ତମାନ ରାଜ୍ୟରେ ‘ବିଜେପି ବନାମ ଅନ୍ୟ ଦଳ’ ଲଢ଼େଇ ହେଉଛି ବୋଲି କହିବା ସହିତ ଆଗାମୀ ଦିନରେ ବିଧାନସଭା ବାହାରେ ଓ ଭିତରେ ଏବଂ ରାଜରାସ୍ତାରେ ଶାସକ ବିଜେଡିର କୁଶାସନ ବିରୁଦ୍ଧରେ ଆନ୍ଦୋଳନକୁ ଆହୁରୀ ତିବ୍ରତର କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ୨୦୨୨ପାଇଁ ପ୍ରସ୍ତୁତି ବୈଠକ



**ଜଗତ୍‌ସିଂହପୁର:** ଜିଲ୍ଲା ସ୍ତରୀୟ ଯୁବମହୋତ୍ସବ ୨୨ର ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ତାରିଖ ବୁଧବାର ଦିନ ଆଦିକବି ଶାରଳା ସଂସ୍କୃତି ଭବନ ପରିସରରେ ସକାଳ ୮ଘଟିକାରୁ ଦିବସ ବ୍ୟାପୀ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଛି। ଏହି ଉତ୍ସବରେ ୧୫ବର୍ଷରୁ ୨୯ବର୍ଷ ପର୍ଯ୍ୟନ୍ତ କଳାକାରମାନେ ଅଂଶଗ୍ରହଣ କରି ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିପାରିବେ। ଯେଉଁ କଳାକାରମାନେ ଚିତ୍ରକଳା, କବିତା ରଚନା ଓ ଆବୃତି, ସ୍ଥିରଚିତ୍ର ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଯୁବସମାବେଶ ଏବଂ ତଥା ଜିଲ୍ଲା ସାଂସ୍କୃତିକ ପ୍ରତିଯୋଗିତା ତଥା ଲୋକନୃତ୍ୟ ପାରମ୍ପାରିକ ଓ ଶାସ୍ତ୍ରୀୟ ନୃତ୍ୟ ଦଳମତ ପ୍ରଦର୍ଶନ କରି ଅଂଶଗ୍ରହଣ କରିପାରିବେ ସେହି କଳାକାର ଓ ଅନୁଷ୍ଠାନ ମାନଙ୍କୁ ପାରିତୋଷିକ ଅର୍ଥରାଶି ପ୍ରଦାନ କରିବା ସହିତ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯିବ। ଉକ୍ତ ପ୍ରସ୍ତୁତି ବୈଠକରେ ନେହେରୁ ଯୁବ କେନ୍ଦ୍ର ସଂଗଠନର ଜିଲ୍ଲା ଯୁବଅଧିକାରୀ ନିଖିଳ କୋକୁଲା ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ, ଶିକ୍ଷାବିତ୍ ସୁକାନ୍ତ କୁମାର ଲେଙ୍କା, ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ର, ଦୁଃଖୀରାମ ସ୍ୱାଇଁ, କଳାପ୍ରତିଷ୍ଠାନର ପ୍ରତିଷ୍ଠାତା ଅଜୟ କୁମାର ଗୋଚ୍ଛାୟତ, କଳାଶିକ୍ଷକ ଶିବପ୍ରସାଦ ରାଉତ ଓ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଶୁଭଶ୍ରୀ ରାଉତ, ସଂଗ୍ରାମୀ ସାହୁ ଓ ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନେହେରୁ ଯୁବକେନ୍ଦ୍ରର କର୍ମକର୍ତା ପବିତ୍ରମୋହନ ଶୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ପାର୍ବଣ ଋତୁରେ ପାର୍ବଣ ଛତୁର ପସରା

**ବାରିପଦା :** ବର୍ଷା ହେଲେ ବିଜୁଳି ମାରିଲେ ମୟୂରଭଞ୍ଜ ଜିଲ୍ଲାର ପାହାଡ ଓ ଜଙ୍ଗଲ ରେ ଫୁଟି ଉଠନ୍ତି ପାର୍ବଣ ଛତୁ। ଏହି ଛତୁର ସ୍ୱାଦ ବେଶ ନିଆରା। ଆଉ ଏହାର ଗୁଣବତା ମଧ୍ୟ ଅନ୍ୟ ଛତୁ ଠାରୁ ଢେର ଗୁଣରେ ଭଲ। ବର୍ଷର ଏହି ସମୟରେ ପାର୍ବଣ ଛତୁ ଫୁଟୁଥିବାରୁ ଦାମ ଯେତେ ହେଲେ ବି ଲୋକ ମାନେ ନେବାକୁ ପଛାଇ ନଥାନ୍ତି। ଏବେ ପ୍ରାୟତ ବର୍ଷା ଲାଗି ରହିଛି ଓ ବିଜୁଳି ଘଡ ଘଡି ମାରୁଛି। ଫଳରେ ଶିମିଳିପାଳ ପଦ ଦେଶ ସହ ବିଭିନ୍ନ ଜଙ୍ଗଲ ଓ ପାହାଡିଆ ଜାଗାରେ ପାର୍ବଣ ଛତୁ ଫୁଟିବା ଆରମ୍ଭ କରିଛି। ରାତି ପାହିଲେ ଗ୍ରାମାଞ୍ଚଳର ଲୋକ ମାନେ ଛତୁ ତୋଳିବାରେ ଲାଗିପଡୁଛନ୍ତି। ଘର ପାଇଁ କିଛି ରଖି ବାକି ସବୁ ବିକ୍ରି କରୁଛନ୍ତି। କିଛି ବେପାରୀ ମଧ୍ୟ ସେମାଙ୍କ ପାଖରୁ କମ ଦରରେ କିଣି ବଜାରରେ ଚଢା ଦରରେ ବିକୁଛନ୍ତି। ବାରିପଦା ସମେତ ଅନ୍ୟାନ ସହରରେ ଏହି ଛତୁର ଢେର ଚାହିଦା। ଫୁଟିଲା



ଛତୁ କିଲୋ ୨୦୦ ଟଙ୍କାରୁ ୩୦୦ ଟଙ୍କା ଓ କଢ ଛତୁ କିଲୋ ୫୦୦ ରୁ ୬୦୦ ଟଙ୍କାରେ ବିକ୍ରି ହେଉଛି। ଦର ଉଚ୍ଚା ରହିଥିଲେ ବି ଛତୁ ନେବାକୁ ଲୋକଙ୍କ ଭିଡ ଜମୁଛି। ଏକ ନିର୍ଦ୍ଧିଷ୍ଟ ସମୟରେ ଏହି ଛତୁ ମିଳେ। ତେଣୁ ଦର ଅଧିକ ହେଲେ ବି ଲୋକେ କିଣୁଥିବାର କହିଛନ୍ତି। ତେବେ ୩୦୦ ରୁ ୪୦୦ ଟଙ୍କାରେ କିଣୁଛୁ ସେଥିରେ ପୁଣି ଖରାପ ଅଛି ଯଦି ୫୦୦ ରୁ ୬୦୦ ଟଙ୍କାରେ ନ ବିକ୍ରି କରିବୁ ପରିଶ୍ରମ ବୃଥା ହେବ ଓ କିଛି ଲାଭ ରହିବ ନାହି ବୋଲି ବେପାରୀ ମାନେ କହିଛନ୍ତି।

## କେବେ ବିଦା ହେବେ ନକଲି ଶିକ୍ଷକ !

**ଭଦ୍ରକ :** ବନ୍ତ ବିଇଓ ଅଫିସରେ ବିଭିନ୍ନ ପ୍ରକାର କେଲେଙ୍କାରୀ ହେଉଥିବା ନେଇ ତଥ୍ୟ ପ୍ରଘଟ ପରେ ଜଣେ ବିଇଓଙ୍କୁ ଏଠାରେ ବଦଳି କରାଗଲା। ଏବେ ପୁଣି ସାମ୍ନାକୁ ଏକ ରୋଚକ ତଥ୍ୟ ଆସିଛି। ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳଙ୍କୁ ମିଳିଥିବା ତଥ୍ୟ ଅନୁସାରେ ଚନ୍ଦ୍ରଶେଖର ଜେନା ନାମକ ଜନୈକ ଶିକ୍ଷକ ନକଲି ସିଟି ସାର୍ଟିଫିକେଟ୍ ଦେଇ ଦୀର୍ଘବର୍ଷ ହେଲା ଶିକ୍ଷକତା କରି ଆସୁଛନ୍ତି। ଯାହାକୁ ନେଇ ବୋର୍ଡ ଅଫିସରେ ତନାଘନା କରାଯିବା ପରେ ବୋର୍ଡ ଅଫିସ ତରଫରୁ ଏହାର ତଦନ୍ତ କରାଯିବାକୁ ଭଦ୍ରକ ଡିଇଓ ଓ ବନ୍ତ ବିଇଓଙ୍କୁ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ନିର୍ଦ୍ଦେଶ ଆସିଥିଲେ ମଧ୍ୟ ବିଇଓ ଅଫିସ କାହିଁକି ଚୁପ୍ ରହିଛି ଏହାର କୌଣସି କାରଣ ଜଣାପଡିନାହିଁ। ସାଧାରଣରେ ଅଭିଯୋଗ ହେଉଛି ଯେ, ବିଇଓ ଅଫିସ ଜାଣିଶୁଣି ଚନ୍ଦ୍ରଶେଖରଙ୍କୁ ସୁରକ୍ଷା ଦେଉଛନ୍ତି। ଏ ସମ୍ପର୍କରେ ବିଇଓଙ୍କୁ ପଚରା ଯିବାରୁ ସେ କହୁଛନ୍ତି ଏହା ଡିଇଓ ଅଫିସର କାମ। ହେଲେ ବାସ୍ତବ କଥା ହେଉଛି, ଯେଉଁ କାର୍ଯ୍ୟ ବିଇଓ କରିବା କଥା ସେହି କାର୍ଯ୍ୟ ଡିଇଓ କାହିଁକି କରିବେ। ଏଥିରେ ଡିଇଓଙ୍କର କ’ଣ ସମ୍ପୃକ୍ତ ରହିଛି ଯେ, ଯେଉଁଥିପାଇଁ ବିଇଓ ବୋର୍ଡ ଅଫିସର ତଦନ୍ତ ନିର୍ଦ୍ଦେଶକୁ ଭ୍ରୁକ୍ଷେପ କରୁନାହାନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ନକଲି ଶିକ୍ଷକଙ୍କୁ ବହିଷ୍କାର କରିବା ପାଇଁ ସବୁଆଡୁ ଦାବି ହେଉଛି।

## ଅହିଂସା ରଥ ଜିଲ୍ଲା ପରିଭ୍ରମଣ ନିମନ୍ତେ ଜିଲ୍ଲାପାଳଙ୍କ ପ୍ରସ୍ତୁତି




**ଜଗତସିଂହପୁର:** ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତୀ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଅବଦାନ ଓ ଗାନ୍ଧୀ ବାର୍ତ୍ତାର ପ୍ରଚାର ପ୍ରସାର ସହିତ ଏହି ସ୍ମୃତିକୁ ଜନମାନସରେ ଉଜ୍ଜୀବିତ ରଖିବା ପାଇଁ ଓଡିଶା ସରକାର ରାଜ୍ୟବ୍ୟାପି ଅହିଂସା ରଥର ପରିଭ୍ରମଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗତ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅଗଷ୍ଟ ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ଅହିଂସା ରଥ ସେପ୍ଟେମ୍ବର ୨୫,୨୬ ଓ ୨୭ ତାରିଖରେ ଜଗତସିଂହପୁର ଜିଲ୍ଲା ବ୍ୟାପି ପରିକ୍ରମା କରିବ। ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୯ଘଟିକା ସମୟରେ କୁଜଙ୍ଗ ଭୁତମୁଣ୍ଡେଇ ଠାରେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଅହିଂସା ରଥ-୧ ଓ ଅହିଂସା ରଥ-୨କୁ ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିବେ। ଏଥିପାଇଁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଅହିଂସା ରଥ ପରିଭ୍ରମଣ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜଗତସିଂହପୁର ବିଧାୟକ ତଥା ରାଜ୍ୟସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇଥିଲେ। ଅହିଂସା ରଥ-୧ ସେପ୍ଟେମ୍ବର ୨୫ତାରିଖରେ କୁଜଙ୍ଗ ବ୍ଲକ ଭୂତମୁଣ୍ଡେଇ ଜଗତି ସ୍କୁଲ, ଚଉମୁହାଣୀ, ପାରାଦୀପ ଗଡ, ଉଦୟ ବଟ ଧାମ, ଏନ. ଏ. ସି. ହାଇସ୍କୁଲ ପାରାଦୀପ, ବିଜୁ ମଇଦାନ, ଝିମାଣୀ, କାଳିଆପାଟ ଦେଇ ବି.ବି. ହାଇ ସ୍କୁଲ କୁଜଙ୍ଗରେ ଅବସ୍ଥାନ କରିବ। ସେପ୍ଟେମ୍ବର ୨୬ ତାରିଖରେ ରାହାମା ବଜାର, ପୋରଗଦେଇ, ଗୋପାଳପୁର, ତିର୍ତ୍ତୋଲ, ମା’ ଶାରଳା ମନ୍ଦିର ଦେଇ ଜଇପୁର ବୟନ ଗ୍ରାମ, ତାରପୁର ଦେଇ ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର ରଘୁନାଥପୁର ରେ ଅବସ୍ଥାନ କରିବ। ସେପ୍ଟେମ୍ବର ୨୭ ତାରିଖରେ ଗୁଆଲିପୁର, ରେଢୁଆ, ରଘୁନାଥପୁର, ବରାଗୋଳ ଦେଇ ତରିକୁନ୍ଦ ବଜାର, ବାଗଲପୁର, ପୁରଣ, ବଟିମିରା ଦେଇ ପଞ୍ଚାୟତରାଜ ହାଇ ସ୍କୁଲ, ବିରିଡି ଠାରେ ରାତ୍ରିଯାପନ କରିବ। ସେହିପରି ଅହିଂସା ରଥ-୨ ସେପ୍ଟେମ୍ବର ୨୫ ତାରିଖ ରେ ଭୂତମୁଣ୍ଡେଇରୁ ବାହାରି ବଡ ବାଲିକଣି, ପଣ୍ଡୁଆ, ବଣିତୋ, ପୋତାନଇ ଦେଇ ପାଟପୁର ଠାରେ ଏରସମା ବ୍ଲକର ଚଟୁଆ ବେଡି ମଠ ଦେଇ ଏରସମା ବ୍ଲକ ଠାରେ ରାତ୍ରିଯାପନ କରିବ। ସେପ୍ଟେମ୍ବର ୨୬ ତାରିଖରେ ଏରସମା ବାଳିକା ବିଦ୍ୟାଳୟ, ଗାନ୍ଧୀ ପୀଠ, ସିହାଳବଣ ସତ୍ୟାଗ୍ରହ ପୀଠ, ହାଜିପୁର ଦେଇ ବାଲିକୁଦା ବ୍ଲକର ତିତିରା ଠାରେ ପହଞ୍ଚି ବୋରିକିନା, ରାହାଣ, ବ୍ଲକ ଅଫିସ, କାଠଗୋଲା ଛକ, ଅରିସୋ ଦେଇ ନାଉଗାଁ ବ୍ଲକର ଅଲଣା ହାଟ ହାଇସ୍କୁଲ ଠାରେ ରାତ୍ରିଯାପନ କରିବ। ସେପ୍ଟେମ୍ବର ୨୭ ତାରିଖରେ ନାଉଗାଁ ହାଟ ହାଇ ସ୍କୁଲ, ଜାମୁଗାଁ ଦେଇ ପଲ୍ଲୀ ପଞ୍ଚାୟତରେ ଜଗତସିଂହପୁର ବ୍ଲକ ସ୍ପର୍ଶ କରିବା ପରେ ଜଗତସିଂହପୁର ପୌରାଞ୍ଚଳ, ଯୋଗଧାରୀ, ବିଜୁ ପଟ୍ଟନାୟକ ଛକ, ଖେରସ, ଚାଟରା, ଜୟବଡ, ଏସ୍. କେ. ଏକାଡେମି କୁଜଙ୍ଗରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ପହଞ୍ଚିବ। ଏ ସମସ୍ତ କାର୍ଯ୍ୟ କ୍ରମରେ ବ୍ଲକ ପ୍ରଶାସନ, ଜନ ପ୍ରତିନିଧୀ, ସ୍ୱୟଂ ସହାୟକ ଗୋଷ୍ଠି, ମିଶନ ଶକ୍ତି, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସାଂସ୍କୃତିକ ଦଳ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ। ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ଶହିଦ ପରିବାରଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯିବ। ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଜିଲ୍ଲାପାଳଙ୍କ ପଡିଆ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ କରାଯାଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେପ୍ଟେମ୍ବର ୨୮ ତାରିଖରେ ଅହିଂସା ରଥ-୧ ଓ୨ କୁ ବିରିଡି ବ୍ଲକ ସୀମା ଠାରେ କଟକ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ, ଅତିରିକ୍ତ ଜିଲ୍ଲାପଳ ଚିନ୍ମୟୀ ବିଶ୍ୱାଳ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଜିଲ୍ଲା ସ୍ତରିୟ ଅଧିକାରୀ, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ସିଡିପିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅହିଂସା ରଥ ପରିକ୍ରମା ସମ୍ପର୍କରେ ସମସ୍ତ ସୁଚନା ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ବିଶ୍ୱରେ ...

ଉପଦେଷ୍ଟା ଲିଆ ଲିଣ୍ଡସେ ଏଫ୍‌ସି ମିଡିଆକୁ କହିଛନ୍ତି। ତେବେ କୋଭିଡ୍ ଯୋଗୁ ବିବାଦ ଓ ଅର୍ଥନୀତି ପ୍ରଗତିରେ ବାଧା ସୃଷ୍ଟି ହେବା ବୈଶ୍ୱିକ ଭୋକର ମୁଖ୍ୟ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଭୟଙ୍କର ନୂଆ ପ୍ରାକୃତିକ ବିପଦ କମ ଆୟ ଥିବା ଦେଶର ବିଶେଷ କରି ଗରିବ ଲୋକମାନଙ୍କର ରୋଜଗାର ଛଡାଇ ନେଇଛି। ଉଦାହରଣ ସ୍ୱରୁପ ସୋମାଲିଆ। ଏଠାରେ ଭୟଙ୍କର ମରୁଡ଼ି ପଡ଼ିଥିବାର ଅନେକ ଲୋକ ଘର ଛାଡ଼ି ଚାଲିଯିବାକୁ ବାଧ ହେଉଛନ୍ତି। ପାଖାପାଖି ଏକ ମିଲିୟନ ଲୋକ ଘର ଛାଡ଼ିଥିବା ସୂଚନା ମିଳିଛି। ତା ଛଡ଼ା ଅତ୍ୟଧିକ ଗରମ ଓ ବନ୍ୟା ମଧ୍ୟ ଭଳି ଦୁର୍ବିପାକ ମଧ୍ୟ ଖାଦ୍ୟସଂକଟ ସୃଷ୍ଟି କରିଛି। ଉଦାହରଣରେ ପାକିସ୍ତାନକୁ ନିଆଯାଇପାରେ। ପାକିସ୍ତାନରେ ଆସିଥିବା ଭୟଙ୍କର ବନ୍ୟାରେ ଏଠାରେ ଲୋକମାନଙ୍କର ଫସଲ ଉଜାଡ଼ି ଦେବା ସହ ପାକିସ୍ତାନର ଅର୍ଥନୀତିକୁ ଦୁର୍ବଳ କରିଦେଇଛି। ଗ୍ୱାଟେମାଲାରେ ବି ସ୍ଥିତି ସଂଗୀନ ରହିଛି। ପାଣିପାଗ ସମସ୍ୟା ଯୋଗୁ ଏଠାରେ ୮୦ ପ୍ରତିଶତ ମକା ଚାଷ ନଷ୍ଟ ହୋଇଛି। ଏହା ବାଦ ଏହି ଦେଶରେ କଫି ଫସଲ ନଷ୍ଟ ହେବା ଯୋଗୁ ଲୋକ ଅଧିକ କ୍ଷତି ସହିଛନ୍ତି। ଫଳରେ ସେମାନେ ଦେଶ ଛାଡ଼ି ଆମେରିକା ପଳାଇଯିବାକୁ ପସନ୍ଦ କରଛନ୍ତି। ତେବେ ପରିବେଶ ସମସ୍ୟା ଯୋଗୁ ବିଶ୍ୱରେ ଖାଦ୍ୟ ଗମ୍ଭୀର ସଂକଟ ଉପୁଜୁଛି। ଏହା ବିଶ୍ୱ ଅସମାନତାର ପ୍ରମୁଖ କାରଣ ବୋଲି ଅକ୍ସଫାମ କହିଛି। କଳକାରଖାନା ଓ ଅନ୍ୟାନ୍ୟା ପ୍ରଦୂଷଣ ପାଇଁ ଯେଉଁ ଦେଶଗୁଡ଼ିକ ଅଧିକ ଦାୟୀ ନୁହଁନ୍ତି ସେମାନେ କିନ୍ତୁ ପ୍ରକୃତିର ଅଧିକ ତାଡ଼ନା ସହୁଛନ୍ତି ବୋଲି ଗବେଷଣାରେ କୁହାଯାଇଛି। ପ୍ରଦୂଷିତ ଶିଳ୍ପବିକଶିତ ରାଷ୍ଟ୍ର ଯଥା ଜି-୨୦ ଦେଶଗୁଡ଼ିକ ବିଶ୍ୱର ମୋଟ କାର୍ବନ ନିର୍ଗତରୁ ତିନି-ତୃତୀୟଂଶରୁ ବି ଅଧିକ କାର୍ବନ ନିର୍ଗତ କରୁଛନ୍ତି। ତେବେ ପ୍ରାକୃତିକ ଦୁର୍ବିପାକ ସହୁଥିବା ୧୦ଟି ଦେଶ ବିଶ୍ୱ ଅଙ୍ଗାରକାମ୍ଳ ନିର୍ଗମନର ମାତ୍ର ୦.୧୩ ପ୍ରତିଶତ ଯୋଗଦାନ ରହିଛି। ତେଣୁ ପ୍ରଦୂଷିତ ରାଷ୍ଟ୍ରଗୁଡ଼ିକରେ ନେତାମାନେ ଅଙ୍ଗାରକାମ୍ଳନ ନିର୍ଗମନରେ କାଟ କରିବା ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରେ କାର୍ଯ୍ୟା କରିବା ଆବଶ୍ୟକ ବୋଲି ଅକ୍ସଫାମ ଇଣ୍ଟରନ୍ୟାସ୍ନାଲ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଗାବ୍ରିଏଲା ବୁଚର କହିଛନ୍ତି।

### କାମ କଲେ ...

ତେବେ ତୃତୀୟ ପ୍ରଶ୍ନରେ ୫-ଟି ସଚିବ କହିଥିଲେ ଯେ, ଥ୍ୟାଙ୍କ ୟୁ ସାର, ଆପଣଙ୍କ ଏହି ଶୈଳୀ ଆମମାନଙ୍କୁ ଆଗକୁ କାମ କରିବାର ଯୋଗାଉଛି ପ୍ରେରଣା ଏହି ୨୫ ସେକେଣ୍ଡର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଯାହାକୁ ନିଜ ଇନଷ୍ଟାରେ ସେୟାର କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ। ଯେଉଁଥିରେ ପାଣ୍ଡିଆନ ପ୍ରଶ୍ନ ପଚାରୁଛନ୍ତି। ଆଉ ମୁଖ୍ୟମନ୍ତ୍ରୀ ବି ନିଜ ଚିରାଚରିତ ଢଙ୍ଗରେ ଉତ୍ତର ଦେଉଛନ୍ତି। ମୁମ୍ବାଇର ପଞ୍ଚତାରକା ହୋଟେଲରେ ଏହି ଭିଡିଓ ସୁଟିଂ ହୋଇଛି।

### ଧରାପଡିଲା ...

ଏହାପୂର୍ବରୁ ଗତମାସରେ ଜୈଶ-ଇ-ମହମ୍ମଦର ମୁଖ୍ୟ ମାସୁଦ ଆଝାରର ଭାଇ ଅବଦୁଲ ରୌଫ ଆଝାରକୁ କଳା ତାଲିକାଭୁକ୍ତ କରିବାକୁ ଆମେରିକା ଓ ଭାରତ ଆଣିଥିବା ପ୍ରସ୍ତାବକୁ ମଧ୍ୟ ଜାତିସଂଘରେ ଚୀନ୍ ବିରୋଧ କରିଥିଲା। ଏବେ ମୀର କ୍ଷେତ୍ରରେ ମଧ୍ୟ ଚୀନ୍ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ମୀର ହେଉଛି ଭାରତର ମୋଷ୍ଟ ଓ୍ୱାଣ୍ଟେଡ ଆତଙ୍କବାଦୀ। ୨୬/୧୧ ଆତଙ୍କବାଦୀ ହମଲାର ସେ ମୁଖ୍ୟ ହ୍ୟାଣ୍ଡେଲର ଥିଲା। ତା’କୁ ଧରିବା ପାଇଁ ଆମେରିକା ସରକାର ମଧ୍ୟ ୫ ମିଲିୟନ ଡଲାର ପୁରସ୍କାର ଘୋଷଣା କରିଛନ୍ତି। ଚଳିତ ବର୍ଷ ଜୁନ ମାସରେ ଟେରର ଫଣ୍ଡିଂ ମାମଲାରେ ପାକିସ୍ତାନର ଆତଙ୍କବାଦ ନିରୋଧ କୋର୍ଟ ମୀରକୁ ୧୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପୂର୍ବରୁ ମୀର ପ୍ରାଣ ହରାଇ ସାରିଥିବା ପାକିସ୍ତାନ ସରକାର ସାରା ବିଶ୍ୱକୁ ଜଣାଇଥିଲେ। ହେଲେ ପଶ୍ଚିମ ଦେଶଗୁଡ଼ିକ ଏହାକୁ ବିଶ୍ୱାସ କରି ନଥିଲେ ଓ ମୀର ମୃତ୍ୟୁର ପ୍ରମାଣ ମାଗିଥିଲେ। ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ଦୋମୁହାଁ ନୀତିକୁ ଦେଶକୁ ବାରମ୍ବାର ଏଫଏଟିଏଫର ଗ୍ରେ ଲିଷ୍ଟରେ ରହିବାକୁ ପଡୁଛି। ଏଥିରୁ ମୁକୁଳିବା ପାଇଁ ପାକିସ୍ତାନ ଯେତେ ଲୋକଦେଖାଣିଆ ଆତଙ୍କବାଦୀଙ୍କ ବିରୋଧରେ କାମ କରୁଥିଲେ ମଧ୍ୟ କିଛି ବି ସୁଫଳ ମିଳୁନି। ଏବେ ଚାଇନା ମଧ୍ୟ ଖୋଲାଖୋଲି ଭାବେ ମୀରର ସମର୍ଥନ କରିଛି। ମୀର ଆତଙ୍କୀ ସଂଗଠନ ଲସ୍କର-ଇ-ତାଏବାର ଜଣେ ବରିଷ୍ଠ ସଦସ୍ୟ। ୨୦୦୮ ମସିହା ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ମୀର ଲସ୍କର ଅପରେସନ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲା। ମୁମ୍ବାଇରେ କେମିତି ହମଲା ହେବ ଓ ୧୦ ଆତଙ୍କବାଦୀ କେମିତି ଭାରତରେ ପହଞ୍ଚିବେ, ତା’ର ସବୁ ରୋଡମ୍ୟାପ ମୀର ହିଁ ପ୍ରସ୍ତୁତ କରିଥିଲା।

### ‘ଆଧାର ସଂଯୋଗୀକରଣ ...

ସମ୍ବନ୍ଧିତ ସେବା ଯୋଗାଇବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ଆଧାର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହାହେଲେ ଦୂରଦୂରାନ୍ତ ସ୍ଥିତ ଗ୍ରାମରେ ରହୁଥିବା ଲୋକମାନେ ମଧ୍ୟ ଆଧାର ସେବା ପାଇପାରିବେ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫୯୨୩ଟି ମୋ ସେବା କେନ୍ଦ୍ର କାର୍ଯ୍ୟ କରୁଛି। ଏହି କେନ୍ଦ୍ରଗୁଡିକର ଲୋକପ୍ରିୟତା ଦିନକୁ ଦିନ ବଢୁଛି ଏବଂ ଅଧିକରୁ ଅଧିକ ଲୋକ ଏହି କେନ୍ଦ୍ର ମାଧ୍ୟମରେ ଅନ୍‌ଲାଇନ୍ ସରକାରୀ ସେବା ପାଇପାରୁଛନ୍ତି। ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ଖାଦ୍ୟ ଯୋଗାଣ ଯୋଜନା, କାଳିଆ ଭଳି କୃଷକ କଲ୍ୟାଣ ଯୋଜନା, ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ, ଛାତ୍ର ବୃତ୍ତି ମଞ୍ଜୁର ଓ ପ୍ରଦାନ ଆଦିରେ ଆଧାର ନମ୍ବର ବ୍ୟବହାର ଉତ୍ସାହଜନକ ଫଳାଫଳ ହୋଇଛି। ଏହା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଏବଂ ସଠିକ୍ କରିଛି। ସ୍ୱାର୍ଥାନ୍ୱେଷୀ ମଧ୍ୟବର୍ତ୍ତୀ ଲୋକକମାନଙ୍କୁ ପ୍ରକ୍ରିୟାରୁ ବାଦ ଦେଇଛି। ଆଧାର କାର୍ଡର ପ୍ରୟୋଜନୀୟତା ବିଷୟରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସଘନ କରିବା ପାଇଁ ଶ୍ରୀ ମହାପାତ୍ର ଆଧାର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।ଆଧାର କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ସୌରଭ ଗର୍ଗ କହିଥିଲେ ଯେ ଆଧାର ନମ୍ବର ବ୍ୟବହାରରେ ଓଡ଼ିଶା ଏକ ଅଗ୍ରଦୃତ ରାଜ୍ୟ। ୧୮ରୁ ଉର୍ଦ୍ଧ୍ୱ ଜନସଂଖ୍ୟାର ପଞ୍ଜୀକରଣ ଶତ ପ୍ରତିଶତ ପାଖାପାଖି ପହଞ୍ଚିଛି। ଆଧାର ନମ୍ବର ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତିକରଣର ଏକ ଚାବିକାଠି ବୋଲି ଡ଼ଃ ଗର୍ଗ କହିଥିଲେ। ଆଧାରର ବ୍ୟବହାର ଓ ପଞ୍ଜୀକରଣ ଆଦି କାର୍ଯ୍ୟର ସଠିକ୍ ପରିଚାଳନା ନିମନ୍ତେ ଶୀଘ୍ର ଜିଲ୍ଲାସ୍ତରୀୟ କମିଟିମାନ ଗଠନ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। କର୍ମଶାଳାଟି ୩ ଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା। ଉଦ୍ଘାଟନୀ ପର୍ଯ୍ୟାୟରେ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। ବୈଷୟିକ ପର୍ଯ୍ୟାୟରେ ଆଧାର ବ୍ୟବହାର ବୃଦ୍ଧି ନିମନ୍ତେ ନୂତନ ପ୍ରଚେଷ୍ଟା, ଆଧାର ଏବଂ ଇ-ଗଭର୍ନାନ୍ସ, ରାଜ୍ୟରେ ଆଧାରର ପ୍ରୟୋଗ, ସର୍ବୋତ୍ତମ ପ୍ରାମାଣିତ ପଦ୍ଧତି, ହିତାଧିକାରୀମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ ଆଦି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଉଦ୍‌ଯାପନୀ ପର୍ଯ୍ୟାୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିକାଶ ପ୍ରକ୍ରିୟାରେ ଜନସାଧାରଣଙ୍କ ଅନ୍ତର୍ଭୁକ୍ତିକରଣ ପାଇଁ ଆଧାର ବ୍ୟବହାରର ଏକ ଫଳଦାୟୀ ଉପାୟ ବୋଲି କହିଥିଲେ ବିଭିନ୍ନ ବିଭାଗର ସମନ୍ୱୟ ମାଧ୍ୟମରେ କ୍ଷେତ୍ରସ୍ତରରେ ଏକ ଆଧାର ବ୍ୟବହାର ଉପଯୋଗୀ ବାତାବରଣ ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ ଅରବିନ୍ଦ ପାଢ଼ୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଧାର କର୍ତ୍ତୃପକ୍ଷଙ୍କ ତରଫରୁ ପି.ସଙ୍ଗିଥା, ଅମିତ ଭାଗର୍ଭ, ସୁମେଶ ଯୋଗୀ, ସୁଦ୍ଦିପ୍ତ ନାୟକ, ଅଂଶୁମାନ କାମିଲା, ଏବଂ ଡ଼ି.ଭାସ୍କର ରାଓ ପ୍ରମୁଖ ବିଶେଷଜ୍ଞମାନେ ଉପରୋକ୍ତ ବିଷୟଗୁଡିକ ଉପରେ ଆଲୋକପାତ କରିଥିଲେ।

### ଭାରତରେ ...

ଶେଓପୁରରେ ଥିବା କୁନୋ-ପାଲପୁର ଜାତୀୟ ଉଦ୍ୟାନକୁ ନିଆଯାଯାଇଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ସେ ନିଜ ଜନ୍ମଦିନରେ ଚିତାଗୁଡ଼ିକୁ ଜଙ୍ଗଲ ମଧ୍ୟକୁ ଛାଡ଼ିଛନ୍ତି। ଏହି ୮ଟି ଚିତା ମଧ୍ୟରୁ ୫ଟି ମାଈ ଓ ୩ଟି ଅଣ୍ଡିରା। ୧୯୫୨ ମସିହା ଠାରୁ ଭାରତୀୟ ଜଙ୍ଗଲରେ ଚିତାଙ୍କୁ ଦେଖିବାକୁ ମିଳୁ ନଥିଲା। ଏଥିପାଇଁ ଭାରତର ସରକାର ପ୍ରକଳ ଚିତା ଅନୁସାରେ ଆଫ୍ରିକାରୁ ବାଘ ଆଣିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮ଟି ଚିତା ଆସିଥିବା ବେଳେ ଆସନ୍ତା ୫ ବର୍ଷରେ ମୋଟ ୫୦ ବାଘ ଭାରତ ଆସିବେ ବୋଲି ସରକାର କହିଛନ୍ତି। ଅନ୍ୟପକ୍ଷରେ ଚିତା ବାଘ ପାଇଁ ଶେଓପୁର ଉତ୍ସବ ମୁଖର ହୋଇ ଉଠିଛି। ସ୍ଥିତି ଏପରି ହୋଇଛି ଯେ ଏକଦା ଅପପୁଷ୍ଟି ପାଇଁ ଜଣାଶୁଣା ହେଉଥିବା ଏହି ଜିଲ୍ଲାରେ ଲୋକମାନେ ଜମି କିଣିବାକୁ ଲମ୍ବା ଧାଡ଼ି ଲଗାଇବା ଆରମ୍ଭ କରିଛନ୍ତି। ଏଥିପାଇଁ ଏଠାରେ ଜମିର ଦାମ ୨ରୁ ୩ ଗୁଣା ବୃଦ୍ଧି ପାଇ ସାରିଲାଣି। କୁନୋ ନ୍ୟାଶନାଲ ପାର୍କର ମୁଖ୍ୟ ଗେଟ୍ ଟିକଟୋଲି ଗାଁରେ ରହିଛି। ଏହାକୁ ଲାଗି ମୋରଭାନ ଗାଁ। ଏବେ ଚିତା ଆସିବାକୁ ଥିବାରୁ ଏହି ଦୁଇ ଗାଁ ବିଶ୍ୱ ମ୍ୟାପ୍ରେ ନିଜର ସ୍ଥାନ ହାସଲ କରିଛନ୍ତି। ଦୁଇଟି ଯାକ ଗାଁ କେବଳ ବନ୍ୟଜନ୍ତୁ ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିପାରି ନାହିଁ ବରଂ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଲୋକପ୍ରିୟତା ହାସଲ କରିଛି। ଏଥିପାଇଁ ଅନେକ ରିସର୍ଟ ଓ ଲଜିଂ ମଧ୍ୟ ଖୋଲିଲାଣି। ଗୋଟିଏ ନିର୍ମାଣଧୀନ ରିସର୍ଟ ଆଗରେ ଗ୍ରୋସରୀ ଦୋକାନ କରିଥିବା ରାମେଶ୍ୱର ଗୁରଜର କହିଛନ୍ତି, ବର୍ତ୍ତମାନ ଜମିର ଦାମ ଦୁଇରୁ ୩ ଗୁଣ ବଢ଼ି ଗଲାଣି। ଲୋକମାନେ ଏଠାରେ ଜମି କିଣିବାକୁ ଲମ୍ବା ଲାଇନ ଲଗାଉଛନ୍ତି। ସ୍ଥାନୀୟ ଚାଷୀ ପ୍ରକାଶ ଜାତବଙ୍କର ୮ ବିଘାସ ଜମି ରହିଛି। ସେ କହିଛନ୍ତି, କିଛି ବାହାର ରାଜ୍ୟର ଲୋକ ଜଣେ ବନ୍ଧୁଙ୍କ ଜରିଆରେ ଜମି କିଣିବାକୁ ମୋତେ ଯୋଗାଯୋଗ କରିଥିଲେ। କିନ୍ତୁ ମୁଁ ମୋର ପୈତୃକ ଜମି ବିକିବାକୁ ମନା କରି ଦେଇଛି। କରହାଲରେ ପେଟ୍ରୋଲ ପମ୍ପ କରିଥିବା ମନୋଜ ଦାଇପୁରିଆ କହିଛନ୍ତି, ପୂର୍ବରୁ ଏଠାରେ ଗୋଟିଏ ବିଘା ଜମିର ଦାମ ୯ରୁ ୧୦ ଲକ୍ଷ ଥିଲା। ହେଲେ ଏବେ ଏହା ୧୯ରୁ ୨୦ ଲକ୍ଷରେ ପହଞ୍ଚିଲାଣି। ଆମେ ସମସ୍ତେ ପର୍ଯ୍ୟଟକଙ୍କ ଆଗମନୁ ଅପେକ୍ଷା କରିଛୁ। ଆମ ଲୋକମାନେ ନିଯୁକ୍ତି ଓ ଅପପୁଷ୍ଟି ଉପରେ ଅଧିକ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ଶେଓପୁର ହେଉଛି ଗୋଟିଏ ଅପପୁଷ୍ଟି ଜିଲ୍ଲା। ଏଠାରେ ୧୯,୨୩୪ ଜଣ ପିଲା ଗୁରୁତର କୁପୋଷଣର ଶିକାର ହୋଇଛନ୍ତି। କରହାଲରେ ଏହି ସଂଖ୍ୟା ୧୮,୯୪୪, ଶେଓପୁରକଲାନରେ ୧୧,୯୭୦, ଶେଓପୁର ସିଟିରେ ୯,୨୯୭, ବିଜୟପୁର ୧ରେ ୧୪,୭୧୦, ବିଜୟପୁର ୨ରେ ୧୫,୭୧୨ ଜଣ ଛୋଟ ପିଲା କୁପୋଷଣର ଶିକାର ହୋଇଛନ୍ତି।

### ‘ଏବେ ଯୁଦ୍ଧର ...

କିନ୍ତୁ ୟୁକ୍ରେନ ସହଯୋଗ କରୁନଥିବା ପୁଟିନ୍ କହିଛନ୍ତି। ୟୁକ୍ରେନ୍ ସହ ଯାହା ଚାଲିଛି ଆମେ ଚାହୁଁଛୁ ଏସବୁ ଶୀଘ୍ର ଶେଷ ହେଉ। କିନ୍ତୁ ଯୁଦ୍ଧ ସାରିବାକୁ ୟୁକ୍ରେନ ସହଯୋଗ କରୁନି ବୋଲି ପୁଟିନ୍ କହିଛନ୍ତି। ଉଜବେକିସ୍ତାନର ରାଷ୍ଟ୍ରପତି ସୈକତ ମଜିୟୋଏଭ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଯୋଗ ଦେବାକୁ ଉଜବେକିସ୍ତାନ ଗସ୍ତ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ମୋଦି-ପୁଟିନ୍‌ଙ୍କ ସାକ୍ଷାତ ହୋଇଛି। ଅନ୍ୟପଟେ ମୋଦି ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ନେଇ ବେଜିଂ ଏପର୍ଯ୍ୟନ୍ତ ନିରବ ରହିଛି। ଏସ୍‌ସିଓ ସମ୍ମିଳନୀରେ ଭାରତ, ଚୀନ୍, ରୁଷିଆ, ପାକିସ୍ତାନ ଯୋଗ ଦେଇଛନ୍ତି। ମଧ୍ୟଏସୀୟ ରାଷ୍ଟ୍ର ଭାବେ କାଜାଖସ୍ତାନ, କିରଗିଜସ୍ତାନ, ଉଜବେକିସ୍ତାନ ଓ ତାଜିକିସ୍ତାନ ଯୋଗ ଦେଇଛନ୍ତି। ଏସସିଓ ହେଉଛି ସବୁଠୁ ବଡ଼ ଆଞ୍ଚଳିକ ସଂଗଠନ। ୟୁରୋପ ଓ ଏସିଆର ପ୍ରାୟ ୬୦ ପ୍ରତିଶତ ଦେଶ ଏଥିରେ ଭାଗ ନେଉଛନ୍ତି। ଏସସିଓ ଅବସରରେ ପୁଟିନ୍‌ଙ୍କ ସମେତ ଆଉ କିଛି ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ମୋଦି।

### ଏଣିକି ହୋଇପାରିବ ...

ଆପାର୍ଟମେଣ୍ଟରେ ସର୍ବସାଧାରଣ ବ୍ୟବହାର ପାଇଁ ଥିବା ଅଞ୍ଚଳଗୁଡ଼ିକୁ ବିଲଡର ଅଲଗା କରି ବିକି ପାରିବେ ନାହିଁ। ଆପାର୍ଟମେଣ୍ଟ ତିଆରି ପରେ ସର୍ବସାଧାରଣ ଅଞ୍ଚଳକୁ କ୍ରେତାମାନଙ୍କ ଆସୋସିଏନକୁ ହସ୍ତାନ୍ତର କରିବେ। ଅକୁପାନ୍ସି ସାର୍ଟିଫିକେଟ୍ ପାଇବାର ୩୦ ଦିନ ଭିତରେ ପ୍ରମୋଟର ସର୍ବସାଧାରଣ ସ୍ଥାନକୁ ଘର କ୍ରେତାଙ୍କ ଦ୍ୱାରା ଗଠନ ହୋଇଥିବା ଆସୋସିଏନକୁ ହସ୍ତାନ୍ତର କରିବେ। ଘର/ଜମି କିଣିବା ପାଇଁ ଯିଏ ବୁକିଂ କରିଥିବେ ସିଏ ଘର କାମ ବୁଲିକି ଦେଖିପାରିବେ। ଘରେ ରହିବା ପରେ କ୍ରେତା ରକ୍ଷଣାବେକ୍ଷଣ ବାବଦକୁ ଫି’ ଦେବେ। ଏହିଭଳି ଗ୍ରାହକଙ୍କୁ ସୁହାଇଲା ଭଳି ଓରୋର ନିୟମରେ କିଛି ସଂଶୋଧନ କରାଯାଇଛି।

### ମନ୍ଥର ଗତିରେ ...


ପ୍ରକୋଷ୍ଠର ଭାରାପ୍ରାପ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଉଥିଲା। ରଘୁନାଥପୁର ବ୍ଲକରେ ସମୁଦାୟ ୮୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରାୟତଃ ବ୍ୟକ୍ତିଗତ ସମସ୍ୟା ଅଧିକ ଥିଲା। ବର୍ଷାପାଗ ଥିବାରୁ ଜନଶୁଣାଣି ଶିବିରଟି ଏକପ୍ରକାର ବେଳାବେଳି ବନ୍ଦ ହୋଇଯାଇଥିଲା। ଏହି ଜନଶୁଣାଣି ଶିବିରରେ ତଅଁରା ଗ୍ରାମପଂଚାୟତର ସରପଂଚ ବଟକୃଷ୍ଣ ନାୟକ ନିଜ ପଂଚାୟତର ରାସନକାର୍ଡ ଧାରୀଙ୍କୁ ଗହମ ଦିଆଯାଉନଥିବାକୁ ନେଇ ପ୍ରଶ୍ନ ପଚାରିଥିବା ବେଳେ ରେଢୁଆ ଗ୍ରାମପଂଚାୟତର ସରପଂଚ କିଶୋର ଚନ୍ଦ୍ର ବେହେରା ବହୁ ଗରିବ ଲୋକମାନେ ଭତା ପାଉନଥିବାକୁ ନେଇ ମଧ୍ୟ ଅଭିଯୋଗ ଉଠାଇଥିଲେ। ସେହିପରି ଅଢେଇକୂଳ ଗ୍ରାମପଂଚାୟତ ଅନ୍ତର୍ଗତ ବଡକୋରକୋର କେନାଲର ମରାମତି ନହୋଇଥିବାରୁ ନେଇ ବିଲକୁ ପାଣିଯିବା ପାଇଁ ଯେଉ ଅସୁବିଧା ହେଉଛି ସେଥିପାଇଁ ଦାୟୀ କିଏହେବେ ବୋଲି ଜିଲ୍ଲାପାଳଙ୍କୁ ଜନସାଧାରଣ ପଚାରିଥିଲେ। ରଘୁନାଥପୁର ବ୍ଲକର ଏହି ଶିବିରଟି ଶୀତଳ ପଡିଯାଇଥିଲେ ବି ଅଭିଯୋଗକାରିମାନେ ବାହାରେ ଆସି ସେମାନଙ୍କ ଭତା ପାଇବା ନିମନ୍ତେ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି, ଗତବର୍ଷ ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସାହାଯ୍ୟ ନମିଳିବା, ଗରିବ ଲୋକମାନଙ୍କୁ ଜବକାର୍ଡ ମାଧ୍ୟମରେ କାମକରାନଯାଇ ଜେସିବି ଦ୍ୱାରା କାମକରୁଥିବା ଓ ପକାଗୃହ ନିମନ୍ତେ ଆବେଦନ କଲେବି ଗୃହ ଯୋଗାଇ ଦେବାକୁ ନେଇ ବାହାରେ ଆଲୋଚନା ହେଉଥିଲା। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧମେନ୍ଦ୍ର ମଲ୍ଲିକ, ତିର୍ତୋଲ ଏସଡିପିଓ ପ୍ରଶାନ୍ତ କୁମାର ମାଝି, ଜିଲ୍ଲା ମୁଖ୍ୟ ପଶୁଚିକିତ୍ସା ଅଧିକାରୀ ଡା.ବିରକିଶୋର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ତହସିଲଦାର ସୁଶ୍ରୀ ରୂପାଲିକା ଦାଶ, ମଣ୍ଡଳ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଂଟିଆ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନ୍ ବିପ୍ଳବୀ - ବାଘା ଯତୀନ



ଅକ୍ଷୟ କୁମାର ରାଉତ


ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରଖିବା ବିଧେୟ। ସେହି ମହାନ



ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର



ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ।



ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟାସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।


*ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*


## ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ ଡିସେମ୍ବର ୨୦୨୫ରେ କାମ ସରିବା ନେଇ ସନ୍ଦେହ !

**ନବରଙ୍ଗପୁର :** ଓଡ଼ିଶାର ୩ରେଳ ପ୍ରକଳ୍ପ କାର୍ଯ୍ୟ ର ମୂଲ୍ୟ ଭାଗବଣ୍ଟା ଛିଣ୍ଡୁ ନ ଥିବାରୁ ଏହାର ଅଗ୍ରଗତି ନୈରାଶଜନକ ହୋଇଛି। ଏଥିରେ ବଲାଙ୍ଗୀରୀ- ଖୋର୍ଦ୍ଧା ରୋଡ଼, ମାଲକାନଗିରି ପଜୟପୁର ଓ ନବରଙ୍ଗପୁର ନୂତନ ରେଳଲାଇନ୍ ପ୍ରକଳ୍ପ ରହିଛି। ଏହି ମର୍ମରେ ସୂଚନା ଅଧିକାର କର୍ମୀ ସତ୍ୟପ୍ରକାଶ ବେହେରାଙ୍କ ଆବେଦନ ଉପରେ ପୂର୍ବତଟ ରେଳପଥର ଡେପୁଟି ଚିଫ୍ ଇଞ୍ଜିନିୟର ଜି, କେ, ରାଓ ତା ୮ନଭେମ୍ବର ୨୦୨୨ ଉପରୋକ୍ତ ୩ପ୍ରକଳ୍ପକୁ ମିଶାଇ ୧୨ରେଳ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟ ରେ ମାଲକାନଗିରି ପଜୟପୁର ଓ ନବରଙ୍ଗପୁର ରେଳ ପ୍ରକଳ୍ପ ୨୦୨୫ଓ ୨୦୨୬ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। କିନ୍ତୁ ନବରଙ୍ଗପୁରପଜୟପୂର ରେଳ ପ୍ରକଳ୍ପର ସଂପୂର୍ଣ୍ଣ ପ୍ରତିଶ୍ରୁତିକୁ ନେଇ୨୦୨୨ ଡ଼ିସେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଯୋଗାଇଦେବା ବିଷୟ ଉପରେ ପୂର୍ବତଟ ରେଳପଥ ପକ୍ଷରୁ ସର୍ତ୍ତ ରହିଛି। ଅନ୍ୟପକ୍ଷେ ଉକ୍ତ ରିପୋର୍ଟ ରେ ମଞ୍ଜୁରକୁ ୨୭ବର୍ଷ ପରି ୨୮ଆରମ୍ଭ ହୋଇଛି। ବଲାଙ୍ଗିର ପଖୋର୍ଦ୍ଧା ରେଳ ପ୍ରକଳ୍ପ ସଂକ୍ରାନ୍ତରେ



କୌଣସି ତଥ୍ୟ ଦେବାରେ ପୂର୍ବତଟ ରେଳପଥ ସକ୍ଷମ ହୋଇପାରି ନାହିଁ। ମାଲକାନଗିରି ପଜୟପୁର୧୨୬ କିମି ନୂଆ ରେଳ ପ୍ରକଳ୍ପ ପାଇଁ ୨୩୪୩.୬୪କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ଏଯାଏ୫୮୯.୭୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶା ଜମି ଏବଂ ପ୍ରକଳ୍ପ ଅଟକଳ ରୁ ଶତକଡା ୨୫ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ବାକି ଶତକଡା ୭୫ପ୍ରତିଶତ ନିର୍ମାଣ ଖର୍ଚ୍ଚ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦେବାକୁ ହେବ ଚୁକ୍ତି ହୋଇଛି। ହେଲେ ଏଯାଏ ଓଡ଼ିଶା ସରକାରଙ୍କ ପକ୍ଷରୁ ଜମି ହସ୍ତାନ୍ତର ସନ୍ତୋଷଜନକ ନୁହେଁ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କୁ ୧୬୭୬ଏକର ରାଜସ୍ୱ ଜମି ଓ ୧୧୫୯ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ କରିବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କର ବୋଲି ପୂର୍ବରୁ ପରାମର୍ଶ ଦିଆଯାଇଛି। ଏଭଳି ସ୍ଥିତିରେ ଏହି ପକଳ୍ପ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ମିଳିଥିବା ପ୍ରତିଶ୍ରୁତି ପାଳନ ହୋଇ ପାରିବା ନେଇ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। ସେହିପରି ନବରଙ୍ଗପୁର ପଜୟପୁର ୪୧.୯ କିମି ନୂଆ ରେଳ ପ୍ରକଳ୍ପ ପାଇଁ ୭୪୭.୯୯କୋଟି ଟଙ୍କା ଅଟକଳ ହୋଇଛି। ଏହି ପ୍ରକଳ୍ପ ସମୁଦାୟ ଜମି ବାବଦ ଖର୍ଚ୍ଚ ଏବଂ ନିର୍ମାଣ ଖର୍ଚ୍ଚ ବାବଦକୁ ୪୨୫.୫୮କୋଟି ଟଙ୍କା ଓଡ଼ିଶା ସରକାର ବହନ କରିବେ। ତେବେ ଏଯାଏ ୪୭୬.୧୦କୋଟି ଟଙ୍କା ପ୍ରଦାନ କରାଯାଇଛି। ହେଲେ ଏଯାଏ ଓଡ଼ିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ଆଶାନୁରୂପ ହୋଇ ପାରିନାହିଁ। ୮୬୦ଏକର ରାଜସ୍ୱ ଜମି ଅଧିଗ୍ରହଣ ଏବଂ ୯.୬୯୯ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ତତ୍ପରତା ପ୍ରକାଶ କରିବାକୁ ପୂର୍ବରୁ ପରାମର୍ଶ ଦିଆଯାଇଛି। ଭଦ୍ରକ ପନିର୍ଗୁଣ୍ଡି ତୃତୀୟ ରେଳଲାଇଁନ ପ୍ରକଳ୍ପ ଓ ଜଗଦଲପୂରପକୋରାପୁଟ ମାର୍ଚ୍ଚ ୨୦୨୪, ବୃଢ଼ାପଙ୍କ ପସାଲେଗାଓ ଭାୟା ରଜତଗଡ଼ ୩ୟ ୪ର୍ଥ ରେଳଲାଇନ୍ ଏବଂ ତାଲଚେର ପ୍ଲାଏଓଭର ସହ ଝାରପଡା ପଭୁଢ଼ାପଙ୍କ ପ୍ରକଳ୍ପ ମାର୍ଚ୍ଚ ୨୦୨୬ସୁଦ୍ଧା ଶେଷ ହେବ ବୋଲି ରିପୋର୍ଟ ରେ ପ୍ରତିଶ୍ରୁତି ମିଳିଛି। ନରପଡାପଗୁଣୁପୁର, ତାଳଚେରପଅନୁଗୁଳ ନୂତନ ଲାଇନ୍ ପ୍ରକଳ୍ପ ଏବଂ ବାଘୁଆପାଲ ପ୍ଲାଏ ଓଭର ପ୍ରକଳ୍ପ ସଂପୂର୍ଣ୍ଣ ସମୟ ଉପରେ ସ୍ପଷ୍ଟତା ନାହିଁ। ଖୋର୍ଦ୍ଧାରୋଡ଼ (ଅର୍ଗୁଲପହରିପୁରଗ୍ରାମ ପବାଇପାସ୍) ସଂପୂର୍ଣ ହୋଇଛି ବୋଲି ରିପୋର୍ଟ ରେ ଦର୍ଶାଯାଇଛି।ଏଭଳି ଅବହେଳା ଯୋଗୁଁ ଓଡ଼ିଶାର ନୂତନ ରେଳ ପ୍ରକଳ୍ପ ଗୁଡ଼ିକ ଅସମାହିତ ହୋଇ ରହିଛି ଏ ନେଇ ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଙ୍କୁ ଯୋଗାଯୋଗ କରିବାରୁ ଜମି ଅଧିଗ୍ରହଣ ଆରମ୍ଭ ହୋଇନାହିଁ।ଆଉ ଏକ ବର୍ଷ ଲାଗିପାରେ,ଜମି ଅଧିଗ୍ରହଣ ହେବାର ୫ବର୍ଷ ପରେ କି ୬ବର୍ଷ ପରେ ରେ କାମ ସରିବ ବୋଲି କହୁଛନ୍ତି।

## ସମ୍ବଲପୁର-ଗୋପାଳପୁର ରେଳପଥ ପାଇଁ ଦାବି ଜୋର ଧରିଲା

**ସୁବର୍ଣ୍ଣପୁର :** ସମ୍ବଲପୁର ଗୋପାଳପୁର ରେଳପଥ ସୁବର୍ଣ୍ଣପୁରଜିଲ୍ଲା ଦେଇ ଅତିକ୍ରମ କରିବା ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାସଙ୍କୁ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହାକୁ ପଠାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ଉକ୍ତ ରେଳପଥକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ମଧ ଜିଲ୍ଲା ପ୍ରଶାସନ ଜରୀଆରେ ଜଣାଇଥିବା ସଭାପତି ପ୍ରକାଶ କରିଥିଲେ। ଏପରିକି ଏହାକୁ ନେଇ ମେଲ୍, ଟୁଇଟ ଓ ପତ୍ର ମାଧ୍ୟମରେ ଅନେକ ଥର ଜଣାଇଥିବା ଜଣାଯାଏ। ଆଜି ପର୍ଯ୍ୟନ୍ତ କୋଣସି ସୂଚନା ନ ମିଳିବାରୁ ସଚେତନ ନାଗରିକ ମଞ୍ଚ ମହାମହିମ ରାଷ୍ଟ୍ରପତି ଯେହେତୁ ଓଡ଼ିଶା ମାଟିର ଝିଅ ତାଙ୍କ ପାଖରୁ ଆଶା ଓ ବିଶ୍ୱାସ କରି ତାଙ୍କ ପାଖରେ ଆଜି ବିନତି କରାଯାଇଥିବା କଥା କହିଥିଲେ। ଯେହେତୁ ଏହି ମାଟି ହେଉଅଛି ଯୋଗ ପୁରୁଷ ସନ୍ଥ କବି ଭୀମଭୋଇଙ୍କ ମାଟି। ଉକ୍ତ ପ୍ରକଳ୍ପ ଅନୁମୋଦନ ଲାଭ କଲେ ଏହା ସନ୍ଥକବି ଭୀମଭୋଇଙ୍କ ପ୍ରତି ହେବ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଏବଂ ଉକ୍ତ ପୀଠଟି ବିଶ୍ୱସ୍ତରୀୟ ଏକ ସ୍ମାରକୀ ଭାବରେ ଉଭା



ହେବାରେ ସହାୟକ ହୋଇପାରିବାର ବିଶ୍ୱାସ ରହିଛି। କାରଣ ରେଳପଥର ଅଭାବ ଯୋଗୁଁ ଏହି ଜିଲ୍ଲାକୁ ପ୍ରକୃତିର ବରଦାନ ଅତୁଳନୀୟ ରହିଥିବା ସତ୍ତ୍ୱେ ଜିଲ୍ଲାର ବିକାଶ ସମ୍ଭବ ହେଉନାହିଁ। ଜିଲ୍ଲାରେ ଖଣିଜ ସଂପଦଠାରୁ ଆରମ୍ଭ କରି କୃଷିସମ୍ପଦ, ଜଳ ସମ୍ପଦ ,ବୟନ ସମ୍ପଦରେ ଭରପୁର ରହିଅଛି। ପର୍ଯ୍ୟଟନର ଭରପୁର ସମ୍ଭାବନା ରହିଛି। ହେଲେ ବାଧକ ସାଜିଛି ରେଳପଥ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସ୍ୱାବଲମ୍ବୀ ଯୋଜନାର ସଫଳ ରୂପାୟନ ସକାଶେ ରେଳପଥ ଜିଲ୍ଲା ସକାଶେ ଅପରିହାର୍ଯ୍ୟ ଅଟେ। ନଚେତ୍ ବଜାର ମିଳୁନାହିଁ ବୋଲି ସଚେତନ ନାଗରିକ ମଞ୍ଚ ଅଭିଯୋଗ ରଖିଛି। ଏହିପରପେକ୍ଷିରେ ଶେଷ ଆଶା ଓ ଭରସା ମାନ୍ୟବର ମହାମହିମ ରାଷ୍ଟ୍ରପତିଙ୍କ ପାଖରୁ ଆଶାକରି ଏକ ସ୍ମାରକପତ୍ର ଜରୀଆରେ ନିବେଦନ କରୁଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ତଥା ଅଂଚଳର ବିକାଶ ହୋଇପାରିବବୋଲି ସଚେତନ ନାଗରିକ ମଞ୍ଚ ଆଶା ରଖିଛି। ଉକ୍ତ ପ୍ରକଳ୍ପ ଜିଲ୍ଲା ତଥା ଅଂଚଳ ସକାଶେ ମୋହଷଧି ଭାବରେ କାମ କରିବ। ଆର୍ଥିକ ଅଭିବୃଦ୍ଧି ସହ ବେକାରୀ ଦୁରିକରଣରେ ମଧ ଏକ ମୁଖ୍ୟରୋଲ ନିଭାଇବ। ଆଜିର ଏହି କାର୍ଯ୍ୟକ୍ରମରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର ସମ୍ପାଦକ ଗୁଣନିଧି ମେହେରଙ୍କସମେତ ନୀଳମାଧିଗୁରୁ, ଦୁଃଖି ରାମନାୟକ , ବାଙ୍କାନିଧିରାୟଗୁରୁ, ସୂର୍ଯ୍ୟ ନାରାୟଣ ଦାସ, ନବଘନ ସାଣ୍ଢ, ସହଦ୍ୱେ ପାତ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ଭିକାରିପୃଷ୍ଟି, ଶିବରାମ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ।


### ଓଟିଏମ ପୁନରୁଦ୍ଧାର ପ୍ରସଙ୍ଗ

## ମାସକରେ ୧୧୫ କୋଟି ଦାଖଲ କର



**କଟକ :** ଓଟିଏମ ପୁନରୁଦ୍ଧାର ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଦାଖଲ ମାମଲାର ଶୁଣାଣି କରି ଅଫିସିଆଲ ଲିକୁଡେଟରଙ୍କ ନିକଟରେ ରାଜ୍ୟ ସରକାର ୧୧୫ କୋଟି ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ମଧ୍ୟରେ ଏହି ୧୧୫ କୋଟି ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାର ପୂର୍ବରୁ ୩୦ କୋଟି ଓ ଇଡ଼କୋ ପକ୍ଷରୁ ୫ କୋଟି ଏମିତି ମୋଟ ୩୫ କୋଟି ଦାଖଲ ହୋଇଥିଲା। ତେବେ ଆସନ୍ତା ଅକ୍ଟୋବର ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ। ସେହିପରି କ୍ୱାର୍ଟରଗୁଡିକରେ ବିଦ୍ୟୁତ ସଂଯୋଗ ପ୍ରସଙ୍ଗକୁ ନେଇ ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଥିଲା। ଅଫିସିଆଲ ଲିକ୍ୟୁଡେଟର କର୍ମଚାରୀଙ୍କ କଥା ଶୁଣୁନଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। କ୍ୱାର୍ଟରଗୁଡିକରେ ବିଦ୍ୟୁତ ସଂଯୋଗ ନେଇ କର୍ମଚାରୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଅଫିସିଆଲ ଲିକ୍ୟୁଡେଟରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ ଶ୍ରମିକମାନଙ୍କ ପ୍ରାପ୍ୟ ଏବଂ ଦେୟ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ଏହାସହିତ ପୂର୍ବ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀର କେତେଜଣ କର୍ମଚାରୀଙ୍କର କେତେ ଟଙ୍କା ବକେୟା ରହିଛି ସେନେଇ ହିସାବ କିତାବ କରିବାକୁ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି କରିବାକୁ ଉଚ୍ଚ ନ୍ୟାୟାଳୟ କହିଥିଲେ।ଓଟିଏମ ପାଇଁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ଡିପୋଜିଟ କରିଥିବା ନେଇ ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରାଇଥିଲେ। ସେହିପରି ଇଡକୋ ମଧ୍ୟ ୫ କୋଟି ଟଙ୍କା ଡିପୋଜିଟ କରିଛି। କେବଳ ସେତିକି ନୁହେଁ, ଗୋଟିଏ ମିଟରରେ ୯୦ଟି କ୍ୱାର୍ଟରରେ ବିଦ୍ୟୁତ ସଂଯୋଗ ହୋଇଥିବା ନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଏନେଇ କୋର୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ କ୍ୱାର୍ଟରକୁ ଗୋଟିଏ ଲେଖାଏଁ ମିଟର ସଂଯୋଗ କରିବାକୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କ୍ୱାର୍ଟରର କର୍ମଚାରୀମାନେ ଏନେଇ ଅଫିସିଆଲ ଲିକ୍ୟୁଡେଟରଙ୍କୁ ଜଣାଇବାକୁ କହିଥିଲେ କୋର୍ଟ। ତେବେ ରାଜ୍ୟ ସରକାର ଓଟିଏମକୁ ଅଧିଗ୍ରହଣ କରିବା ନେଇ ପ୍ରସ୍ତାବ ଦେଇଥିଲେ। ଏନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ପ୍ରାୟ ୫୨୧ ଏକର ଜମିରେ ସରକାର ଏକ ନୂତନ ପ୍ଲାଣ୍ଟ ନିର୍ମାଣ କରିପାରନ୍ତି ବୋଲି କୁହାଯାଉଥିଲା। ସୂଚନାଯୋଗ୍ୟ, ଓଟିଏମକୁ ରାଜ୍ୟ ସରକାର ଅଧିଗ୍ରହଣ କରନ୍ତୁ ବୋଲି ଆବେଦନକାରୀ କୋର୍ଟଙ୍କୁ ଆବେଦନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୪୬ ମସିହାରେ କମ୍ପାନିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୯୫୦ ମସିହାରୁ ଏଠାରେ କପଡ଼ା ଉତ୍ପାଦନ ଆରମ୍ଭ ହୋଇଥିଲା। ୧୯୮୦ ମସିହା ପର୍ଯ୍ୟନ୍ତ ଏହା ଘରୋଇ କମ୍ପାନି ଅଧୀନରେ ପରିଚାଳିତ ହୋଇଆସୁଥିଲା ବେଳେ ୧୯୮୧ରେ ରାଜ୍ୟସରକାର ଏହାକୁ ନିଜ ଅକ୍ତିଆରକୁ ନେଇଥିଲେ। ୧୯୮୬ ମସିହା ପର୍ଯ୍ୟନ୍ତ ଓଟିଏମ୍ ଲାଭ ଦେଖାଇ ପାରୁଥିଲା। କିନ୍ତୁ, ଏହାପରଠୁ ଧୀରେଧୀରେ କ୍ଷତି ଆରମ୍ଭ ହୋଇଥିଲା। ଶେଷରେ ୨୦୦୧ ମସିହା ଜୁଲାଇ ୩୧ ତାରିଖରେ ଓଟିଏମ୍ ଗେଟରେ ତାଲା ପଡ଼ିଯାଇଥିଲା। ଓଟିଏମ୍ ବନ୍ଦ ହେବାବେଳକୁ ସେଥିରେ ପାଖାପାଖି ୩୭୦୦ ଶ୍ରମିକ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ଓଟିଏମର ୭ଶହରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ହୋଇସାରିଲାଣି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ୬ ଜିଲ୍ଲାର ମିଶନ ଶକ୍ତି ମା'




**ଭୁବନେଶ୍ୱର :** ଜାତୀୟ ପତାକା ତିଆରି କରିବାର ସୁଯୋଗ ପାଇ ଆମେ ଗର୍ବିତ। ମୁଖ୍ୟମନ୍ତ୍ରୀ ଆମ ଉପରେ ଭରସା କରି ଆମକୁ ଏ ମହାନ ସୁଯୋଗ ଦେଇଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ। ନବୀନ ନିବାସରେ ୬ଟି ଜିଲ୍ଲାର ମିଶନ ଶକ୍ତିର ମା ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହା କହିଛନ୍ତି। ନବୀନ ନିବାସଠାରେ ଗଞ୍ଜାମ, ଗଜପତି, ନୂଆପଡା, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ୮୪ଟି ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇ ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ଉପରେ ମୋର ପୁରା ଭରସା ରହିଛି। ଆପଣମାନଙ୍କ ଭିତରେ ବହୁତ କିଛି କରିବାର ସାମର୍ଥ ରହିଛି । ବହୁତ କମ୍ ସମୟ ପାଇ ମଧ୍ୟ ଆପଣମାନେ ୩୦ ଲକ୍ଷ ଜାତୀୟ ପତାକା ତିଆରି କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ। ମିଶନ ଶକ୍ତିର ମା ମାନେ କହିଥିଲେ ଯେ ଜାତୀୟ ପତାକା ତିଆରି କରିବାର ଆନନ୍ଦ ପାଇ ଆମେ ବହୁତ ଖୁସି। ଆମେ ଏବଂ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ଅଙ୍ଗନବାଡୀ ପିଲାଙ୍କ ଡ୍ରେସ୍ ସିଲେଇ କରିବା, ଇଲେକ୍ଟ୍ରି ବିଲ୍ ଆଦାୟ କରିବା ଆଦି କାମ ବହୁତ ଭଲ ଭାବରେ କରିପାରୁଛୁ। ନୂଆପଡାରେ ଆମେ ଡ୍ରାଇଭିଂ ଶିକ୍ଷା ମଧ୍ୟ ନେଉଛୁ। ଆମେ ବି ପାରିବୁ, ଏ ବିଶ୍ୱାସ ଆମର ବଢିଛି। ଆମେ ସମସ୍ତେ ଏବେ କିଛି ନା କିଛି ଉପଯୋଗୀ କାର୍ଯ୍ୟରେ ନିୟୋଜିତ ହୋଇପାରିଛୁ ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେଇଥିଲେ।

## ଗୋ-ବ୍ୟବସାୟ ଉପରେ କଟକଣା



**ଭୁବନେଶ୍ୱର :** ରାଜ୍ୟରେ ବସୁଥିବା ସମସ୍ତ ଗାଈଗୋରୁ ହାଟ ବନ୍ଦ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ରାଜ୍ୟ ବାହାରୁ ଆସୁଥିବା ଗାଈ-ଗୋରୁ ବ୍ୟବସାୟ ଉପରେ ମଧ୍ୟ କଟକଣା ଜାରି ହୋଇଛି। ପଡ଼ୋଶୀ ରାଜ୍ୟ ସମେତ ଦେଶର କିଛି ରାଜ୍ୟରେ ଗୋରୁଗାଈଙ୍କ ମଧ୍ୟରେ ଲମ୍ପି ସ୍କିନ୍ (ଚର୍ମବିଣ୍ଡି) ରୋଗ ବ୍ୟାପୁଥିବାରୁ ଓଡ଼ିଶା ସରକାର ସର୍ତ୍ତକତାମୂଳକ ପଦକ୍ଷେପ ନିଆଯାଇଛି ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଗୋମହିଷାଦିଙ୍କ ମଧ୍ୟରେ ଚର୍ମବିଣ୍ଡି ରୋଗ ବ୍ୟାପିବାରେ ଲାଗିଛି। ଅବଶ୍ୟ ଓଡ଼ିଶାରେ ଏପର୍ଯ୍ୟନ୍ତ ଗୋଟିଏ ବି ପ୍ରାଣୀଙ୍କ ମଧ୍ୟରେ ଲମ୍ପି ସ୍କିନ୍ ଚିହ୍ନଟ ହୋଇନି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ ନିମନ୍ତେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାରେ ଏନେଇ କଂଟ୍ରୋଲ ରୁମ୍ ଖୋଲିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଗତ ୧୨ ତାରିଖରେ ବିଭାଗ ପକ୍ଷରୁ ୧୪ଟି ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ରୋଗ ପ୍ରତିରୋଧ ନିମନ୍ତେ ମାର୍ଗଦର୍ଶିକା ଜାରି ହୋଇଛି।ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ସୀମାନ୍ତ ଜିଲ୍ଲାଗୁଡ଼ିକର ପଶୁସମ୍ପଦ କର୍ମଚାରୀମାନଙ୍କ ଛୁଟି ବାତିଲ କରାଯାଇଛି। ପ୍ରଭାବିତ ପଡ଼ୋଶୀ ରାଜ୍ୟର ପ୍ରାଣୀସମ୍ପଦ ବିଭାଗର ସଚିବମାନଙ୍କ ସହ ନିୟମିତ ଯୋଗାଯୋଗ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଲମ୍ପି ସ୍କିନ ଚିହ୍ନଟ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୂପ ସତର୍କତା ଜାରି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ରାଜଧାନୀବାସୀ ଦେଖିଲେ ବାୟୁସେନାର ବୀରତ୍ୱ



**ଭୁବନେଶ୍ୱର :** ପ୍ରତୀକ୍ଷାର ଅନ୍ତ ଘଟିଲା। ଭୁବନେଶ୍ୱର ଆକାଶରେ ନିଜ ଜଲୱା ଦେଖାଇଲା 'ସୂର୍ଯ୍ୟକିରଣ' ଟିମ୍। ବାୟୁ ବୀରଙ୍କ ସାମର୍ଥ୍ୟ ଦେଖି ତାଜୁବ ହେଲେ ଓଡ଼ିଶାବାସୀ। ଏଥିନିମନ୍ତେ ଶୁକ୍ରବାର ସକାଳୁ ଚଳଚଞ୍ଚଳ ହୋଇଉଠିଥିଲା ଭୁବନେଶ୍ୱରର କୂଆଖାଇ ପଠାସ୍ଥିତ ବାଲିଯାତ୍ରା ପଡିଆ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପୂର୍ବାହ୍ନ ୧୦ଟା ପରେ ରାଜଧାନୀ ଆକାଶରେ ଦେଖିବାକୁ ମିଳିଥିଲା ବାୟୁସେନାର ଚିତ୍ତାକର୍ଷକ ଶୋ'। ୯ଟି ହକ୍ ବିମାନରେ ଭଳିକି ଭଳି ଦୁଃସାହସିକ କ୍ରୀଡ଼ା କୌଶଳ ଦେଖାଇଲେ ବାୟୁ ବୀର। ଆକାଶ ମାର୍ଗରେ ସାହସିକ ପ୍ରଦର୍ଶନ ଦେଖାଇଛି ଏରୋବେଟିକ୍ ଟିମ୍। ଏକାସାଙ୍ଗରେ ଆକାଶରେ ଉଡ଼ିଥିଲା ୯ଟି ହକ୍ ଲଢୁଆ ବିମାନ। ରାଜଧାନୀ ଆକାଶରେ ଶୁଭୁଥିଲା ଲଢୁଆ ବିମାନର ଗର୍ଜନ। ଏଥିପାଇଁ ବାୟୁସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ରାଜ୍ୟପାଳ ଗଣେଶ ଲାଲ ବାୟୁସେନାର ଏହି ଚିତ୍ତାକର୍ଷକ ଶୋ' ଦେଖିବାକୁ କୁଆଖାଇ ବାଲିଯାତ୍ରା ପଡ଼ିଆରେ ଉପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟକ୍ରମ ଦେଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବାର କାର୍ଯ୍ୟକ୍ରମ ଥିବା ବେଳେ ସେ କିନ୍ତୁ ଆସି ନ ଥିବା ଜଣାଯାଇଛି। ଏହି ଶୋ' ଦେଖିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ହୋଇଥିବା ବେଳେ କୁଆଖାଇ ନଦୀପଠା ବାଲିଯାତ୍ରା ପଡିଆ ଓ ଆଖପାଖରେ ପ୍ରାୟ ୫୦ ହଜାର ଲୋକଙ୍କ ଗହଳି ଜମିଥିଲା। ଏୟାର ଶୋ' ପାଇଁ କୁଆଖାଇ ନଦୀର ଉଭୟ ପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଏହା ହେଉଛି ବାୟୁସେନାର ଏରୋବାଟିକ୍ ଡିସପ୍ଲେ ଟିମ୍। ୧୯୮୨ରେ ବାୟୁସେନାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଗଠନ କରାଯାଇଥିଲା ପ୍ରଥମ ଏରୋବାଟିକ୍ ଟିମ୍। ୯ଟି ହକ୍ ହଣ୍ଟର ଏୟାରକ୍ରାଫ୍ଟ ଉଡାଇଥିଲେ ସ୍ୱତନ୍ତ୍ର ଟିମ୍। ସେତେବେଳେ ଏହାର ନାଁ ରଖାଯାଇଥିଲା 'ଥଣ୍ଡରବୋଲ୍ଟସ'। ୧୯୯୦ ମସିହାରେ ଏଥିରେ ଭାରତ ନିର୍ମିତ ୪ଟି କିରଣ ଏମ୍‌କେ ୨ ଟ୍ରେନର ସାମିଲ କରାଯାଇଥିଲା। ୧୯୯୬ରେ ଆଉ ଦୁଇଟି ଏୟାରକ୍ରାଫ୍ଟ ସାମିଲ କରାଯାଇଥିଲା। ଏଥିସହ ବାୟୁସେନାର ଏରୋବାଟିକ୍ ଡିସପ୍ଲେ ଟିମ୍‌ର ନୂଆ ନାଁ ରଖାଯାଇଥିଲା 'ସୂର୍ଯ୍ୟ କିରଣ'। ଅକ୍ଟୋବର ୮ ତାରିଖରେ ବାୟୁସେନା ଦିବସ ଅବସରରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ଏହାର ସ୍ୱତନ୍ତ୍ର ଉଡାଣ ଆୟୋଜିତ ହୋଇଥିଲା। ସୂର୍ଯ୍ୟକିରଣ ଟିମ୍ ପକ୍ଷରୁ ୨୦୦୧ରେ ବିଦେଶରେ ପ୍ରଥମଥର ପାଇଁ ଚିତ୍ତାକର୍ଷକ ଶୋ' ପ୍ରଦର୍ଶନ କରାଯାଇଥିଲା। ଶ୍ରୀଲଙ୍କାର କଲୋମ୍ବୋରେ ଏହି ଶୋ' ଆୟୋଜିତ ହୋଇଥିଲା। ତା'ପରଠାରୁ ସୂର୍ଯ୍ୟକିରଣ ଟିମ୍ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଚିତ୍ତାକର୍ଷକ ଶୋ' ପ୍ରଦର୍ଶନ କରିଆସୁଛନ୍ତି । ଅତ୍ୟାଧୁନିକ ହକ୍ ଏମକେ ୧୩୨ ଏୟାରକ୍ରାଫ୍ଟ ଦ୍ୱାରା ବାୟୁସେନା ପକ୍ଷରୁ ଏଭଳି ନିଆରା ପ୍ରଦର୍ଶନ କରାଯାଇ ଯୁବପିଢିଙ୍କୁ ପ୍ରେରଣା ଦିଆଯାଉଛି। ଭୁବନେଶ୍ୱରରେ ସୂର୍ଯ୍ୟକିରଣ ଟିମ୍ ପକ୍ଷରୁ ହୋଇଥିବା ଶୋ'କୁ ଦୁଇଟି ପର୍ଯ୍ୟାୟ ଯଥା କୋମ୍ପୋଜାଇଟ୍ ଓ ସିଙ୍କୋରେ ଭାଗ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦୦ରୁ ୧୦୦୦ଫୁଟ ଉଚ୍ଚତାରେ ସବୁ ବିମାନ ଉଡ଼ାଣ ଭରିଥିଲେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଗୋଟିକ ପରେ ଗୋଟିଏ ସବୁ ବିମାନ ଆକାଶମାର୍ଗରେ ଚିତ୍ତାକର୍ଷକ ଶୋ' ପ୍ରଦର୍ଶନ କରିଥିଲେ। ଏଥିପାଇଁ ୯ଜଣ ପାଇଲଟ ଓ ଆଉ ଦୁଇଜଣ ଷ୍ଟାଣ୍ଡବାଇରେ ରହିଥିଲେ। 'ସୂର୍ଯ୍ୟକିରଣ'ର ଏହି ସ୍ୱତନ୍ତ୍ର ଶୋ' ପାଇଁ ସେମାନଙ୍କୁ ୬ ମାସ ଧରି ଅଭ୍ୟାସ କରିବାକୁ ପଡିଥାଏ। ଏଥିପାଇଁ ଏପ୍ରିଲରୁ ଅଗଷ୍ଟ ମାସ ମଧ୍ୟରେ ପ୍ରତିଦିନ ଦୁଇଥର ଲେଖାଏଁ ଉଡାଣ କରାଯାଇଥିଲା।






### ରାଜ୍ୟ ସରକାର-ଏଆଇଜି ମଧ୍ୟରେ ବୁଝାମଣା

## ଓଡ଼ିଶାରେ ହେବ ଯକୃତ ପ୍ରତିରୋପଣ



**ଭୁବନେଶ୍ୱର :** ରାଜ୍ୟରେ ଯକୃତ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏହାର ଚିକିତ୍ସା ମଧ୍ୟ ବ୍ୟୟ ବହୁଳ, ଯାହାକି ସାଧାରଣ ରୋଗୀଟିଏ ପକ୍ଷେ ବହନ କରିବା ଖୁବ କଷ୍ଟକର। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲୋକମାନଙ୍କୁ ଉନ୍ନତ ମାନର ଯକୃତ ରୋଗ ଚିକିତ୍ସା ଯୋଗାଇ ଦେବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ହସ୍ପିଟାଲ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗିୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ଧଳଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡ଼ିଏମଇଟି ଡ଼ା. ରମାରମଣ ମହାନ୍ତି ଓ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ହସ୍ପିଟାଲ ପକ୍ଷରୁ ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ସାହୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ପୂର୍ବରୁ ଏସ୍‌ବି ମେଡିକାଲ କଲେଜ ଠାରେ ବିନାଖର୍ଚ୍ଚରେ ଯକୃତ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଏକ ଯକୃତ ପ୍ରତିରୋପଣ ୟୁନିଟ ରହିଛି। ଏଥିପାଇଁ ମଡ୍ୟୁଲାର ଓଟି ଓ ଆଇସିୟୁର ବ୍ୟବସ୍ଥା ଥିବା ବେଳେ ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରାଯିବା ସହିତ ଡ଼ାକ୍ତର, ନର୍ସ ଓ ପାରାମେଡିକସ୍ ନିଯୁକ୍ତି କରାଯାଇଛି। ଏବେ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ହସ୍ପିଟାଲ ପକ୍ଷରୁ ଏହି ଡାକ୍ତର, ନର୍ସ ଓ ପାରାମେଡିକସ୍ ମାନଙ୍କୁ ତାଲିମ୍ ଦେବା ସହିତ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ମଧ୍ୟ କରାଯିବ। ଏଠାରେ ସୁଚନାଯୋଗ୍ୟ ଯେ ପୂର୍ବରୁ ଶିଶୁ ରୋଗୀମାନଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣ କରିବା ପାଇଁ ସରକାର ବାଙ୍ଗାଲୋରର ଆସ୍‌ଟର ସିଏମ୍‌ଆଇ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।






## ଜବରଦଖଲକାରୀଙ୍କ କବ୍‌ଜାରେ ମହାପ୍ରଭୁଙ୍କ ୫୦୦ ଏକରରୁ ଉର୍ଦ୍ଧ୍ୱ ଜମି



**ବାରିପଦା,(ବିଜୁ ସିଂହ) :** ବାରିପଦାରେ ଜଗନ୍ନାଥଙ୍କ ସମେତ ସ୍ଥାନୀୟ ୧୦ଟି ମଠ ଓ ମନ୍ଦିର ନାଁରେ ଥିବା ୫୦୦ ଏକରରୁ ଅଧିକ ଜମି ବର୍ଷ ବର୍ଷ ହେଲା ଜବରଦଖଲରେ ରହିଛି। ପ୍ରତିବର୍ଷ ରଥଯାତ୍ରା ଆସିଲେ ଠାକୁରଙ୍କ ସମ୍ପତ୍ତି ଉଦ୍ଧାର ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ହୁଏ ଓ ରଥ ସରିଗଲେ ଏହି ଉଚ୍ଛେଦ କଥା ସମସ୍ତେ ଭୁଲିଯାଆନ୍ତି। ସବୁବର୍ଷ ଏହି ନାଟକ ଚାଲୁଛି କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ଡେସିମିଲ ଜମି ଜବରଦଖଲକାରୀଙ୍କ ପାଖରୁ ଦେବୋତ୍ତର ବିଭାଗ ପାଖକୁ ଆସିନାହିଁ। ଠାକୁରଙ୍କ ଜମିକୁ ପ୍ରଶାସନ ନିଜ ହାତକୁ ଆଣି ଏହାର ପରିଚାଳନା କଲେ ଯେତିକି ଟଙ୍କା ଆଦାୟ ହେବ, ସେଥିରେ ଠାକୁରଙ୍କ ନୀତିକାନ୍ତିରେ କୌଣସି ସମସ୍ୟା ରହିବ ନାହିଁ। ଏଥିରେ ସେବାୟତ ମାନେ ବି ଠିକ୍ ସମୟରେ ଉପଯୁକ୍ତ ପାଉଣା ପାଇପାରିବେ। ହେଲେ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ସେଭଳି ଉଦ୍ୟମ ହେଉନାହିଁ। ଆଉ ଏବେ ପ୍ରାୟ ୫୦୦ ଏକର ଠାକୁରଙ୍କ ଜମିକୁ କିସମ ବଦଳାଇ ମାଫିଆଙ୍କୁ ବିକ୍ରି କରିବାକୁ ମସୁଧା ଚାଲିଥିବା ଅଭିଯୋଗ ହେଲାଣି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚଳିତବର୍ଷ ଦେବୋତ୍ତର ବିଭାଗ ପକ୍ଷରୁ ଜମି ଜବରଦଖଲ ମୁକ୍ତ କରିବାକୁ ଜୋରଦାର ଉଦ୍ୟମ ହୋଇଥିଲା। ଆଶା କରାଯାଉଥିଲା ନିଶ୍ଚିନ୍ତ ଭାବେ ଠାକୁରଙ୍କ ସବୁ ଜମି ନ ହେଲେ ବି କିଛିଟା ଉଦ୍ଧାର ହେବ। ରଥଯାତ୍ରା ଆରମ୍ଭରୁ ଏମିତି ମାହୋଲ ସୃଷ୍ଟି କରାଗଲା। ବିଭିନ୍ନ ସଂଗଠନ, ସେବାୟତ ଓ ଶ୍ରଦ୍ଧାଳୁ ମାନେ ମଧ୍ୟ ଏଥିପାଇଁ ସ୍ୱର ଉଠେଇଲେ। ରଥଯାତ୍ରା ପରେ ପୁଣି ସବୁ ଚୁପ୍ ବସିଗଲେ। ଯାହାର ସୁଯୋଗରେ ବହୁ ପ୍ରଭାବଶାଳୀ ବ୍ୟକ୍ତି, ରାଜନେତା ଓ ପ୍ରଶାସନିକ ଅଧିକାରୀ ନିଜ ଦଖଲରେ ରଖିଥିବା ଜମିରେ କୋଠାବାଡି ଓ ବ୍ୟବସାୟିକ ପ୍ରତିଷ୍ଠାନ ତିଆରି କରିବାରେ ଲାଗିଗଲେଣି। ଏଥିସହ ବାରିପଦା ଉପକଣ୍ଠରେ ଥିବା ୫ ଏକର ଜମିକୁ କିସମ ପରିବର୍ତ୍ତନ କରି ଜମି ମାଫିଆଙ୍କୁ ବିକ୍ରି କରୁଥିବା ଉଦ୍ୟମ ଚାଲିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏଥିନିମନ୍ତେ ଜମି ମଫିଆ ମାନେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ଦିନ ହେଲା ନିୟମିତ ଭାବେ ଟହଲ ମାରୁଥିବା ଦେଖିବାକୁ ମିଳୁଛି। ସହରର କିଛି ବୁଦ୍ଧିଜୀବୀ ଏହାର ତୀବ୍ର ବିରୋଧ କରି ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**